ପ୍ରତିଷ୍ଠାତା - ରାମକୃଷ୍ଣ ନନ୍ଦ

# ସଂସାର

*ଉପଦେଷ୍ଟାମଣ୍ଡଳୀ*

**ଶ୍ରୀ ସହଦେବ ସାହୁ**
**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**
**ଇଂ ପ୍ରଭାତ କୁମାର ନନ୍ଦ**

**ସମ୍ପାଦିକା**

**ଅନସୂୟା ନନ୍ଦ**

**୭୦ ବର୍ଷ, ଅଷ୍ଟମ ସଂଖ୍ୟା**
**ମାର୍ଚ୍ଚ, ୨୦୨୦**
**ବାର୍ଷିକ ମୂଲ୍ୟ--୧୪୦ ଟଙ୍କା**
**ପ୍ରତିଖଣ୍ଡ-- ୧୬ ଟଙ୍କା**

*ଯୋଗାଯୋଗ*
**ତଳତେଲେଙ୍ଗା ବଜାର,**
**କଟକ-୭୫୩୦୦୯**
*ଦୂରଭାଷ* : **୯୮୬୧୦୬୪୮୯୧,**
**୯୭୭୬୩୨୬୫୬୩**
*email :*
nandaanasuya@hotmail.com
www:odisha publication.com

ଅନ୍ୟାନ୍ୟ ବିଭାଗର ଲେଖକ--
ରବୀନ୍ଦ୍ର ପ୍ରସାଦ ଚାନ୍ଦ, ସୁଭଦ୍ରା ବେହେରା, ଜୟ ନାରାୟଣ ମହାପାତ୍ର । ପ୍ରଜ୍ଞାଜ୍ୟୋତି ବିଶ୍ୱାଳ

## ଗଳ୍ପ ଓ ଜୀବନୀ


| | | |
|---|---|---|
| ଦୃଷ୍ଟିକୋଣ | ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ | ୫ |
| ପରୀର ଯାଦୁବାଡ଼ି ଓ ଚମ୍ପୁ | ନଗେନ୍ଦ୍ର ନାଥ ପଟ୍ଟନାୟକ | ୮ |
| ଏମିତିକା ରାଜା ପାଆନ୍ତି ପୂଜା | ଘନଶ୍ୟାମ ବୋଇତେଇ | ୧୦ |
| ଅନୁଭୂତିରୁ ଗଳ୍ପଟିଏ | ବିଭୂତି ଭୂଷଣ ସେନାପତି | ୧୨ |
| ବିଚରା କଳ ମାଲିକର ପୁଅ ଓ .... | ଲକ୍ଷ୍ମୀଧର ମହାନ୍ତି | ୧୫ |
| ଦେହରକ୍ଷୀ | ଡ. ରାମଚନ୍ଦ୍ର ଦେଓ | ୨୦ |
| ରାମାୟଣ ଶୁଣିବାର ଫଳ | ଶାନ୍ତି ସାମଲ | ୨୪ |
| ରଙ୍ଗର ଖେଳ ହୋଲିର କାରଣ | ଶିବ ପ୍ରସାଦ ରାଉତ | ୨୯ |
| ଗୁରୁଙ୍କର ଶେଷଶିକ୍ଷା | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୩୧ |
| ବାସ୍ତୁଶାସ୍ତ୍ର | .......... | ୩୩ |
| ଶ୍ରେଷ୍ଠ କବିତା | ଶୈଳବାଳା ରାଉତ | ୩୬ |
| ଅଙ୍କ ବିଦ୍ୟା ଭୟଙ୍କରୀ | ନାରାୟଣ ଶତପଥୀ | ୩୮ |
| ଅଟଳ ପ୍ରତିଜ୍ଞା | ରମାକାନ୍ତ ମଲ୍ଲିକ୍ | ୪୧ |


## କବିତା


| | | |
|---|---|---|
| ଜୀବନ ଦର୍ଶନ - ଈଶ୍ୱର ବିଶ୍ୱାସ | ଡଃ କୃତ୍ତିବାସ ନାୟକ | ୬ |
| ଶ୍ରଦ୍ଧାଞ୍ଜଳି ଆମ ଘେନାକର ବାପୁ | ପୀତାମ୍ବର ମିଶ୍ର | ୭ |
| ସାଜିଯାଅ ବିଶ୍ୱକର୍ମା | ରବୀନ୍ଦ୍ର ପ୍ରସାଦ ଚାନ୍ଦ | ୧୩ |
| ଫଗୁଖେଳ | କୁଞ୍ଜବିହାରୀ ସାହୁ | ୧୪ |
| ଡିବିରି | ମୁରଲୀଧର ମେହେର | ୧୯ |
| ଜୀବନ | ବୀଣା ପଣ୍ଡା | ୨୩ |
| ସବୁଠାରୁ ପ୍ରିୟ ମୋର | କୁମୁଦଲତା ମହାନ୍ତି | ୨୭ |
| କାମ ସରିଗଲେ | ଅଭୟ କୁମାର ଜେନା | ୪୦ |
| କାଗଜ କଲମ ବହି | ପ୍ରକାଶ ଚନ୍ଦ୍ର ଦାଶ | ୪୪ |



## ଜ୍ଞାନବିଜ୍ଞାନ


| | | |
|---|---|---|
| ପ୍ରାକୃତିକ ବିପର୍ଯ୍ୟୟ- ଆଗ୍ନେୟଗିରି | ଡା. ଅଜିତାନନ୍ଦ ଗୋସ୍ୱାମୀ | ୯ |
| ବାଓବାବ୍ ବୃକ୍ଷ | ପ୍ରତାପ କିଶୋର ମହାନ୍ତି | ୨୬ |


## ମନୋରଞ୍ଜନ


| | | |
|---|---|---|
| ସାଧାରଣଜ୍ଞାନ ପରୀକ୍ଷା | ଜ୍ୟୋତିରଂଜନ ବିଶ୍ୱାଳ | ୧୮ |
| ଲେଖନୀର ପାଠଶାଳା | ରାମକୃଷ୍ଣ ନନ୍ଦ | ୨୮ |
| ଭାବି ଦେଖନ୍ତୁ | ଅନସୂୟା ନନ୍ଦ | ୪୫ |
| ଚିତ୍ର ଓ ମଞ୍ଚ | କାଞ୍ଚିନାରାୟଣ ମହାନ୍ତି | ୪୮ |
| ଶବ୍ଦଧନ୍ଦା | ଧରଣୀଧର ବେହେରା | ୫୨ |

# ଚିଠି ମୁଣି



**ସରକାରୀ ପ୍ରାଥମିକ ବିଦ୍ୟାଳୟ, କୁମୁଣିଆ, ଆନନ୍ଦପୁରରୁ ରଞ୍ଜିତା ଭୂୟାଁ–** ଫେବୃୟାରୀ ମାସର ସଂସାର ଆମର ହସ୍ତଗତ ହୋଇଛି । ସମସ୍ତ ବିଷୟ ଭଲଲାଗିଲା । ୭୦ ବର୍ଷ ଧରି ଏହି ପତ୍ରିକାଟି ଏ ପର୍ଯ୍ୟନ୍ତ ବଞ୍ଚିରହିଛି ଏବଂ ଓଡ଼ିଆ ଭାଷା-ସାହିତ୍ୟ ପାଇଁ ଏହା ଏକ ମାଇଲ ଖୁଣ୍ଟ ସଦୃଶ ।

**ଅରୁଣୋଦୟ ନଗର, କଟକରୁ ଅଜିତାନନ୍ଦ ଗୋସ୍ୱାମୀ–** ଏ ମାସ ସଂସାରରେ ଥିବା ସାଧାରଣଜ୍ଞାନ ପରୀକ୍ଷାର ଉତ୍ତରରେ ମିଳିତ ଜାତିସଂଘର କାର୍ଯ୍ୟକାରୀ ଭାଷା କେବଳ ଇଂରାଜୀ ଓ ଫ୍ରେଞ୍ଚ ନୁହେଁ । ଏବେ ଏହା ଆରବିକ, ଚାଇନିଜ, ଋଷିଆନ୍, ଇଂଲିଶ, ଫ୍ରେଞ୍ଚ ଓ ସ୍ପେନିସ୍ ହୋଇଛି ଏବଂ ୨୩ ପୃଷ୍ଠାର ନିମ୍ନରେ ଥିବା ଚିତ୍ରକୁ ନିରୀକ୍ଷଣ କଲେ ଏହାର ଉତ୍ତର '୨୦' ହେବ । ଏଥିପ୍ରତି ଦୃଷ୍ଟି ଦେବେ ।

**ତୁଳସୀପୁରରୁ ଇଂ. ରଘୁନାଥ ପ୍ରସାଦ ଦାସ–** ଫେବୃଆରୀ ମାସରେ ୩୩ ପୃଷ୍ଠାରେ ଥିବା ଚିତ୍ରର ଉତ୍ତର ଭୁଲଅଛି । ତାହାହେବ– ୫ +୫ x୨=୫+(୫x୨) =୫+୧୦=୧୫ ହେବ ।

ଉତ୍ତର- ଗଣିତ ସୂତ୍ର ଅନୁଯାୟୀ ହରଣ, ଗୁଣନ, ମିଶାଣ, ଫେଡ଼ାଣ ଅନୁସାରେ ଏହାକୁ ଦେଖିଲେ ପ୍ରଥମେ ଗୁଣନ= ୫x୨ ଏବଂ ପରେ ୫ ସହିତ ମିଶାଯାଇ ତାହା ୧୫ ହେବ ।

**କେଟଲା, କୋରାପୁଟରୁ –** ଏ ମାସର ସଂସାର ପଢ଼ିଲି । ବୁଦ୍ଧିପରୀକ୍ଷାର ଉତ୍ତର ୩୯ ପୃଷ୍ଠାରେ ନାହିଁ । କିନ୍ତୁ ଲେଖାଯାଇଛି ଏହାର ଉତ୍ତର ୩୯ ପୃଷ୍ଠା । ଦୟାକରି ନଜର ଦେବେ ।

**ଉତ୍ତର–** ସାଧାରଣଜ୍ଞାନ ପରୀକ୍ଷାର ଉତ୍ତର ୩୯ ପୃଷ୍ଠାରେ ଲେଖାଯାଇଛି ଏବଂ ତାହା ୩୬ ପୃଷ୍ଠାରେ ରହିଛି । ଏହି ତ୍ରୁଟି ପାଇଁ ଆମେ ଦୁଃଖିତ ।

## ଅଭିନନ୍ଦନ

ଆମର ପରିଚିତ ଲେଖକ ତଥା ଶିଶୁ ସାହିତ୍ୟିକ **ଡକ୍ଟର ଯୁଗଳ କିଶୋର ଷଡ଼ଙ୍ଗୀଙ୍କୁ** ସିନ୍ଧେକେଲା, ବଲାଙ୍ଗୀରର ଧନୁଯାତ୍ରା ମହୋତ୍ସବରେ 'ଶିଶୁ ଗୌରବ ସମ୍ମାନ-୨୦୨୦'ରେ ସମ୍ମାନିତ କରାଯାଇଛି । ସେଥିପାଇଁ ଆମେ ଗର୍ବିତ । ତାଙ୍କର ଲେଖକୀୟ ଜୀବନ ଚିର ଜାଜ୍ୱଲ୍ୟମାନ ହେଉ– ଏତିକି ଈଶ୍ୱରଙ୍କ ନିକଟରେ କାମନା କରିବା ସହିତ ତାଙ୍କୁ ଅଭିନନ୍ଦନ ଜଣାଉଛୁ ।

**'ସଂସାର ପରିବାର'**

## ସଂସାରର ନିୟମାବଳୀ

୧। ଚିଠିପତ୍ର ବା ଟଙ୍କା ପଠାଇବାବେଳେ ଗ୍ରାହକ ନମ୍ବର ଓ ପିନ୍‌କୋର୍ଡ୍ ସହ ଠିକଣା ଲେଖିବାକୁ ବା ଫୋନ୍ ଦ୍ୱାରା ଜଣାଇବାକୁ ଅନୁରୋଧ । ଏହାଦ୍ୱାରା ସେମାନଙ୍କ ସହିତ ଯୋଗାଯୋଗ କରିବା ସହଜ ହେବ ।

୨। ବିଜ୍ଞାପନ ଓ ଏଜେନ୍‌ସି ପାଇଁ ପରିଚାଳକଙ୍କୁ ଯୋଗାଯୋଗ କରନ୍ତୁ ।

୩। ୧୦ଖଣ୍ଡରୁ କମ୍ ପତ୍ରିକା ପାଇଁ ଏଜେନ୍‌ସି ଦିଆଯାଏ ନାହିଁ ।

୪। ଏଜେଣ୍ଟମାନଙ୍କ 'ସଂସାର' ବାବଦ ଦେୟ ୨୦ ତାରିଖ ପୂର୍ବରୁ ଆମ ପାଖରେ ପହଞ୍ଚିବା ଆବଶ୍ୟକ, ନଚେତ୍ ପତ୍ରିକା ପଠାଇବା ସମ୍ଭବ ହେବ ନାହିଁ ।

### ଏ ମାସର ପ୍ରଚ୍ଛଦ

ଏ ମାସର ପ୍ରଚ୍ଛଦରେ 'ବାଓବାବ୍' ବୃକ୍ଷ ବିଷୟରୁ ଚିତ୍ର ପ୍ରଦତ୍ତ ହୋଇଛି ।



# ଦୃଷ୍ଟିକୋଣ

ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ

ପ୍ରାଥମିକ ବିଦ୍ୟାଳୟର ଗଣିତ ଶିକ୍ଷୟିତ୍ରୀ କବିତା ଦିଦି । ସବୁ ପିଲାଙ୍କର ପ୍ରଥମ ପସନ୍ଦ । କାରଣଟି ସାଦାସିଧା । ହାତରେ ବେତ ନ ଥାଏ କି ପାଟିରେ ଗାଳି ନ ଥାଏ । ବୁଝାଇସୁଝାଇ ଛୋଟ ଛୋଟ ପିଲାଙ୍କୁ ପଢ଼ାଇବା ଓ ପାଠ ଆଦାୟ କରିବାର ସବୁ କଳା ତାଙ୍କ ପାଖରେ ସତେ ଯେମିତି ଖୁନ୍ଦି ହୋଇ ରହିଛି । ସକାଳୁ ଚାଲିବାକୁ ଗଲାବେଳେ ଅଧିକାଂଶ ଦିନ ବାଟରେ ଦେଖାହୁଏ । ଦିନେ ରାସ୍ତାରେ ଗଳ୍ପ କରି ଗଲାବେଳେ ପଚାରିଲି, ''ଦିଦି !, ଆପଣଙ୍କର ଦୀର୍ଘ ଦିନର ଅନୁଭୂତିରୁ ଗୋଟିଏ ସ୍ମରଣୀୟ ଘଟଣା କୁହନ୍ତୁ ।'' ଦିଦି ହସି ହସି କହିଲେ, ''ପିଲାମାନେ ଭୁଲ୍ କଲା ଭଳି ଲାଗିଲେ ବି ଠିକ୍ ହୋଇପାରନ୍ତି ।'' ଏତକ କହି, ଦିଦି ଚୁପ୍ ରହିଲେ । ତାଙ୍କର ଏ କଥାଟି ବେଶ୍ ସାଦାସିଧା ହୋଇଥିଲେ ହେଁ ରହସ୍ୟପୂର୍ଣ୍ଣ ଲାଗୁଥିଲା । ଭାବୁଥିଲି, ଏ କଥାରେ ନିଶ୍ଚୟ କିଛି ସନ୍ଦେଶଭରା ଘଟଣା ଲୁଚି ରହିଛି । ତାଙ୍କୁ କହିବା ପାଇଁ ଅନୁରୋଧ କଲି । ଦିଦି ଗୋଟିଏ ସୁନ୍ଦର ଶିକ୍ଷଣୀୟ ଘଟଣାର ଅବତାରଣା କଲେ, ଯାହାକି ଥିଲା ଏହିପରି–

ସାତ ବର୍ଷର ପିଲା ପୁଲିନ୍ । ଦ୍ୱିତୀୟ ଶ୍ରେଣୀର ଛାତ୍ର । ଦିନେ ଗଣିତ କ୍ଲାସରେ ଦିଦି ତାକୁ ପଚାରିଲେ– ''ତୁମକୁ ଯଦି ପ୍ରଥମେ ଗୋଟିଏ ସେଓ, ତା'ପରେ ଗୋଟିଏ ଓ ପରେ ଆଉ ଗୋଟିଏ ଦିଆଯାଏ, ତା'ହେଲେ କେତେଟା ହେବ ?''

ପିଲାଟି ତତ୍‌କ୍ଷଣାତ୍ ଉତ୍ତର ଦେଲା– 'ଚାରି' । ଭୁଲ୍ ଉତ୍ତରଟି ପିଲାଠାରୁ ପାଇ ଦିଦି ବ୍ୟସ୍ତ ହୋଇପଡ଼ିଲେ । ଏଭଳି ଏକ ଭୁଲ୍ ଉତ୍ତର ସେ କେବେ ତା'ଠାରୁ ଆଶା କରୁ ନଥିଲେ । ଭାବିଲେ, ପିଲାଟି ପ୍ରଶ୍ନଟିକୁ ବୋଧହୁଏ ଠିକ୍ ଭାବେ ଶୁଣିପାରିନାହିଁ । ଦିଦି ତାକୁ କହିଲେ, ''ତୁମେ ପ୍ରଶ୍ନଟିକୁ ଭଲ ଭାବେ ଶୁଣ । ତା'ପରେ ଉତ୍ତର ଦିଅ ।'' ପ୍ରଶ୍ନଟିକୁ ଆଉଥରେ ପଚାରିଲେ । ଏଥର ପୁଲିନ ହିସାବ କରିବା ପାଇଁ ତା'ର ହାତର ଆଙ୍ଗୁଳିଗୁଡ଼ିକୁ ଲଗାଇଲା । ଉତ୍ତରଦେଲା, 'ଚାରି' । କବିତା ଦିଦି ଏଥର ହତାଶ ଯେପରି ହେଲେ, ଅବାକ୍ ମଧ୍ୟ ସେପରି ହେଲେ । ଭାବିପାରିଲେ ନାହିଁ, କ'ଣ ପାଇଁ ଏତେ ସରଳ ପ୍ରଶ୍ନର ଉତ୍ତର ସେ ଭୁଲ୍ ଦେଉଛି ।

ଦିଦି ଅନେକ କଥା ଚିନ୍ତା କରି ଚାଲିଲେ । ଭାବିଲେ, ପୁଲିନ କମଳା ଖାଇବା ପାଇଁ ଭଲପାଏ । ସେଓ ତା'ର ପସନ୍ଦ ନ ଥିବାରୁ କାଳେ ଭୁଲ୍ ଉତ୍ତର ଦେଇଥାଇପାରେ ବୋଲି ଭାବିଲେ । ଦିଦି ଏଥର ପ୍ରଶ୍ନଟିକୁ ବଦଳାଇ ପଚାରିଲେ,''ତୁମକୁ ଯଦି ପ୍ରଥମେ ଗୋଟିଏ କମଳା, ତା'ପରେ ଗୋଟିଏ ଓ ପରେ ଆଉ ଗୋଟିଏ ଦିଆଯାଏ, ତା'ହେଲେ କେତେଟା ହେବ ?'' ପିଲାଟି ଚଟାପଟ୍ ଆଙ୍ଗୁଳି ଗଣି ଉତ୍ତରଦେଲା,'ତିନି' । ଦିଦି ବହୁତ ଖୁସିହୋଇ ତା'ର ପିଠି ଥାପୁଡ଼େଇଲେ । ଭାବି ଚାଲିଥିଲେ– ଏ କିପରି ଗୋଲକ ଧନ୍ଦା ସେଓ ବେଳକୁ ଉତ୍ତର ଭୁଲ୍ ଓ ପୁଣି କମଳା ବେଳକୁ ଉତ୍ତର ଠିକ୍ ।

ଦୀର୍ଘ ତିରିଶ ବର୍ଷର ଶିକ୍ଷାଦାନ ଭିତରେ ଏପରି ଘଟଣା କେବେ ସାମ୍ନା କରିଥିବାର ମନେହେଲା ନାହିଁ । ଅସମ୍ଭବ ଧୈର୍ଯ୍ୟର ଅଧିକାରିଣୀ କବିତା ଦିଦି ଏ ଘଟଣାଟିକୁ ଏତିକିରେ ଛାଡ଼ିଦେଲେ ନାହିଁ । ଘଟଣାଟିକୁ ସଂପୂର୍ଣ୍ଣ ଭାବେ ବିଶ୍ଳେଷଣ କରି ତା'ର ରହସ୍ୟ ଉନ୍ମୋଚନ କରିବା ପାଇଁ ପୁଣି ସେହି ପୁରୁଣା ପ୍ରଶ୍ନ ସେଓକୁ ନେଇ ପଚାରିଲେ । ଭାବିଥିଲେ, ଏଥର ପୁଲିନ୍ ଉତ୍ତର 'ତିନି' କହିବ । ତାଙ୍କ ଧାରଣାକୁ ଭୁଲ ପ୍ରମାଣିତ କରି ପୁଲିନ କହିଲା 'ଚାରି' । ଏଥର ଦିଦିଙ୍କ ମୁଖମଣ୍ଡଳରେ ବିରକ୍ତିର ଛିଟା ଦେଖାଦେଲା । ସେ ଚଢ଼ା ଗଳାରେ ପୁଲିନକୁ କହିଲେ,'ଭୁଲ୍ ଉତ୍ତର କହିଁକି ଦେଉଛ ?' ପୁଲିନ୍ କହିଲା, 'ମୋ' ବ୍ୟାଗ୍‌ରେ ଗୋଟିଏ ସେଓ ଅଛି । ଆପଣ ଦେଇଥିବା ତିନିଟି ସେଓ ମିଶିଲେ ଚାରିଟା ହେବ ।'

ପିଲାଟିର ଉତ୍ତର ଦିଦିଙ୍କୁ ଚକିତ କରିଦେଲା । ନିଜର ବିରକ୍ତି କେଉଁଆଡ଼େ ଅପସରିଗଲା । ପିଲାର ଦୃଷ୍ଟିକୋଣ ଯେ ଠିକ୍ ହୋଇପାରେ, ତାହା ଆଜି ଶିକ୍ଷା ପାଇଲେ । ଦିଦିଙ୍କର ଏହି କଥାଟି ଶୁଣି ଭାବୁଥିଲି, ବିଭିନ୍ନ ଦୃଷ୍ଟିକୋଣରୁ ବିଚାର ନ କରି ଆମେ ଅନ୍ୟକୁ କେତେ ସହଜରେ ଭୁଲ୍ ବୋଲି କହିଥାଉ !



*ମୀର୍ଜାପୋଖରି, ବାଲେଶ୍ୱର*

# ଜୀବନ ଦର୍ଶନ - ଈଶ୍ୱର ବିଶ୍ୱାସ

ଡଃ କୃତିବାସ ନାୟକ

ଈଶ୍ୱର ବିଶ୍ୱାସ ପାହାଡ଼କୁ କେବେ
ଛୋଟ କରିଦିଏ ନାହିଁ
ପାହାଡ଼ ଚଢ଼ିବା ସହଜ କରାଏ
ମନୋବଳକୁ ବଢ଼ାଇ ।


ଈଶ୍ୱର ବିଶ୍ୱାସ ସାପର ବିଷକୁ
ଶୋଷି ନେଇଯାଏ ନାଇଁ
ଦେହର ଯନ୍ତ୍ରଣା ଆଉ ମରିଯିବା
ଭୟକୁ ଦିଏ ଦୂରେଇ ।

ଈଶ୍ୱର ବିଶ୍ୱାସ ପରୀକ୍ଷା ବେଳକୁ
ପାଠ କହିଦିଏ ନାହିଁ
ଆଶଙ୍କା ହଟେଇ ଆତ୍ମବିଶ୍ୱାସକୁ
ଦୃଢ଼ କରିଥାଏ ସେହି ।

ଈଶ୍ୱର ବିଶ୍ୱାସ ରୋଗ ଜୀବାଣୁକୁ
ମାରି ସୁସ୍ଥ କରେ ନାହିଁ
ଦେହ ଦୁର୍ବଳତା ରୋଗର ଭୟକୁ
ଦୂରେ ରଖିଦିଏ ନେଇ ।

ଈଶ୍ୱର ବିଶ୍ୱାସ ଉଷୁନା ଧାନକୁ
ଗଜା ବି କରିବ ନାହିଁ
ଅସମ୍ଭବକୁ ସେ ସମ୍ଭବ କରନ୍ତି
ବିପଦେ ସାହସ ଦେଇ ।

*ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧*



## ଶ୍ରଦ୍ଧାଞ୍ଜଳି ଆମ ଘେନାକର ବାପୁ

ଶ୍ରୀ ପୀତାମ୍ବର ମିଶ୍ର

ପାବନ ପଥରେ ତୁମେ ଥିଲ ପାନ୍ଥ
ସାବରମତିର ସନ୍ଥ ,
ପଥଶ୍ରାନ୍ତ ହୋଇ ଲୋଡ଼ିନାହଁ ଶାନ୍ତି
ହୋଇନାହଁ କେବେ କ୍ଳାନ୍ତ ।
କୃତି କାଉଁରିରେ କରିଲ କିମିଆଁ
ଗୁଣରେ ହୋଇ ଗୁଣିଆ,
ଜନଗଣଙ୍କର ମନକୁ କିଣିଲ
ଜାଣିଲା ସାରା ଦୁନିଆଁ ।
ସଦାଚାର ବ୍ରତ ଆଚରି ଜୀବନେ
ସଦା ଥିଲ କର୍ମରତ,
ଆସକ୍ତି, ଅସୂୟା, ଅସ୍ମିତା ତୁମକୁ
କରିନାହିଁ ପରାହତ ।
ତୁମରି ଡାକରେ ଭାଂଗିଥିଲା ନିଦ
ଜାଗିଥିଲେ ଦେଶବାସୀ;
ମୁକ୍ତି ସଂଗ୍ରାମରେ ସଂଗ୍ରାମୀ ହେବାକୁ
ଶପଥ କରିଲେ ମିଶି ।
ଭଲପାଇବାର ମନ୍ତର ଜପାଇ
ତନ୍ତ୍ର କରିଥିଲ ତୁମେ,
ଯନ୍ତର ପରିକା ଜନ ସାଧାରଣ
ମଜ୍ଜିଲେ ଜାତୀୟ ପ୍ରେମେ ।
ଏକତା ବଳରେ ବଳୀୟାନ୍ ହୋଇ
ଜୀବନକୁ ରଖି ବାଜି,
ହସି ହସି କେତେ ସହିଦ ହୋଇଲେ
ମୁକ୍ତି ସଂଗ୍ରାମରେ ଯୁଝି ।
କାରାଗାରେ ରହି କେତେ ଦେଶଭକ୍ତ
ତୁଟାଇ ନିଜର ମୋହ,
ସ୍ୱାଧୀନତା ପାଇଁ ସପନ ଦେଖିଲେ
ନିଗାଡ଼ି ଆଖିରୁ ଲୁହ ।
ଅହିଂସା ଆୟୁଧେ କରିଲ ସଗ୍ରାଂମ
ରଚିଲ ନୂଆ ବିଧାନ ।
ହିଂସ୍ର ଶାସକଙ୍କୁ ପରାଜିତ କରି
ଦେଶକୁ କଲ ସ୍ୱାଧୀନ ।
ରାବଣକୁ ବଧ କରିଥିଲେ ରାମ
ଧରିଥିଲେ ଧନୁ ହାତେ,
କୁରୁକ୍ଷେତ୍ର ଯୁଦ୍ଧ ଜିତିଲେ ଶ୍ରୀକୃଷ୍ଣ
ସୁଦର୍ଶନ ଥିଲା ସାଥେ ।
ଶୂନ୍ୟ ହାତେ ତୁମେ ମହା ଶକ୍ତିଶାଳୀ
ଇଂରେଜ ସାଥିରେ ଲଢ଼ି,
ଭାରତକୁ ତୁମେ ସ୍ୱାଧୀନ କରିଲ
ଦେଶୁ ଦେଲ ତାଙ୍କୁ ତଡ଼ି ।

# ପରୀର ଯାଦୁବାଡ଼ି ଓ ଚମ୍ପୁ

ଶ୍ରୀ ନଗେନ୍ଦ୍ର ନାଥ ପଟ୍ଟନାୟକ

ସୋନଲ ବୋଇଲେ ପରୀଟିଏ । ଭାରି ସୁନ୍ଦରୀ । ଜୁଳୁଜୁଳୁ ନୀଳ ଆଖିଯୋଡ଼ିକ ତାର ଦାଉଦାଉ ହୋଇ ଉଜ୍ଜ୍ୱଳିଉଠେ ଆଉ ଚିକମିକ୍ ସୁନେଲି ଡେଣାରେ ଉଡ଼ିଗଲେ ଆକାଶ କୋଳ ଝଲସି ଉଠୁଥାଏ । ତା'ପାଖରେ ଥାଏ ଯାଦୁର ବାଡ଼ି ଖଣ୍ଡେ । ସେଇ ଯାଦୁବାଡ଼ି ବଳରେ ସେ ତାର ମନମୁତାବକ କାମ କରିଦିଏ । ଗୁଲୁଗୁଲିଆ ପିଲାଙ୍କୁ ସେ ଖୁବ୍ ଭଲପାଏ । ଡଗଡଗ ହୋଇ ଚଲାବୁଲା କରୁଥିବା ପିଲାଙ୍କ ସାଙ୍ଗରେ ମିଶି ମନ ଖୁସିରେ ଖେଳେ ଆଉ ସାହାଯ୍ୟ ବି କରେ ।

ଦିନକର କଥା । ସୋନଲ ଚକମକିଆ ଡେଣାକୁ ଝାଡ଼ି ଆକାଶରେ ଉଡ଼ି ଉଡ଼ି ଯାଉଥାଏ । ଗୋଟିଏ ଝରଣା କୂଳରେ ଓହ୍ଲାଇ ଦେଖିଲା, ସେଠି ପିଲାଟେ ଏକୁଟିଆ ମୁହଁ ଶୁଖାଇ,ଚକାମାରି ବସିଛି । ସୋନଲ ତା ପାଖକୁ ଗଲା । ମନଟା ଖଟା କରିବାର କାରଣ କ'ଣ ପଚାରିଲା । ପିଲାଟି କହିଲା– ''ମୋ ନାଁ ଚଂପୁ । ମୋ ଭାଇଭଉଣୀ ସାଙ୍ଗରେ ଏଠିକି ଆସିଥିଲି । ଚଲାବୁଲା କରୁକରୁ ଆଗେ ଆଗେ ସେମାନେ କୁଆଡେ଼ ଚାଲିଗଲେ । ମୁଁ ସେମାନଙ୍କ ପଛରେ ଯାଉଥିଲି । ହେଲେ ଏବେ ମୁଁ ଘରକୁ ଯିବାକୁ ବାଟ ପାଉନି ।''



ଏ କଥା ଶୁଣି ସୋନଲ ଚଂପୁର କଅଁଳ ମୁଣ୍ଡକୁ ଆଉଁଶି ଦେଇ କହିଲା, ''ଏଥର ତୁ ମୋ ବାଆଁ ହାତକୁ କଷିକରି ଧର । ଚାଲ,ଏଇଲେ ଆମେ ତୋର ଭାଇଭଉଣୀକୁ ଖୋଜି ବାହାର କରିବା । ସେଠୁ ଯାଇ ତୋତେ ମୁଁ ତୋର ଘରେ ଛାଡ଼ିଦେବି ।'' ଚମ୍ପୁ ଖୁସିହୋଇ ସଂଗେ ସଂଗେ ସୋନଲପରୀର ହାତ ଜାବୁଡ଼ି ଧରିଲା । ସୋନଲ ପରୀ ଚମ୍ପୁକୁ ନେଇ ଝଲମଲ ଡେଣା ମେଲାଇ

---

ଯୁଗଜନ୍ମା ତୁମେ ଯୁଗେ ଯୁଗେ ଥିବ
ଜାତିର ଜନକ ହୋଇ,
ସଭିଙ୍କ ଆତ୍ମାରେ ମହାତ୍ମା ରୂପରେ
ରହିଥିବ ସଦା ଜୀଇଁ ।
ଶ୍ରଦ୍ଧାଞ୍ଜଳି ଆମ ଘେନାକର ବାପୁ
କରୁଅଛୁ ଆମେ ଅଳି,
ଜାତି ପ୍ରୀତି ବହି ସବୁରି ହୃଦୟେ
ଆଉ ଥରେ ଦିଅ ଜାଳି ।

*ବାଗଦାବିନାୟକପୁର, ବାସୁଦେବପୁର, ଭଦ୍ରକ*

ସାଏଁ କିନା ଆକାଶରେ ଉଡ଼ିଗଲା । ଖଣ୍ଡେ ଦୂର ଉଡ଼ିଗଲା ପରେ ଏକ ଘନ ଜଂଗଲକୁ ବେଢ଼ି ଏକ ଢେଉଢେଉକା ପାହାଡ଼ ଉପରେ ଚମ୍ପୁର ଭାଇଭଉଣୀ ବସିଥିବାର ଦିହିଁଙ୍କ ଆଖିରେ ପଡିଲା । ଦୁହେଁ ଯାଇ ସେଇଠି ଓହ୍ଲାଇଲେ । ଚମ୍ପୁ ତା ଭାଇଭଉଣୀକୁ ପାଇ ମନ ଖୁସିରେ ନାଚି ଉଠିଲା । ସେତେବେଳକୁ ସେମାନଙ୍କ ପେଟ ଭୋକରେ ଜଳୁଥାଏ ଆଉ ଶୋଷରେ ପାଟି ଶୁଖିଯାଇଥାଏ ।

ଏ କଥା ଦେଖି ପରୀ ଯାଦୁବାଡିକୁ ଘୂରାଇଲା । ଚାହୁଁ ଚାହୁଁ ସେଠି ନାନା ରକମର ମିଠେଇ,ଚକୋଲେଟ୍, ପାଚିଲା ମିଠାଫଳ ଓ ଫଳରସ ଆଦି ସୁଆଦିଆ ଖାଇବା ଜିନିଷ ଥାଳିଆରେ ସଜିଲ ହୋଇ ଥୁଆ ହୋଇଗଲା । ପିଲା ତିନିହେଁ ପେଟ ପୂରେଇ ମନଇଚ୍ଛା ଖାଇଲେ । ପୁଣି ପରୀ ସେମାନଙ୍କ ସହିତ ଲୁଚକାଳି ଖେଳ ଖେଳିଲା । ବେଳ ବୁଡ଼ିଯିବାରୁ ସୋନଲ ପରୀ ପୁଣି ଥରେ ତାର ଯାଦୁବାଡ଼ିକୁ ଘୂରାଇଲା । ଦେଖୁ ଦେଖୁ ଗୋଟିଏ ସୁନ୍ଦର ଉଡନ୍ତା ଖଟୁଲି ଆସିଗଲା । ସେମାନେ ସଭିଏଁ ସେଥିରେ ଜାକିଜୁକି ହୋଇ ବସିପଡ଼ିଲେ । ଓଠରେ ସେମାନଙ୍କର ହସର ଧାରା ଛୁଟୁଥାଏ । ପରୀର ଆଦେଶ କ୍ରମେ ଉଡ଼ନ୍ତା ଖଟୁଲି ଘିରି ଘିରି ହୋଇ ସାଏଁକିନା ଆକାଶକୁ ଉଠିଗଲା ଏବଂ କେତେ ମିନିଟ୍ ମଧ୍ୟରେ ସେମାନଙ୍କ ଘର ଆଗରେ ଓହ୍ଲାଇପଡ଼ିଲା ।

ପରୀ ସେ ତିନିଙ୍କୁ ଘର ଅଗଣାରେ ଓହ୍ଲାଇଦେଲା । ଘରେ ବଡ଼ ଆରାମରେ ପହଂଚି ଯାଇଥିବାରୁ ସେମାନଙ୍କ ମନ ଭାରି ଖୁସି । ସେଇଠୁ ସେମାନେ ସୋନଲପରୀକୁ ବହୁତ ଧନ୍ୟବାଦ ଦେଲେ । ପରୀ ବି ସେ ତିନିଜଣଙ୍କୁ ଗୋଟେଲେଖାଁ ଚକୋଲେଟ୍ ଉପହାର ଦେଇ ସ୍ୱର୍ଗକୁ ଉଡ଼ିଗଲା ।

*ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର୍.ଡି.ଏ. ଭଦ୍ରକ*



# ପ୍ରାକୃତିକ ବିପର୍ଯ୍ୟୟ-ଆଗ୍ନେୟଗିରି

ଡା. ଅଜିତାନନ୍ଦ ଗୋସ୍ୱାମୀ

ଆଗ୍ନେୟଗିରିକୁ ଇଂରାଜୀରେ ଭଲକାନୋ ଓ ଏହାର ଉଦ୍‌ଗୀରଣକୁ 'ଭଲ୍‌କାନିକ୍ ଇରପସନ୍' କହନ୍ତି । ଗ୍ରୀକ୍‌ମାନଙ୍କ ସଭ୍ୟତାରେ ସେମାନେ ଅଗ୍ନି ବ୍ୟବହାର ସମୟରେ ସେମାନଙ୍କର ଏକ ଦେବତା ଭଲକାନ୍‌ଙ୍କୁ ସ୍ମରଣ କରନ୍ତି । ଭଲ୍‌କାନ୍ ଶବ୍ଦରୁ ଭଲ୍‌କାନୋ ହୋଇଛି, ଯେହେତୁ ଏଥିରୁ ଅଗ୍ନି ଉଦ୍‌ଗୀରଣ ହୁଏ । ଆଗ୍ନେୟଗିରିର ଗର୍ତ୍ତକୁ କ୍ରାଟର୍ କହନ୍ତି । ଭୂଗର୍ଭର ଗଭୀରତମ ଅଞ୍ଚଳ ଅତ୍ୟନ୍ତ ଉତ୍ତପ୍ତ । ଉକ୍ତ ଅଞ୍ଚଳରୁ ଆଗ୍ନେୟଗିରି ଅତ୍ୟନ୍ତ ଉତ୍ତପ୍ତ ଲାଭା ବା ଭୂତ୍ୱକ୍‌ଗୁଡ଼ିକୁ ଉଦ୍‌ଗୀର୍ଣ୍ଣ କରିଥାଏ ।

ଆଗ୍ନେୟଗିରି କିପରି ଉଦ୍‌ଗୀର୍ଣ୍ଣ କରେ ଜଣାନାହିଁ । କେତେକ ଭୂ-ତତ୍ତ୍ୱବିତ୍ କହନ୍ତି ଯେ ଭୂମିକମ୍ପ ଦ୍ୱାରା ଫାଟ ସୃଷ୍ଟି ହୁଏ । ଭୂଗର୍ଭର ଅତ୍ୟନ୍ତ ଉତ୍ତାପରେ ଜଳ ଜଳୀୟବାଷ୍ପରେ ପରିଣତ ହୁଏ । ଜଳୀୟବାଷ୍ପର ଊର୍ଦ୍ଧ୍ୱଗାମୀ ଶକ୍ତିରେ ଅତ୍ୟନ୍ତ ଉତ୍ତପ୍ତ ଲାଭାଗୁଡ଼ିକ ଆଗ୍ନେୟଗିରିର କ୍ରାଟର୍ ଦେଇ ଉଦ୍‌ଗୀର୍ଣ୍ଣ ହୋଇଥାଏ ।

ପୃଥିବୀରେ ୧୩୪୩ଟି ଆଗ୍ନେୟଗିରି ରହିଛି । ଭାରତର ଆଣ୍ଡାମାନ ନିକୋବରରେ ଏକମାତ୍ର ସକ୍ରିୟ ଆଗ୍ନେୟଗିରି ଅଛି । ଏହାର ବ୍ୟାସରେଖା ୩କି.ମି. । ଏହା ୧୭୬ବର୍ଷ ଧରି ନିଷ୍କ୍ରିୟ ହୋଇ ରହିବା ପରେ ୧୯୯୫ରୁ ପୁନଶ୍ଚ ସକ୍ରିୟ ହୋଇପାରିଛି । ସମୁଦ୍ରରେ ୮୦ଟି ଆଗ୍ନେୟଗିରି ସକ୍ରିୟ ଅବସ୍ଥାରେ ରହିଛି । ପ୍ରଶାନ୍ତ ମହାସାଗରର ମାନାକା ଦ୍ୱୀପରେ ମାନାକୀ ନାମକ ଆଗ୍ନେୟଗିରି ରହିଛି । ଏହା ବିଶିଷ୍ଟ ସକ୍ରିୟ ଆଗ୍ନେୟଗିରି ଭାବେ ଖ୍ୟାତ । ଆଗ୍ନେୟଗିରିରୁ ଉଦ୍‌ଗୀରଣ ହେଉଥିବା ଲାଭାଗୁଡ଼ିକ ଏକ ପ୍ରକାରର ନୁହେଁ । ବିଭିନ୍ନ ଲାଭାରେ ଥିବା ବିଭିନ୍ନ ରସାୟନିକ ପଦାର୍ଥଗୁଡ଼ିକୁ ଚିହ୍ନଟ କରିବା ଏବଂ ଏହାର ପରିମାଣ ଜାଣିବାକୁ 'ମାଗମା' ନାମକ ଯନ୍ତ୍ର ବ୍ୟବହାର କରାଯାଏ ।

*ଅଚ୍ୟୁତାନନ୍ଦ ମାର୍ଗ, ଅରୁଣୋଦୟ ନଗର, କଟକ-୧୨*



✤ ଜେଜେଙ୍କୁ ଜର । ସେ ଖଟରେ ଶୋଇଛନ୍ତି । ନାତି କହିଲା, 'ଜେଜେ ପାଉଁରୁଟି ଆଉ ଦୁଧ ଆଣିଛି । ରୁଟିକୁ ଚାରିଖଣ୍ଡ କରିଦେବି ନା ଆଠ ଖଣ୍ଡ କରିଦେବି ।'
ଜେଜେ- ଡାକ୍ତର ଅଳ୍ପ ଖାଇବାକୁ କହିଛନ୍ତି । ଆଠଖଣ୍ଡ କଲେ ବେଶି ହୋଇଯିବ । ଚାରିଖଣ୍ଡ କର ।

# ଏମିତିକା ରାଜା ପାଆନ୍ତି ପୂଜା

ଶ୍ରୀ ଘନଶ୍ୟାମ ବୋଇତେଇ

ରାଜା ହୋଇ ରାଜଗାଦିରେ ବସି ରାଜ୍ୟ ଶାସନ କଲେ ପ୍ରଜାବତ୍ସଳ ହୋଇପାରନ୍ତି ନାହିଁ । ଶାସ୍ତ୍ରରେ ଲେଖାଅଛି– ଯେଉଁ ରାଜା ଛଦ୍ମବେଶରେ ରାଜ୍ୟରେ ବୁଲି ପ୍ରଜାମାନଙ୍କ ଅବସ୍ଥା ନିଜ ଆଖିରେ ଦେଖି ତା'ର ପ୍ରତିକାର କରିଥାନ୍ତି, ସେ ପ୍ରଜାବତ୍ସଳ ରାଜା ଭାବେ ଗଣାହୋଇଥାନ୍ତି । ଉଦାହରଣଟିଏ ଦେଲେ ଏହାର ସତ୍ୟତା ଜାଣିହେବ ।

ଗୋଟିଏ ରାଜ୍ୟରେ ଜଣେ ଭଲ ରାଜା ଥିଲେ । ପ୍ରଜାମାନଙ୍କର ସୁଖଦୁଃଖ ବୁଝିବା ପାଇଁ ସେ ମଝିରେ ମଝିରେ ଗାଆଁ-ଗଣ୍ଡା, ସହର-ବଜାରରେ ବୁଲୁଥିଲେ । ଥରେ ରାଜା ବୁଲୁବୁଲୁ ଗୋଟିଏ ଗାଆଁ ମୁଣ୍ଡରେ ଥିବା ଆଖୁ କିଆରିରେ ପହଞ୍ଚିଗଲେ । ସ୍ତ୍ରୀ ଲୋକଟିଏ ଆଖୁ କିଆରିକୁ ଜଗିଥିଲା । ଧୁ ଧୁ ଖରାବେଳ । ଅପରିଚିତ ଲୋକଟିକୁ ଦେଖି ସ୍ତ୍ରୀଲୋକଟି ତା' ପାଖରେ ରଖିଥିବା ଆଖୁରସରୁ କିଛି ପିଇବାକୁ ଦେଲା । ରାଜାଙ୍କୁ ତ ଶୋଷ ଲାଗୁଥିଲା । ସେ ଆନନ୍ଦ ମନରେ ସେତକ ପିଇଦେଲେ । ଆଖୁରସ ତାଙ୍କୁ ଭାରି ଭଲଲାଗିଲା । ଏହାପରେ ସେ ତାଙ୍କ ରାଜପ୍ରାସାଦକୁ ଫେରିଆସିଲେ ।

ସେଦିନ ରାତିରେ ଶୋଇଲାବେଳେ ଭାବିଲେ– ମୋ ରାଜ୍ୟର ଚାଷୀମାନେ ଏତେ ସୁନ୍ଦର ଫସଲ କରିପାରୁଛନ୍ତି । ଏଥିରୁ ମିଳୁଥିବା ଲାଭସବୁକୁ ତ ସେମାନେ ନେଇଯାଉଛନ୍ତି, ମୋ ରାଜ୍ୟର କ'ଣ ଲାଭ ହେଉଛି ? ଏହି ଫସଲ ଉପରେ ଖଜଣା ବସାଇଦେଲେ ଯାହା ରାଜସ୍ୱ

ମିଳନ୍ତା, ସେଥିରେ ତ ମୋ ରାଜ୍ୟର ଅଧିକ ଉନ୍ନତି ହୋଇପାରନ୍ତା ।

ତହିଁ ଆରଦିନ ମନ୍ତ୍ରୀଙ୍କୁ ଡକାଇ ସବୁକଥା କହି ଏ ଆଦେଶ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସେ ନିର୍ଦ୍ଦେଶ ଦେଲେ । ମନ୍ତ୍ରୀ ରାଜ୍ୟରେ ଢେଙ୍ଗୁରା ପିଟାଇ ପ୍ରଜାମାନଙ୍କୁ ଏ ଆଦେଶ ଜଣାଇଦେଲେ । କିଛି ମାସ ପରେ ରାଜା ଭାବିଲେ– ଏହି ନୂଆ ଆଦେଶ କାର୍ଯ୍ୟକାରୀ ହେବା ଫଳରେ ପ୍ରଜାମାନଙ୍କ ମନରେ ମୋ' ପ୍ରତି ଆଗପରି ସ୍ନେହଶ୍ରଦ୍ଧା ଅଛି କି ନାହିଁ, ଥରେ ବୁଲି ଆସିଲେ କେମିତି ହୁଅନ୍ତା ?

ଦିନେ ରାଜା ଛଦ୍ମବେଶରେ ପୁଣି ସେହି ଆଖୁ କିଆରି ପାଖକୁ ଗଲେ । ପୂର୍ବଥରର ସ୍ତ୍ରୀଲୋକଟି କିଆରିକୁ ଜଗି ରହିଥିଲା । ଛଦ୍ମବେଶୀ ରାଜାଙ୍କୁ ଦେଖି ଅଳ୍ପ ପରିମାଣର ଆଖୁରସ ପିଇବାକୁ ଦେଲା । ରାଜା ମନଖୁସିରେ ପିଇଦେଲେ । ଏଥରର ରସ ଆଗପରି ଆଉ ମିଠା ଲାଗିଲା ନାହିଁ । ତହୁଁ ସେ ସ୍ତ୍ରୀଲୋକଟିକୁ ପଚାରିଲେ, ଗଲାଥର ଆସି ତୁମ ପାଖରୁ ମୁଁ ଆଖୁ ରସ ପିଇଥିଲି । ସେଥର ଠାରୁ ଏଥର ତୁମେ ମୋତେ କମ୍ ଆଖୁରସ ପିଇବାକୁ ଦେଲ । ଏଥରର ଆଖୁରସ ଆଗଥର ପରି ମିଠା ଲାଗିଲା ନାହିଁ । ଏହାର କାରଣ କ'ଣ ତୁମେ ମୋତେ କହିବ କି ?''



ସ୍ତ୍ରୀ ଲୋକଟି କହିଲା, ''ଆଜ୍ଞା, ରାଜ୍ୟର ଭଲମନ୍ଦ ସବୁ ରାଜାଙ୍କର କାର୍ଯ୍ୟକଳାପରୁ ଜଣାପଡ଼ିଥାଏ । ଆଗେ ଆମ ରାଜା ପ୍ରଜାମାନଙ୍କ ମଙ୍ଗଳ ପାଇଁ ଅନେକ ଭଲ କାମ କରୁଥିଲେ । ଏଥିପାଇଁ ପ୍ରକୃତିରାଣୀ ଶାନ୍ତ ଥିଲେ । ବର୍ଷା, ପାଣି, ପବନ ଚାଷବାସ ଠିକ୍ ନୀତିନିୟମ ଅନୁସାରେ ହେଉଥିଲା; ହେଲେ ଏବେ କାହିଁକି କେଜାଣି ଆମ ରାଜାଙ୍କ ହୃଦୟ ବଦଳିଗଲା । ଏହା ଫଳରେ ପ୍ରକୃତିରାଣୀ ବଦଳିଗଲେ । ପ୍ରଜାମାନେ ଅଶାନ୍ତିରେ କାଳ କାଟିଲେ । ସବୁଥିରେ ଯେତେବେଳେ ପରିବର୍ତ୍ତନ ହେଲା, ଆଖୁରସ କମିଗଲା । ରସରେ ଥିବା ମିଠାର ପରିମାଣ ବି କମିଗଲା ।''


ସ୍ତ୍ରୀଲୋକଟିର କଥାକୁ ହୃଦୟଙ୍ଗମ କରି ରାଜା କହିଲେ, ''ତୁମେ ଠିକ୍ କହିଛ । ଧନ୍ୟବାଦ ! ଏବେ ମୁଁ ଆସୁଛି । ପୁଣି କେବେ ଦେଖାହେବ ।''

ରାଜା ମନ ଦୁଃଖରେ ରାଜପ୍ରାସାଦକୁ ଫେରିଆସି ମନ୍ତ୍ରୀଙ୍କୁ ତୁରନ୍ତ ଡକାଇ ନୂଆ ଖଜଣାକୁ ଛାଡ଼ କରିବା ପାଇଁ ନିର୍ଦ୍ଦେଶ ଦେଲେ । ରାଜ୍ୟର ପ୍ରଜାମାନେ ପୂର୍ବପରି ସୁଖଶାନ୍ତିରେ ରହିଲେ ।

ଏହାକୁ ଲକ୍ଷ୍ୟ କରି କବି ଲେଖିଛନ୍ତି– 'ପ୍ରଜାଦୋଷ ପାଇଁ ପ୍ରଜା ଭୋଗେ ଦଣ୍ଡ, ରାଜାଦୋଷେ ଭୋଗେ ରାଜ୍ୟ / ଶାସକ ବିଚାରି ଶାସନ ନ କଲେ ଗାଦି ନେବା କେଉଁ କାର୍ଯ୍ୟ ?'

*ଜନାର୍ଦ୍ଦନପୁର ପାଟଣା, ରାମଚନ୍ଦ୍ରପୁର, ସାଇଁକୁଳ,*
*କେନ୍ଦୁଝର–୪୩*

# ଅନୁଭୂତିରୁ ଗଳ୍ପଟିଏ




ଶ୍ରୀ ବିଭୂତି ଭୂଷଣ ସେନାପତି

ସେଦିନ ଥିଲା ଏପ୍ରିଲ ମାସ ସତେଇଶ ତାରିଖ ଦୁଇହଜାର ଉଣେଇଶ ମସିହା । ସକାଳ ନଅଟା ତିରିଶ ମିନିଟ୍‌ରେ ଓଡ଼ିଆ ଗୁରୁଜୀ ଶ୍ରେଣୀଗୃହକୁ ପ୍ରବେଶକଲେ । ବୁବୁଲୁ ନବମ ଶ୍ରେଣୀର ମେଧାବୀ ଛାତ୍ର । ଶ୍ରେଣୀରେ ପ୍ରଥମ ହୁଏ ବୋଲି ସବୁ ଗୁରୁଜୀଙ୍କର ସେ ପ୍ରିୟପାତ୍ର । ରାଧୁ ସାର୍ ପଚାରିଲେ– ପିଲାମାନେ, ଛୁଟିହେବା ପରେ ଘରକୁ ଯାଇ କ'ଣ ଖାଇବ ? ବିଭିନ୍ନ ପ୍ରକାର ଉତ୍ତର ଛାତ୍ରମାନଙ୍କ ତରଫରୁ ଆସିଲା; ମାତ୍ର ବୁବୁଲୁ କହିଲା– ପଖାଳ ମୋର ପ୍ରିୟ ଖାଦ୍ୟ । ଆମ ଘରେ ବାପା, ମା, ମୁଁ ଓ ମୋ ଭଉଣୀ ସମସ୍ତେ ପଖାଳପ୍ରିୟ । ପଖାଳ ସମ୍ପର୍କରେ ଆପଣ ଆମକୁ ସାହିତ୍ୟ ପରିଅଡ୍‌ରେ କିଛି ଆଜ୍ଞା ସୂଚନା ଦିଅନ୍ତୁ । ରାଧୁ ସାର୍ ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରସଙ୍ଗ କ୍ରମେ ବୁଝାଇବାକୁ ଲାଗିଲେ ।

– ମାର୍ଚ୍ଚମାସ ୨୧ ତାରିଖ ଦିନ ଓ ରାତି ସମାନ ଥାଏ । ସେହିଦିନଠାରୁ ଖରାଦିନର ଆରମ୍ଭ । ଦିନ ବଢ଼ିବାକୁ ଲାଗେ ଓ ରାତି ଧୀରେ ଧୀରେ କମିଥାଏ । ଆମେ ଗ୍ରୀଷ୍ମପ୍ରଧାନ ଦେଶର ଅଧିବାସୀ । ପାଣିର ଆବଶ୍ୟକତା ଅଧିକ ଅନୁଭୂତ ହେଉଥିବାରୁ ଆମେ ପଖାଳ ଉପରେ ଅଧିକ ନିର୍ଭର କରୁ । କିଛି ନ ହେଲେ ଗରମ ଭାତରେ ପାଣି ମିଶାଇ ପଖାଳ ପ୍ରସ୍ତୁତ କରୁ ।

ଠିକ୍ ଏହି ସମୟରେ ଶ୍ରେଣୀରେ ଦ୍ୱିତୀୟ ହେଉଥିବା ରାନୁ ପଚାରିଲା– ସାର୍ ! ପଖାଳ କେତେ ପ୍ରକାର ? ସାର୍ ଉତ୍ତରଦେଲେ– ପଖାଳ ବିଭିନ୍ନ ପ୍ରକାରର ଅଛି । ଯଥା- ଚାଇଁ ପଖାଳ, ସାଦା ପଖାଳ, ଛୁଙ୍କ ପଖାଳ, ଦହି ପଖାଳ, ଖଟା ପଖାଳ ଓ ପରିବା ପଖାଳ ।

ବୁବୁଲୁ ପଚାରିଲା– ସାର୍ ! ପଖାଳ ସମ୍ପର୍କରେ କିଛି ବୈଜ୍ଞାନିକ ତଥ୍ୟ ଅଛି କି ? ରାଧୁସାର୍ କହିଲେ– ହଁ ଅଛି, ବିଜ୍ଞାନାଗାରରେ ପଖାଳ ପରୀକ୍ଷା କରାଯାଇଥିଲା । ସେଥିରୁ ଜଣାପଡ଼ିଲା– ବାରଘଣ୍ଟାରେ ପଖାଳିଥିବା ଭାତରେ ଲୌହ, ସୋଡିୟମ୍, ପୋଟାସିୟମ ଓ କ୍ୟାଲସିୟମ୍ ମାତ୍ରା ଭରପୂର ଅଛି, ଯାହା ସ୍ୱାସ୍ଥ୍ୟ ପାଇଁ ଅନୁକୂଳ । ଓଡ଼ିଆ ପାଇକମାନେ ଯୁଦ୍ଧକୁ ନ ଗଲେ ଚାଷକାମରେ ଲାଗିପଡ଼ନ୍ତି । ସେମାନେ ଦିନକୁ ପ୍ରାୟ ଚାରିଥର ପଖାଳ ଓ ପରିବା ଭଜା ଖାଇ ତୃପ୍ତିଲାଭ କରନ୍ତି ।

–ପଖାଳ ପ୍ରସ୍ତୁତିକରଣ ସମ୍ପର୍କରେ କିଛି ଆଦବକାଇଦା ଅଛି କି ? ବୁବୁଲୁ ଆଗ୍ରହର ସହ ପଚାରିଲା ।

ସାର୍ କହିଲେ– ହଁ, ଅରୁଆ ଚାଉଳ ଅପେକ୍ଷା ଉଷୁନା ଚାଉଳ ଭାତ ରାନ୍ଧି ଥଣ୍ଡା କରି ପାଣିଦେଇ ପଖାଳ ପ୍ରସ୍ତୁତ ହୁଏ ଏବଂ ମାଟି ହାଣ୍ଡିରେ ଏହା ସୁଆଦିଆ ଲାଗେ । ପଖାଳ ସହ ଶାଗ, ବଡ଼ିଚୂରା, ଚୁନାମାଛ ଭଜା, ଆଳୁ ଚଟଣି, ବାଇଗଣ ପୋଡ଼ା ବା ବିଲାତି ବାଇଗଣ ପୋଡ଼ା ବେଶ୍ ଆରାମଦାୟକ ଓ ସ୍ୱାସ୍ଥ୍ୟ ପାଇଁ ହିତକର । ପଖାଳ ତୋରାଣି କୋଷ୍ଠକାଠିନ୍ୟ, ଅଗ୍ନିମାନ୍ଦ୍ୟ ଓ ପେଟ ଦରଜକୁ ଦୂରକରେ । ଡାଇରିଆ ବେଳେ ପଖାଳ ତୋରାଣି ଏକାନ୍ତ ଆବଶ୍ୟକ ଓ ଅଂଶୁଘାତରେ ଏହା ଅମୋଘ ଔଷଧ ।

—ସାର୍ ! ପଖାଳ ସମ୍ପର୍କରେ କିଛି ସାହିତ୍ୟ ତଥ୍ୟ ଅଛି କି ?

ରାଧୁସାର୍ କହିଲେ— ହଁ, କବିଶେଖର ଚିନ୍ତାମଣି ମହାନ୍ତି କହନ୍ତି— ପଖାଳକୁ ଅସମ୍ମାନ କରିବା ଅର୍ଥ ଉତ୍କଳତ୍ୱକୁ ପଦାଘାତ କରିବା । କବିଙ୍କ ଭାଷାରେ— 'ପଖାଳ ଉତ୍କଳେ ସଞ୍ଜିବନୀ ସୁଧା/ ହରେ ଏକାକାଳେ କ୍ଳାନ୍ତି ତୃଷା କ୍ଷୁଧା ।' ନାରୀକବି ବିଦ୍ୟୁତପ୍ରଭାଦେବୀ କହନ୍ତି— 'ପେଟୁଲି ବେଳାରେ ମା' ବାଢ଼ିଛି ପଖାଳ, କଲରା ସହିତ ଆଳୁ ଭାଜି ଦୁଇଫାଳ ।' 'ସେଦିନ ପଖାଳ ଭାତ ସେଇ ଶାଗ ଭାଜି, ଝୁରଇ ଅନ୍ତର ମୋର ଭାଜି ଯାହା ଆଜି ।'

ଗଣକବି ବୈଷ୍ଣବ ପାଣି କହନ୍ତି— 'ବାଇକଣ୍ଟିଆର ନାହି ଚିପିଦେଇ ଭାଜିଥିବ ଯେବେ ବୁଣି, ପଖାଳ ସାଙ୍ଗରେ ସକାଳୁ ଖାଇଲେ କାଳଯାକ ହେବ ଗୁଣି ।' କବି ଗୋଦାବରୀଶ ମହାପାତ୍ର 'ଚାଉଳ' କବିତାରେ କହନ୍ତି— ଉଆସ ବିହାରେ ପଲାଉ ତୁମେଟି, ଦରିଦ୍ର କୁଟୀରେ ପଖାଳ ଭାତ, ଭିକାରୀ ଥାଳରେ ମୁଠିକ ଚାଉଳ ଦେବ ପୂଜା ପୀଠେ ପୁଣ୍ୟ ଅକ୍ଷତ ।' ପଲ୍ଲୀକବି ନନ୍ଦକିଶୋର ବଳ ପଲ୍ଲୀଚିତ୍ରରେ କହିଛନ୍ତି— 'ପେଜ ପଖାଳରେ ଶାଗପୋଡ଼ା ସିଝା ଖାନ୍ତି ତ' ପିଲା ବାଳକ ।' ତେଣୁ ପଖାଳ ଭାତ, ତୋରାଣି ଓ ଲୁଣ ଓଡ଼ିଆ ସାହିତ୍ୟରେ ଗଙ୍ଗା, ଯମୁନା ଓ ସରସ୍ୱତୀ ।

କଥା ନ ସରୁଣୁ ସକାଳିଆ ସ୍କୁଲ ଥିବାରୁ ଛୁଟି ଘଣ୍ଟା ବାଜିଲା । ସାର୍ କହିଲେ, ''ପିଲାମାନେ ଆଜି ଏତକ ଥାଉ, ପରେ ମୁଁ ଆହୁରି କିଛି ତଥ୍ୟ ଦେବି । ଏତକ ମନେରଖ— ପ୍ରତ୍ୟେକ ମାର୍ଚ୍ଚ ମାସ ୨୧ ତାରିଖ 'ବିଶ୍ୱ ପଖାଳ ଦିବସ' ଭାବେ ପାଳନ କରାଯାଉଛି ।

*କୋହ୍ଲ, ତିହିଡ଼ି, ଭଦ୍ରକ- ୭୫୬୧୩୦*

# ସାଜିଯାଅ ବିଶ୍ୱକର୍ମା

ଶ୍ରୀ ରବୀନ୍ଦ୍ର ପ୍ରସାଦ ଚାନ୍ଦ

ସାବଧାନ ହୋଇ ଯୁବକ ଯୁବତୀ
(କାଳ) ଅତିକ୍ରମ କରି ଚାଲ
ଏ ଭାରତ ଅଟେ ସରଗ ସମାନ
ପାଇଯିବ ତୁମ ମୂଲ ।
ସମୟ କାହାକୁ ଅପେକ୍ଷା କରେନା
ବାଣ୍ଟେ ନିଷ୍ଠା ଅହରହ
ସେହି କଥାଟିକୁ ପାରିଛି ଯେ ବୁଝି
ଜୀବନ ହୁଏ ତା ଶୁଭ ।
ମାଟି କୋଳୁ ମଞ୍ଜି ଉଠେ ବାହୁମେଲି
ପାଇ ଉପଯୁକ୍ତ ସେବା
ବୃକ୍ଷ ରୂପ ଧରି ବିରାଟ ପର୍ଯ୍ୟନ୍ତ
ବିଶ୍ୱପାଇଁ ଦିଏ ଆଭା ।
କୁମ୍ଭାରଟି ଗଢ଼େ ମାଟିକୁ ଚକଟି
ଅପୂର୍ବ ଛାଞ୍ଚର ବସ୍ତୁ
ଠିକ୍ ସେହିପରି ଆଜିଯାଏ ଛୋଟ
କାଲିକି ବିରାଟ
ବିଧି-ବିଧାନର ହାତୁ ।
ତୁମପାଇଁ ଥୁଆ ଆଗାମୀ ସାମ୍ରାଜ୍ୟ
ଶାଶ୍ୱତ ଜ୍ଞାନର ରତ୍ନ
ଭବିଷ୍ୟତ ହେବ ସୌଭାଗ୍ୟର ଲକ୍ଷ୍ମୀ
ସତ୍ୟ ଯୁଗ ନାରାୟଣ ।

*ଆନନ୍ଦପୁର*

# ଫଗୁଖେଳ

ଶ୍ରୀ କୁଞ୍ଜବିହାରୀ ସାହୁ

ଫଗୁଣରେ ଫଗୁ ଖେଳ
ସ୍ନେହଶ୍ରଦ୍ଧା ଆଣଇ
ସେଥିପାଇଁ ଶତ୍ରୁମିତ୍ର
ପରସ୍ପର ଟାଣଇ ।
ସାହି ସାହି ବୁଲି ବୁଲି
ପିଲା ବୁଢ଼ା ଭେଣ୍ଡିଆ
ବାମନ କି ଡେଙ୍ଗା ମୋଟା
ହେଉ ନଣ୍ଡାମୁଣ୍ଡିଆ ।
କୋଳାକୋଳି ହେଉଥାନ୍ତି
ରଙ୍ଗ ବୋଳି ମୁହଁରେ
ହସଖୁସି ବାଣ୍ଟୁଥାନ୍ତି
ମିଠା ମିଠା ମୋହରେ ।
ରାଧାକୃଷ୍ଣ ଫଗୁ ଖେଳ
ଥିଲା କେତେ ସୁନ୍ଦର
ସେହି ଫଗୁ ଲଗାଇଛି
ଆମ ମନେ ହୁନ୍ଦର ।



ଫଗୁ ରଂଗ ପରି ଆମ
ମନ ରଂଗ ଗୋଟିଏ
ଯିଏ ଯେଉଁ ଜାତି ହେଉ
ଗଣତିରେ କୋଟିଏ ।
ମନେ ଭରି ଭାଇଚାରା
ସମ୍ପର୍କର ମହକ
ଫଗୁଖେଳ ଭରିଦିଏ
ଅମଳିନ କୁହୁକ ।
ରଙ୍ଗାରଙ୍ଗ ବେଶଭୂଷା
ଚିହ୍ନି ଜମା ହୁଏନି
ବଡ଼ସାନ ବୟସଟା
ଖେଳବେଳେ ରହେନି ।
ଖେଳବେଳେ ଧନୀ
ଅବା ଗରିବ ତ ସମାନ
ମଜାଳିଆ କଥା କହି
ମିଳେ ପରା ସମ୍ମାନ ।
ଫଗୁଣର ଫଗୁ ଖେଳ
ବରଷକେ ଆସଇ
ପିଲାବୁଢ଼ା ପୁଅଝିଅ
ଫୁଲ ପରି ବାସଇ ।

*ଏଲ୍,ଆଇ,ଜି-୧୫, ନୟାପଲ୍ଲୀ, ବ୍ରିଟ୍ କଲୋନି, ଭୁବନେଶ୍ୱର- ୭୫୧୦୧୨*



ଶିକ୍ଷକ- କିରେ ନୀଲୁ । ଗୋଟାଏ ଶ୍ରେଣୀରେ ତିନି ବର୍ଷ ରହିଲୁଣି, ତୋତେ ଲାଜ ମାଡୁନି ? ମୁଁ କ୍ଲାସ୍‌ରେ ଫାଷ୍ଟ ହେଉଥିଲି ।

ନୀଲୁ- ସାର୍, ଆପଣଙ୍କୁ କୌଣସି ଭଲ ଶିକ୍ଷକ ପଢ଼ାଉଥିବେ ।



# ବିଚରା କଳ ମାଲିକର ପୁଅ ଓ ବିରାଡ଼ି

ଶ୍ରୀ ଲକ୍ଷ୍ମୀଧର ମହାନ୍ତି

ଅଟାକଳର ମାଲିକଟି ବହୁତ ବୁଢ଼ା । ତା'ର ସ୍ତ୍ରୀ କି ପିଲାପିଲି ନ ଥାନ୍ତି । ତା'ର ତିନିଜଣ ସାହାଯ୍ୟକାରୀ ଥିଲେ । ସେମାନେ ବହୁତଦିନ ତା' ପାଖରେ ରହିବା ପରେ ଦିନେ ସେ ସେମାନଙ୍କୁ କହିଲା– 'ମୁଁ ବୁଢ଼ା ହୋଇଗଲିଣି । ଅତିଶୀଘ୍ର ବ୍ୟବସାୟରୁ ଅବ୍ୟାହିତ ନେବି । ତମେମାନେ ଯାଅ, ତମ ଭିତରୁ ଯେ ମୋତେ ଗୋଟିଏ ଭଲ ଘୋଡ଼ା ଆଣିକରି ଦେବ ଏବଂ ଶେଷ ମୁହୂର୍ତ୍ତରେ ମୋର ତତ୍ତ୍ୱନେବ, ମୁଁ ତାକୁ ମିଲ୍‌ଟି ଦେଇଦେବି ।'

ତିନିଜଣ ସହକାରୀଙ୍କ ମଧ୍ୟରୁ ତୃତୀୟଟି ଛୋଟା । ତା ନାଁ ହାନ୍‌ସ । ତାକୁ ସମସ୍ତେ 'ବୋକା ହାନ୍‌ସ' ବୋଲି ମଧ୍ୟ ଡାକନ୍ତି । ଅନ୍ୟମାନେ ତାକୁ ଘୃଣା କରନ୍ତି । ଏପରିକି ତା'ର କଳର ମାଲିକ ହେବା କଥା, ସେମାନେ କେବେ କଳନା କରିପାରନ୍ତି ନାହିଁ; କିନ୍ତୁ ତିନିଜଣଯାକ ସାଥୀ ହୋଇ ବାହାରିଲେ । ଗାଁ'ଠାରୁ କିଛି ବାଟ ଗଲାପରେ ବଡ଼ ଦୁଇଜଣ ତୃତୀୟକୁ କହିଲେ– 'ତୋ ଜୀବନ ଭିତରେ ତୁ କେବେ ଘୋଡ଼ା ପାଇବୁ ନାହିଁ । ତେଣୁ ତୁ ରହ ।' କିନ୍ତୁ ହାନ୍‌ସ ତାଙ୍କ କଥା ମାନିଲା ନାହିଁ । ତାଙ୍କ ସାଥିରେ ଗଲା । ରାତି ଆସିଲାବେଳକୁ ସେମାନେ ଗୋଟିଏ ଗଛ ପାଖରେ ପହଞ୍ଚିଲେ । ଗଛରେ ଗୋଟିଏ କୋରଡ଼ । ତା' ଭିତରେ ସେମାନେ ଶୋଇଗଲେ । ହାନ୍‌ସ ଗଭୀର ନିଦରେ ଶୋଇବା ପର୍ଯ୍ୟନ୍ତ ସେମାନେ ଅପେକ୍ଷା କଲେ । ଯେତେବେଳେ ହାନ୍‌ସ ଗଭୀର ନିଦରେ ଶୋଇପଡ଼ି ଘୁଙ୍ଗୁଡ଼ି ମାରିଲା, ସେମାନେ ଉଠିଲେ । ହାନ୍‌ସକୁ ସେଠାରେ ଛାଡ଼ି ଚାଲିଗଲେ । ସେମାନେ ଭାବିଲେ ଯେ ସେମାନେ ଚାଲାକି କାମ କରିଛନ୍ତି ।

ସୂର୍ଯ୍ୟ ଉଇଁଲେ । ହାନ୍‌ସ ଉଠି ଦେଖିଲା ଯେ, ସେ ଏକା ଗଛ କୋରଡ଼ରେ ଶୋଇଛି । ସେ ଚାରିଆଡ଼କୁ ଅଣ୍ଡାଳିଲା; କିନ୍ତୁ କେହି କୁଆଡ଼େ ନାହାନ୍ତି । ସେ ଚିତ୍କାର କଲା– 'ହେ ଭଗବାନ, ଏଥର ମୁଁ କୁଆଡ଼େ ଯିବି ? ଘୋଡ଼ାଟିଏ ମୁଁ କେଉଁଠୁ ପାଇବି ? ' ସେ ମନେ ମନେ ଏହି କଥା ଭାବୁଥିଲାବେଳେ କଇଁଛ ଖୋଳରେ ଆଚ୍ଛାଦିତ ଛୋଟ ବିରାଡ଼ିଟିଏ ଆସିଲା । ଅତି ଭଦ୍ରଭାବରେ ପଚାରିଲା– 'ହାନ୍‌ସ କୁଆଡ଼େ ଯିବୁ ?' ହାନ୍‌ସ କହିଲା– 'ତୁ ମତେ କିପରି ସାହାଯ୍ୟ କରିବୁ ?' ବିରାଡ଼ି କହିଲା– 'ତମେ କ'ଣ ଚାହୁଁଛ ?' ମୋ ସାଥିରେ ଆସ । ଯେ ମୋର ସାତବର୍ଷ କାଳ ବିଶ୍ୱସ୍ତ ଚାକର ହେବ, ତାକୁ ମୁଁ ଗୋଟିଏ ସୁନ୍ଦର ଘୋଡ଼ା ଦେବି । ସେମିତି ଘୋଡ଼ା ତମେ ଦେଖି ନ ଥିବ ।' ବିରାଡ଼ିଟି କହିଲା । ହାନ୍‌ସ ମନେମନେ ଭାବିଲା– ଏହା ଗୋଟିଏ ଆଶ୍ଚର୍ଯ୍ୟଜନକ ବିରାଡ଼ି; ତଥାପି ମୁଁ ତାକୁ କଥାଟା ସତ୍ୟ କି ନା ପରୀକ୍ଷା କରି ଦେଖିବି ।

ତା'ପରେ ବିରାଡ଼ିଟି ହାନ୍‌ସକୁ ସମ୍ମୋହିତ ଦୁର୍ଗକୁ ନେଇଗଲା । ସେଠାରେ ବହୁତ ବିରାଡ଼ି ଥିଲେ । ତାକୁ ସେମାନେ ଅପେକ୍ଷା କରିଥିଲେ । ସେମାନେ ପାହାଚରେ ତଳଉପର ଡେଉଁଥିଲେ । ସନ୍ଧ୍ୟାବେଳକୁ ସେମାନେ

ଯେତେବେଳେ ଟେବୁଲ ପାଖରେ ବସିଲେ, ତିନୋଟି ବିରାଡ଼ି ସଙ୍ଗୀତ ପରିବେଷଣ କରିବାକୁ ଲାଗିଲେ । ଜଣେ ସୀତାର ବଜାଇଲା । ଆଉ ଜଣେ ବିଗୁଲ ବଜାଇଲା । ସେ ଏତେ ଜୋର୍‌ରେ ବିଗୁଲ୍ ବଜାଉଥିଲା ଯେ ସତେ ତା'ର ଗାଲଗୁଡ଼ାକ ଫାଟିଯିବ ! ସେମାନେ ଖାଇସାରିବା ପରେ ଟେବୁଲଟା ଚାଲିଗଲା । ବିରାଡ଼ିଟି କହିଲା– 'ହାନ୍‌ସ ଆସ ! ମୋ ସାଥିରେ ନାଚିବ ।' ହାନ୍‌ସ କହିଲା– 'ନାଁ, ମୁଁ ଗୋଟିଏ ବିରାଡ଼ି ସାଥିରେ ନାଚିପାରିବି ନାହିଁ । ତା' ଛଡ଼ା କେମିତି ନାଚିବାକୁ ହେବ, ମୁଁ ଜାଣେନାହିଁ ।' ତା'ପରେ ବିରାଡ଼ିଟି ତା'ର ଚାକରାଣୀମାନଙ୍କୁ ଆଦେଶଦେଲା– 'ହାନ୍‌ସକୁ ଶୋଇବା ଘରକୁ ନେଇଯାଅ ।' ସେମାନେ ତାକୁ ଶୋଇବା ଘରକୁ ନେଇଗଲେ । ସେଠାରେ ଜଣେ ତା'ର ଜୋତା ବାହାରକରିଦେଲା । ଆଉଜଣେ ମୋଜା ବାହାର କରିଦେଲା । ଅନ୍ୟଜଣେ ଆଲୁଅ ଲିଭରାଇଦେଲା ।

ପରଦିନ ବିରାଡ଼ି ଭୃତ୍ୟମାନେ ଆବିର୍ଭାବ ହେଲେ । ସେମାନେ ବିଛଣାରୁ ତାକୁ ଉଠାଇଲେ । ଜଣେ ମୋଜା ପିନ୍ଧାଇ ଦେଲା ତ ଅନ୍ୟଜଣେ ତା' ଜୋତାର ବକଲିସ୍ ଲଗାଇଦେଲା । ଜଣେ ତା'ର ମୁହଁ ଧୋଇଦେଲା । ପଞ୍ଚମ ଜଣକ ଲାଙ୍ଗୁଡ଼ରେ ହାନ୍‌ସକୁ ପୋଛିଦେଲା । ହାନ୍‌ସ ଶେଷ ଜଣକୁ କହିଲା–'ସବୁ ଠିକ୍ ଭାବରେ, ଭଦ୍ର ଭାବରେ ହେଉଛି ।' କିନ୍ତୁ ହାନ୍‌ସ ଦିନଯାକ ବିରାଡ଼ି ପାଇଁ କାଠ ଚିରିଲା । ସେଥିପାଇଁ ତାକୁ ରୁପାର ଗୋଟିଏ କୁରାଢ଼ି ଏବଂ ସେଇ ଧାତୁର କରତ, କୀଳା ଓ ତମ୍ବାର ଗୋଟିଏ ମୁଗୁର ମିଳିଲା ।

ଏଠାରେ ସେମାନଙ୍କର କାମରେ ଲାଗିଲା ଭଳି ହାନ୍‌ସ ରହୁଥିଲା । ପ୍ରତିଦିନ ସେ ଭଲ ଖାଏ ଓ ପିନ୍ଧେ । ସେ କେବଳ କଇଁଛ ଖୋଳ ଆବୃତ ବିରାଡ଼ି ଏବଂ ତା'ର ସହଚରୀମାନଙ୍କ ଛଡ଼ା ଆଉ କାହାକୁ ଦେଖେନାହିଁ । ଦିନେ ବିରାଡ଼ି ତାକୁ କହିଲା– 'ଯାଅ, ମୋ ପଡ଼ିଆ ସଫା କର, ଘାସ ସବୁ ଶୁଖାଇଦିଅ ।' ସେ ତାକୁ ଗୋଟିଏ ରୁପାର ଦା' ଏବଂ ସୁନାର ଶାଣଦିଆ ପଥର ଦେଇ କହିଲା– 'ଆସିଲାବେଳେ ଏସବୁ ଭଲରେ ଘେନିଆସିବ ।'

ହାନ୍‌ସ ଗଲା । ଯାହା କୁହାହୋଇଥିଲା, ତାହା କଲା । କାମ ସରିଯିବା ପରେ ସେ ଦା', ଶାଣଦିଆ ପଥର ଏବଂ ଘାସ ଧରି ଘରକୁ ଆସିଲା । ସେ ବିରାଡ଼ିକୁ ପଚାରିଲା– 'ମତେ କ'ଣ କିଛି ପୁରସ୍କାରସ୍ୱରୂପ ଦେବ ନାହିଁ ?' ବିରାଡ଼ି କହିଲା– 'ନାଁ, ମୋ ପାଇଁ କିଛି କାମ ତମକୁ କରିବାକୁ ହେବ । ଏଠି ରୁପାର ଘରକରଣା ଉପକରଣ ସବୁ ଅଛି । ତମେ ମୋ ପାଇଁ ଗୋଟିଏ ଛୋଟ ଘର କରିଦିଅ ।' ହାନ୍‌ସ ଗୋଟିଏ ଘର କଲା । ଯେତେବେଳେ ହାନ୍‌ସ ପୁଣି ବିରାଡ଼ିକୁ ମନେ ପକାଇଦେଲା ଯେ ତା'ର ସାତବର୍ଷ ପ୍ରାୟ ପୂରିଗଲାଣି; ତଥାପି ତାକୁ ଘୋଡ଼ା ମିଳିଲା ନାହିଁ । ବିରାଡ଼ିଟି ତାକୁ ପଚାରିଲା, 'ତମେ ତମର ଘୋଡ଼ା ଦେଖିବାକୁ ଚାହୁଁଛ ?'

ହାନ୍‌ସ ଉତ୍ତରଦେଲା– 'ହଁ !' ସେମାନେ ସାଥୀ ହୋଇ ବାହାରକୁ ଗଲେ । କବାଟ ଖୋଲିଲେ । ବାରଟି ଘୋଡ଼ା ତା' ଭିତରେ ଥିଲେ । ସେଗୁଡ଼ିକ ଉଦ୍ଧତ ଓ ଅସ୍ଥିର । ସେମାନେ ଆଗ ଗୋଡ଼ରେ ମାଟି ତାଡୁଥିଲେ । ସେମାନଙ୍କୁ ଦେଖି ହାନ୍‌ସ ଖୁସି । ଯେତେବେଳେ ସେ ସେମାନଙ୍କୁ କିଛି ସମୟ ଧରି ଦେଖୁଥିଲା, ବିରାଡ଼ି ବି ତାକୁ ଖାଇବାକୁ ଦେଇ କହିଲା– 'ଘରକୁ ଯାଅ । ମୁଁ ଏଇନେ ତମକୁ ଘୋଡ଼ା ଦେବିନାହିଁ । ମୁଁ ତିନିଦିନ ପରେ ଆସିବି । ସାଥିରେ ତାକୁ ଆଣିଥିବି ।'

ହାନ୍‌ସ ବାହାରିଲା । ବିରାଡ଼ି ତାକୁ ମିଲ୍‌କୁ ବାଟ ଦେଖାଇଦେଲା । ତାକୁ ତ ନୂଆ ଲୁଗା ଦେଇ ନ ଥିଲେ, ସେ ଯେଉଁ ଲୁଗା ପିନ୍ଧି ଯାଇଥିଲା, ସେଇ ଛିଣ୍ଡା ପୁରୁଣା ପୋଷାକ ପିନ୍ଧିବାକୁ ସେ ବାଧ୍ୟ ହେଉଥିଲା । ସାତବର୍ଷ

ତାକୁ ଖୁବ୍ କମ୍ ସମୟ ପରି ଲାଗିଲା । ଯେତେବେଳେ ସେ ଘରେ ପହଞ୍ଚିଲା, ଦେଖିଲା ଯେ ତା' ଆଗରୁ ଅନ୍ୟ ଦୁଇଜଣ ସହକାରୀ ଆସିଛନ୍ତି । ସେମାନେ ଗୋଟିଏ ଲେଖାଏଁ ଘୋଡ଼ା ବି ଆଣିଛନ୍ତି; କିନ୍ତୁ ସେଥିରୁ ଗୋଟିଏ ଛୋଟା ତ ଅନ୍ୟଟି ଅନ୍ଧ । ସେମାନେ ପଚାରିଲେ– 'ହାନ୍ସ, ତୋ ଘୋଡ଼ା କାହିଁ ?'

ସେ ଉତ୍ତର ଦେଲା– 'ତିନିଦିନ ପରେ ଆସିବ !'

ଏକଥା ଶୁଣି ସେମାନେ ହସିଲେ । ଚିତ୍କାର କଲେ, 'ସେ ଯେତେବେଳେ ଆସିବ, ତାହା ଥିବ ଆଶ୍ଚର୍ଯ୍ୟଜନକ । ଏଥିରେ ସନ୍ଦେହ ନାହିଁ ।' ତା'ପରେ ସେ ବୈଠକଖାନାକୁ ଗଲା । କିନ୍ତୁ ସେଠାରେ ପୁରୁଣା ମିଲ୍ ମାଲିକ ତାକୁ କହିଲା– 'ତୁ ଅପରିଷ୍କାର ଓ ଛିଣ୍ଡା ବସ୍ତ୍ର ପିନ୍ଧିଛୁ । ଏଠାରେ ବସ ନାହିଁ । ଯଦି କେହି ଏବେ ଆସିବେ, ତୋ ଯୋଗୁ ଆମକୁ ଲାଜ ମାଡ଼ିବ ।' ସେମାନେ ତାକୁ ବାହାରେ ଖାଇବାକୁ ଦେଲେ । ଯେତେବେଳେ ଶୋଇବା ସମୟ ଆସିଲା, ଦୁଇ ସାଥୀ ହାନ୍ସକୁ ବିଛଣାରେ ଅଂଶୀଦାର କରିବାକୁ ରାଜି ହେଲେ ନାହିଁ । ସେ ହଂସମାନଙ୍କ ଗୁହାଳକୁ ଗଲା । ଟାଣ ନଡ଼ା ଉପରେ ନିଜକୁ ଲମ୍ବାଇଦେଲା ।

ତା' ପରଦିନ ବିରାଡ଼ି କହିଥିବା ତୃତୀୟ ଦିନ । ହାନ୍ସ ଯେତେବେଳେ ପଦାକୁ ଆସିଛି, ସେ ଦେଖିଲା ଯେ ଗୋଟିଏ ଗାଡ଼ି ଆସୁଛି । ତାକୁ ଛଅଟି ଘୋଡ଼ା ଟାଣୁଛନ୍ତି । ଘୋଡ଼ାଗୁଡ଼ିକ ଦେଖିବାକୁ ବେଶ୍ ଚିକ୍କଣ । ସାଥିରେ ଗୋଟିଏ ଭୃତ୍ୟ ଆସିଥିଲା । ସେ ସପ୍ତମ ଘୋଡ଼ାଟି ମାଲିକର ସାନପୁଅ ପାଇଁ ଆଣିଥିଲା । ଗାଡ଼ି ଭିତରୁ ଗୋଟିଏ ସୁନ୍ଦର ରାଜକୁମାରୀ ବାହାରିଆସିଲେ । ସିଧା ସେ କଳଘରକୁ ଗଲେ । ସେ ହେଉଛନ୍ତି କଇଁଛ ଖୋଳାବୃତ ବିରାଡ଼ି । ତାଙ୍କ ପାଖରେ ବିଚରା ହାନ୍ସ ସାତବର୍ଷ କାମ କରିଛି । ସେ ମିଲ୍ ମାଲିକକୁ ପଚାରିଲା– 'ମିଲ୍‌ରେ କାମ କରୁଥିବା ଛୋଟ ପିଲାଟି କାହିଁ ?'

ସେ ଉତ୍ତରଦେଲେ– 'ସେ ଅପରିଷ୍କାର । ତା'ର ପୋଷାକ ଏତେ ଛିଣ୍ଡା ଯେ ଆମେ ତାକୁ ମିଲ୍ ଭିତରେ ପୂରାଇ ଦେଲୁନାହିଁ । ସେ ଏବେ ରାଜହଂସ ଗୁହାଳରେ ଶୋଇଛି ।' ରାଜକୁମାରୀ ତାଙ୍କୁ ହାନ୍ସକୁ ଡାକିଦେବାକୁ କହିଲେ । ସେ ଆସିବା ପୂର୍ବରୁ ନିଜକୁ ଧୂମ୍ରଫ୍ରକ୍‌ରେ ଆବୃତ କରିଦେଲେ । ତା'ପରେ ଚାକରଟି କିଛି ସୁନ୍ଦର ମୂଲ୍ୟବାନ ପୋଷାକ ଆଣିଲା । ହାନ୍ସ ପରିଷ୍କାର ହେବା ପରେ ଏପରି ସୁନ୍ଦର ଦେଖାଯାଉଥିଲା ଯେ, କୌଣସି ରାଜକୁମାର ତା'ର ସମକକ୍ଷ ହେବେ ନାହିଁ ।

ତା'ପରେ ରାଜକୁମାରୀ ଅନ୍ୟ ସହକାରୀମାନେ ଆଣିଥିବା ଘୋଡ଼ାକୁ ଦେଖିବାକୁ ଚାହିଁଲେ । ସେଥିରୁ ଗୋଟିଏ ଅନ୍ଧ ଓ ଆରଟି ଛୋଟା । ଏହା ଦେଖିସାରିବା ପରେ ସେ ଚାକରକୁ ଘୋଡ଼ା ଆଣିବାକୁ କହିଲେ । ତାକୁ ଦେଖିସାରିବା ପରେ ସେ କହିଲେ– 'ମୁଁ ଏପରି ଘୋଡ଼ା ଆଗରୁ ଦେଖିନାହିଁ, ଏହା ତୃତୀୟ ସହକାରୀର ।' କଳ ମାଲିକ ଯୋଗକଲେ– 'ଏ କଳ ବି ତା'ର ।' ରାଜକୁମାରୀ କହିଲେ– 'ସେ ନିଜ ପାଇଁ ଏଇ ଘୋଡ଼ା ଓ କଳ ବି ରଖିପାରେ'।

ଏତକ କହିସାରିବା ପରେ ସେ ହାନ୍ସକୁ ଗାଡ଼ିରେ ତାଙ୍କ ପାଖରେ ବସାଇଲେ । ଗାଡ଼ି ଚାଲିଲା, ସେମାନେ ହାନ୍ସ କରିଥିବା ଛୋଟ ଘରକୁ ଗଲେ । ଏହା ଗୋଟିଏ ସୁନ୍ଦର ଉଆସ ହୋଇଯାଇଥିଲା । ତା' ଭିତରେ ଥିବା ସବୁ ଜିନିଷ ସୁନା ଓ ରୁପା ହୋଇଯାଇଥିଲା । ରାଜକୁମାରୀ ତାକୁ ବିବାହ କଲେ । ସେ ଜଣେ ଧନୀଲୋକ ହୋଇଗଲା । ଜୀବନଯାକ ସେମାନେ ଆରାମରେ ରହିଲେ ।

*ଡି-୨୧୯, ସେକ୍ଟର-୬, ସି.ଡି.ଏ., କଟକ-୧୪*

## ୧୯୫୬ ମସିହାର ରେଜିଷ୍ଟ୍ରେସନ ଅଫ୍ ନିଉଜ୍ ପେପରସ୍ (ସେଣ୍ଟ୍ରାଲ) ନିୟମ ଅନୁସାରେ 'ସଂସାର'(ମାସିକ)ର ବିବରଣୀ

### ଫର୍ମ-୧ ଅଷ୍ଟମ ଧାରା

ପ୍ରକାଶନ ସ୍ଥାନ - କଟକ
ପ୍ରକାଶ ସମୟ - ପ୍ରତିମାସ ୧ ତାରିଖ
ଜାତୀୟତା - ଭାରତୀୟ (ଓଡ଼ିଆ)
ଠିକଣା - ସଂସାର ପ୍ରେସ, ତଳତେଲେଙ୍ଗା ବଜାର, କଟକ-୭୫୩୦୦୯
ପ୍ରକାଶକଙ୍କ ନାମ- ଅନସୂୟା ନନ୍ଦ
ଜାତୀୟତା - ଭାରତୀୟ (ଓଡ଼ିଆ)
ଠିକଣା - ସଂସାର ପ୍ରେସ, ତଳତେଲେଙ୍ଗା ବଜାର, କଟକ-୭୫୩୦୦୯
ସଂପାଦକଙ୍କ ନାମ- ଅନସୂୟା ନନ୍ଦ
ଜାତୀୟତା - ଭାରତୀୟ (ଓଡ଼ିଆ)
ଠିକଣା - ସଂସାର ପ୍ରେସ, ତଳତେଲେଙ୍ଗା ବଜାର, କଟକ-୭୫୩୦୦୯
ସ୍ୱତ୍ୱାଧିକାରୀଙ୍କ ନାମ ଓ ଠିକଣା - ଅନସୂୟା ନନ୍ଦ ସଂସାର ପ୍ରେସ, ତଳତେଲେଙ୍ଗା ବଜାର, କଟକ-୭୫୩୦୦୯

ଆମ୍ଭେ ଅନସୂୟା ନନ୍ଦ ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଏବଂ ହୃଦ୍‌ବୋଧ ହୋଇଅଛି ।

**ସ୍ୱା- ଅନସୂୟା ନନ୍ଦ**
୧.୩.୨୦୨୦ ପ୍ରକାଶକ, ମାସିକ 'ସଂସାର'

## ସାଧାରଣ ଜ୍ଞାନ ପରୀକ୍ଷା

ଶ୍ରୀ ଜ୍ୟୋତିରଂଜନ ବିଶ୍ୱାଳ

୧- 'କାବୁକି' (Kabuki) କେଉଁ ଦେଶର ପାରମ୍ପରିକ ନୃତ୍ୟଶୈଳୀ (Traditional Dance Drama ?

୨- କେଉଁ ଗ୍ରୀକ୍ ରାଷ୍ଟ୍ରନୀତିଜ୍ଞ ଗଣତନ୍ତ୍ରର ଜନକ (Father of Democracy) ଭାବରେ ପ୍ରତିଷ୍ଠିତ ?

୩- ଐତିହାସିକ ଯୁଦ୍ଧକ୍ଷେତ୍ର ପଲାସୀ(Plassey) ଅଧୁନା କେଉଁ ରାଜ୍ୟରେ ଅବସ୍ଥିତ ?

୪- ଗ୍ରୀନ୍‌ଲ୍ୟାଣ୍ଡ ଏବଂ ଆଇସ୍‌ଲ୍ୟାଣ୍ଡ ମଧ୍ୟରେ ଥିବା ପ୍ରଣାଳୀର ନାମ କ'ଣ ?

୫- ବାଟାଭିଆର ବର୍ତ୍ତମାନର ନାମଟି କ'ଣ ?

୬- ୧୯୬୭ ମସିହାରେ ସଂଘଟିତ ହୋଇଥିବା ଛଅ ଦିନର ଯୁଦ୍ଧ (Six days war) କେଉଁ ଦୁଇଟି ଦେଶ ମଧ୍ୟରେ ହୋଇଥିଲା ?

୭- ପ୍ରଥମ ବିଶ୍ୱଯୁଦ୍ଧବେଳେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ କିଏ ଥିଲେ ?


୮- ମୋଗଲି (Mowgli) ଚରିତ୍ରର ଜନକ କିଏ ?

୯- କାଞ୍ଚନଜଙ୍ଘା ପର୍ବତ କେଉଁ ରାଜ୍ୟରେ ଅବସ୍ଥିତ ?

୧୦- ବିଶ୍ୱ ନାଗରିକ ଦିବସ (World Citizen Day) ପ୍ରତିବର୍ଷ କେଉଁ ତାରିଖରେ ପାଳନ କରାଯାଇଥାଏ ?

*ଦୁର୍ଗାପୁର, ଭାୟା-ତାଳଚେର, ଅନୁଗୁଳ- ୭୫୯୧୦୦*

*(ଉତ୍ତର ୨୨ ପୃଷ୍ଠାରେ)*



# ଡିବିରି

ଶ୍ରୀ ମୁରଲୀଧର ମେହେର

ଅଳପ ମାଟିରେ ଗଢ଼ା ମୋ ଶରୀର,
ଡିବିରି ମୋହର ନାମ,
ଦିବା ଅବସାନେ ମୋର ଲୋଡ଼ା ହୁଏ
ଆଗମନ କଲେ ତମ ।୧।
ମୃତ୍ତିକା ତଇଲ, ଉଦରେ ମୋହର
ଅଳ୍ପ କିଛି ଭରିଦେଇ,
ପ୍ରଜ୍ୱଳିତ କରି ରଖିଦେଲେ ମୋତେ
ଅନ୍ଧାର ଯାଏ ଦୂରେଇ ।୨।
ଗାଁ'ରେ ଗାଁ'ରେ, ପ୍ରତି ଘରେ ଘରେ
ଲାଗିଲା ବିଜୁଳିବତି
ତେଣୁ ଆଗ ପରି ଲୋକମାନେ ମୋତେ
ଆଦର କରୁନାହାନ୍ତି ।୩।
କଉଣସି ଦିନ, କେଉଁ କାରଣରୁ
ବିଜୁଳି ହେଲେ କର୍ତ୍ତନ,
ମୋର ସାନଭାଇ, ଲଣ୍ଠନକୁ ଲୋକେ,
କରୁଛନ୍ତି ପ୍ରଜ୍ୱଳନ ।୪।
ମୁହିଁ ପଡ଼ିଅଛି ଘର ବାଡ଼ିପଟେ,
କର୍ମକୁ ଆଦରି ମୋର,
ପୁରୁଣା ହୋଇଲେ କୌଣସି ଜିନିଷ,
ନ ପାଏ ଆଉ ଆଦର ।୫।
ମୋ' ଠାରୁ ଅଧିକ ଆଲୋକ ପ୍ରଦାନ
କରୁଛି ବିଜୁଳିବତି,
ବିନା ତଇଲରେ ବିଜୁଳି ବଳରେ,
ଦିନ ପରି କରି ରାତି ।୬।
ଯାହାର ଯେତିକି ପ୍ରତିଭା ସେତିକି
ଆଦର ଲାଭ କରିବ,
ଯାହାର ପ୍ରତିଭା ନ୍ୟୁନ ସେ ବା କାହୁଁ
ଆଦର ପାଇପାରିବ ।୭।
ମୋର ଆଉ ଏକ ଅନ୍ୟ ରୂପ ଅଛି
ପ୍ରଦୀପ ତାହାର ନାମ
ତାକୁ ପ୍ରଜ୍ୱଳନ ନ କଲେ ଆରମ୍ଭ
ହୁଏ ନାହିଁ ପୂଜା କାମ ।୮।
ଜାଗର ରାତିରେ,ବିରାଟ ଆକାରେ,
ତାକୁ କରି ସଂସ୍ଥାପନ,
ମନ୍ଦିର ଉପରେ ମହାଦୀପ ବୋଲି
କହନ୍ତି ଜଗତଜନ ।୯।
ସେଦିନ ରାତିରେ ମନ୍ଦିର ଉପରେ
ତାକୁ ଦରଶନ କଲେ,
ସକଳ ପାତକ ଖଣ୍ଡନ ହୁଅଇ,
ବୋଲି କହନ୍ତି ସକଳେ ।୧୦।
ମାଟିରେ ତିଆରି ହୋଇଅଛି ମୁହିଁ
ମାଟିରେ ମିଶିବି ଦିନେ,
ଅଦର୍କାରୀ ବୋଲି ଭାଙ୍ଗି ଫିଙ୍ଗିଦେଲେ,
ଜଗତର ଲୋକମାନେ ।୧୧।

ଆଜି ଜଳୁଥିବା ଜୀବନୁ ପ୍ରଦୀପ,
ହୋଇଯିବ ନିର୍ବାପିତ,
ଏହି ଶରୀରକୁ ବନ୍ଦ ହୋଇଗଲେ,
ପବନର ଆତଯାତ ।୧ ୨।
କେ ରହିଛି ଭବେ ସବୁଦିନ ପାଇଁ
କେହ୍ନୁ ବା ପାରିବ ରହି ?
ସଜୀବ ହେଉ କି ହେଉ ନିରିଜୀବ
ସବୁ ଦୁଇ ଦିନ ପାଇଁ ।୧୩।

*ବେନିଆଁଚାଲ, ଲାଉମୁଣ୍ଡା, ବିଜେପୁର, ବରଗଡ଼*

---

## ନୀତି ମୁକ୍ତାମାଳା


❋ ଜୀବନର ସବୁଠାରୁ ବଡ଼ ଶତ୍ରୁ ହେଉଛି ଆଳସ୍ୟ ।
-ବେନିଜ୍‌କ୍ଟ

❋ ଧୈର୍ଯ୍ୟ ପିତା ଲାଗେ ସତ, ମାତ୍ର ତା'ର ଫଳ ଖୁବ୍ ମିଠା । --ରୁଷୋ

❋ ଭଲ ସମ୍ପର୍କ ଯୋଡ଼ିବା ପାଇଁ ସୁନ୍ଦର ସ୍ୱର ଏବଂ ସୁନ୍ଦର ମୁଖମଣ୍ଡଳ ଦରକାର ପଡ଼େନାହିଁ; କିନ୍ତୁ ସୁନ୍ଦର ହୃଦୟ ଏବଂ ଦୃଢ଼ବିଶ୍ୱାସ ରହିବା ଦରକାର ।

❋ ଜଣେ ବ୍ୟକ୍ତିର ସରଳ ସ୍ୱଭାବ ଦେଖି ଭାବ ନାହିଁ ଯେ ସେ ଦୁର୍ବଳ । ଏହି ସ୍ୱଭାବ ତା'ର ସଂସ୍କାରର ପ୍ରତିଫଳନ ।

❋ କେବଳ ବାକ୍ୟ ଓ ଶବ୍ଦ ଦ୍ୱାରା ଉତ୍ତମ ସମ୍ପର୍କ ନିର୍ଭର କରେନାହିଁ, ଅକୁହା ଶବ୍ଦକୁ ବୁଝିପାରିବା ଉପରେ ମଧ୍ୟ ଉତ୍ତମ ସମ୍ପର୍କ ନିର୍ଭର କରିଥାଏ ।




## ଦେହରକ୍ଷୀ

ଡ. ରାମଚନ୍ଦ୍ର ଦେଓ

ସୌମ୍ୟରଞ୍ଜନ ରାୟଚୌଧୁରୀ ଜଣେ ରୋବଟିକ୍ ବୈଜ୍ଞାନିକ ଭାବରେ ଖ୍ୟାତ । ଘରେ ଏକ ନିଜସ୍ୱ ବିଶାଳ ଲେବରେଟରୀ ପ୍ରତିଷ୍ଠା କରି ଦିନରାତି ସେ ତାଙ୍କର ଗବେଷଣାରେ ବ୍ୟସ୍ତ ଥା'ନ୍ତି । ଗବେଷଣାର ଯାବତୀୟ ଅତ୍ୟାଧୁନିକ ସରଞ୍ଜାମ ରହିଛି ସେହି ପରୀକ୍ଷାଗାରରେ । ବହୁତଗୁଡ଼ିଏ ଆଲମାରୀ କାନ୍ଥକୁ ଲାଗି ଧାଡ଼ି ଧାଡ଼ି ହୋଇ ଠିଆହୋଇଛି । ଆଲମାରି ସବୁ ବିଭିନ୍ନ ପ୍ରକାର ରାସାୟନିକ ଦ୍ରବ୍ୟରେ ପରିପୂର୍ଣ୍ଣ । ମଝିରେ ରହିଛି ଏକ ପ୍ରକାଣ୍ଡ ଟେବୁଲ । ଟେବୁଲ ଉପରେ ସଜାଯାଇଛି ବିଭିନ୍ନ ଆକାରର ଟେଷ୍ଟଟ୍ୟୁବ୍ ଓ ବିକର୍ । ଏହା ଛଡ଼ା ଅନ୍ୟ ଟେବୁଲରେ ବିକ୍ଷିପ୍ତ ଭାବରେ ପଡ଼ିରହିଛି ଗବେଷଣାର କାଗଜପତ୍ର, ଫାଇଲ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟାଦି । ନିଜ ଘର ସହିତ ସୌମ୍ୟବାବୁଙ୍କର ଲେବରେଟୋରୀଟା ସଂଲଗ୍ନ ହୋଇ ରହିଲେ କ'ଣ ହେଲା, ସେ ଖୁବ କମ ସମୟ ଘରେ ରହନ୍ତି ଓ ବାକି ସମୟ ଲୋବରେଟରୀରେ ନିଜ କାମରେ ବ୍ୟସ୍ତ ଥାନ୍ତି । ପରିମଳ ଦାସ ହେଉଛନ୍ତି ସୌମ୍ୟବାବୁଙ୍କ

ଜଣେ ବନ୍ଧୁ । ସେ ମଧ୍ୟ ରୋବଟିକ୍ ବିଜ୍ଞାନର ଅନ୍ୟତମ ଗବେଷକ । ନିଜ କର୍ମରୁ ଟିକିଏ ଫୁରସତ ପାଇଲେ ପରିମଳବାବୁ ସୌମ୍ୟବାବୁଙ୍କ ସହିତ ମିଶିବାକୁ ଆସନ୍ତି । ହେଲେ ସୌମ୍ୟବାବୁ ତାଙ୍କର ପରୀକ୍ଷାଗାରେ ନ ମିଶି ନିଜ ଘରେ ପରିମଳବାବୁଙ୍କ ସହିତ ମିଶୁଥିଲେ ଓ ଗବେଷଣା ସମ୍ପର୍କିତ ଆଲୋଚନାରେ କିଛି ସମୟ ବୁଡ଼ି ରହୁଥିଲେ । ଉଭୟଙ୍କ ମଧ୍ୟରେ ବନ୍ଧୁତାର ନିବିଡ଼ତା ଥିଲେ ମଧ୍ୟ ନିଜ ନିଜ ଗବେଷଣାର ମୂଳତତ୍ତ୍ୱ କେହି କାହାରିକୁ ଜଣାଉ ନ ଥିଲେ । ରୋବଟ୍ ଉପରେ କିଛି ଗୋଟାଏ ନୂତନ ଉଦ୍ଭାବନ କରିବାର ଥାଏ ଉଭୟଙ୍କର ଇଚ୍ଛା ।



ପୃଥିବୀର ନାମକରା ବିଶ୍ୱବିଦ୍ୟାଳୟରେ ସୌମ୍ୟବାବୁ ତାଙ୍କର ଗବେଷଣା ସନ୍ଦର୍ଭ ପାଠ କରିବାର ସୁଯୋଗ ପାଉଥିଲା ବେଳେ ପରିମଳବାବୁ ଏଥିରୁ ବଞ୍ଚିତ ହେଉଥିଲେ । ଏଣୁ ତାଙ୍କ ମନରେ ପ୍ରବଳ ହିଂସା ଜାତ ହେଲା । ବନ୍ଧୁତା ଶତ୍ରୁତାର ରୂପ ନେଲା । ସୌମ୍ୟବାବୁଙ୍କୁ ଶେଷ କରିବାର ସିଦ୍ଧାନ୍ତ ସେ ନେଲେ ।

ଦିନକର କଥା । ସୌମ୍ୟବାବୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରୋବଟ୍ ଉପରେ ତାଙ୍କ ଗବେଷଣାପତ୍ର ପାଠ କରି ଫେରୁ ଫେରୁ ଟିକିଏ ବିଳମ୍ବ ହୋଇଗଲା । ତାଙ୍କ ଗବେଷଣାପତ୍ର ଉପରେ ଆଲୋଚକମାନେ ଟିକିଏ ପ୍ରତିକୂଳ ମନ୍ତବ୍ୟ ଦେଇଥିବାରୁ ସେ ତାର ସଂଶୋଧନ ପାଇଁ ଘର ଭିତରକୁ ନ ପଶି ସିଧା ଗବେଷଣାଗାର ଭିତରକୁ ପଶିଲେ ଓ ଗଲାବେଳେ ତାଙ୍କର ସ୍ତ୍ରୀ ମିନତିଙ୍କୁ କପେ କଡ଼ା ଚା' ନେଇଯିବା ପାଇଁ କହିଲେ । ମିନତି ଦେବୀ ଚା' ନେଉ ନେଉ ଟିକିଏ ବିଳମ୍ବ ହୋଇଗଲା । ଚା' କପ୍ ଧରି ସେ ଯାଇ ପହଞ୍ଚିଲେ ପରୀକ୍ଷାଗାର ପ୍ରବେଶଦ୍ୱାର ନିକଟରେ ।

ଗବେଷଣାଗାରର କବାଟ ଖୋଲିଲା ମାତ୍ରେ ତାଙ୍କ ଆଖିରେ ଯାହା ପଡ଼ିଲା, ସେଥିଲେ ସେ ଅତ୍ୟନ୍ତ ବିଚଳିତ ହୋଇଉଠିଲେ । ଘଟଣାଟି ଏମିତି ଥିଲା ଯେ ଦେଖିଲାମାତ୍ରେ ତାଙ୍କର ଶ୍ୱାସରୁଦ୍ଧ ହେବାକୁ ବସିଲା । କେହି ଜଣେ ଅଜଣାଲୋକ କଳାପୋଷାକରେ ଆପାଦମସ୍ତକ ଆବୃତ ହୋଇ ସୌମ୍ୟବାବୁଙ୍କ ଆଡ଼କୁ ଆଗେଇଯାଉଛି । ହାତରେ ତାର ଚିକ୍ ଚିକ୍ କରୁଛି ଏକ ତୀକ୍ଷ୍ଣ ଛୁରୀ । ସନ୍ତର୍ପଣରେ ଆଉ ଜଣେ ଅଜଣା ଲୋକ ପ୍ରଥମ ଲୋକକୁ ଅନୁସରଣ କରୁଛି । ସୌମ୍ୟବାବୁ ନିଜ ଗବେଷଣାପତ୍ର ସଂଶୋଧନ କରିବାରେ ବ୍ୟସ୍ତ ରହିଛନ୍ତି । ଏ ସବୁ ପ୍ରତି ତାଙ୍କର ମୋଟେ ନଜର ନାହିଁ । ନିମିଷକ ମଧ୍ୟରେ ଆତତାୟୀର ଛୁରାମାଡ଼ରେ ତାଙ୍କ ସ୍ୱାମୀଙ୍କର ଜୀବନ ଦୀପ ଲିଭିଯିବ ଭାବି ଆତଙ୍କରେ ତାଙ୍କର ଆଖି ବୁଜି ହୋଇଗଲା । ହଠାତ୍ ଏକ ବିକଟାଳ ଶବ୍ଦ ଶୁଣି ସେ ଚାହିଁଲାବେଳକୁ କଳା ପୋଷାକଧାରୀ ଲୋକଟି ତଳେ ପଡିଛି ଓ ତାଙ୍କୁ ଅନୁସରଣ କରୁଥିବା ଲୋକଟି ତାର ମୁଖା ଖୋଲୁଛି ।

ଚିତ୍କାର ଶୁଣି ନିଜର କାଗଜପତ୍ର ଛାଡ଼ି ସୌମ୍ୟବାବୁ ଦୌଡ଼ିଆସିଲେ ଘଟଣାସ୍ଥଳକୁ । ଯାହା ଦେଖିଲେ,



ବିସ୍ମୟରେ ଅଭିଭୂତ ହୋଇଗଲେ । କଳାପୋଷାକଧାରୀ ଲୋକଟି ହେଉଛି ତାଙ୍କର ଅନ୍ତରଙ୍ଗ ବଂଧୁ ପରିମଳବାବୁ । ସେତେବେଳକୁ ମିନତି ଦେବୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଗଲେ । ପରିମଳବାବୁଙ୍କୁ ଦେଖି ମିନତି ଦେବୀ ତଟସ୍ଥ ହୋଇ ସ୍ୱାମୀଙ୍କ ଆଡ଼େ ଚାହିଁ କହିଲେ, ''ଏବେ ମୁଁ ତମର ପରମ ବନ୍ଧୁ ପରିମଳବାବୁଙ୍କ ପ୍ରକୃତ ପରିଚୟ ପାଇଲି, ହେଲେ ଯିଏ ଏଇ ସଂକଟରୁ ତମକୁ ରକ୍ଷାକଲା, ସେ ଲୋକଟି କିଏ ?'' ଏହା ଶୁଣି ସୌମ୍ୟବାବୁ ମୃଦୁ ହସି କହିଲେ, ''ସେ ହେଉଛି ମୋ ଗବେଷଣାଲବ୍ଧ ଦେହରକ୍ଷୀ ରୋବଟ୍ ।'' କଥାଟା ଶୁଣି ପରିମଳବାବୁ ଭୂଇଁରୁ ଉଠୁ ଉଠୁ କହିଲେ, ''ବନ୍ଧୁ ମୋର ଅପରାଧ ପାଇଁ କ୍ଷମା କରିଦିଅ । ପ୍ରଶଂସା ପାଇବାର ମିଛ ଲାଳସାରେ ପାଗଳ ହୋଇ ମୁଁ ଏମିତି ଏକ ଘୃଣ୍ୟକାମ କରିବାକୁ ଯାଉଥିଲି ।''

ନିଜ ବନ୍ଧୁଙ୍କୁ କୋଳେଇ ନେଉ ନେଉ ସୌମ୍ୟବାବୁ କହିଲେ, ''ତମେ ଏ କାର୍ଯ୍ୟ କରି ନ ଥିଲେ ମୋ ଗବେଷଣାରେ ପରୀକ୍ଷା ଅପୂର୍ଣ୍ଣ ରହିଯାଇଥାନ୍ତା । ଏଣୁ ତମେ ମୋର ଶତ୍ରୁ ନୁହଁ, ପରମ ବନ୍ଧୁ । ଏ ରୋବଟ୍ ହେଉଛି ବିଶେଷ କ୍ଷମତାସମ୍ପନ୍ନ ଏକ ଦେହରକ୍ଷୀ । ଆଜି ସେ ତାର ପ୍ରମାଣ ଦେଖାଇ ବିରୁଦ୍ଧ ପରିସ୍ଥିତିକୁ ମୁକାବିଲା କରି ମୋ ଜୀବନ ବଞ୍ଚାଇପାରିଲା । ଏହା ମଧ୍ୟରେ ରହିଛି ଅତ୍ୟାଧୁନିକ ସେନସର୍ ଏବଂ ସ୍ୱୟଂକ୍ରିୟ ମଟର । ଏହାକୁ ଆଦେଶ ଦେବାର ଆବଶ୍ୟକତା ନାହିଁ । କୌଣସି ଅସ୍ୱାଭାବିକ ଅବସ୍ଥା ଉପୁଜିଲେ ଏହା ସ୍ୱତଃ କ୍ରିୟାଶୀଳ ହୋଇଉଠେ । ତେଣୁ ଏହି ରୋବଟ୍ ପାଖରେ ଥିଲେ ନିରାପତ୍ତା ପାଇଁ କୌଣସି ରକ୍ଷୀର ଆବଶ୍ୟକତା ନାହିଁ ।''

କଥାଟା ଶୁଣି ଓ ସ୍ୱଚକ୍ଷୁରେ ରୋବଟ୍‌ର ଅଦ୍ଭୁତ କାର୍ଯଦକ୍ଷତା ଦେଖି ପରିମଳବାବୁ ବିସ୍ମୟ-ବିସ୍ଫାରିତ ନେତ୍ରରେ ଚାହିଁରହିଲେ ବିଲୋଳ ହସ ଚହଲୁଥିବା ସୌମ୍ୟବାବୁଙ୍କ ମୁଖମଣ୍ଡଳକୁ ।

*ଫ୍ଲାଟ ନଂ- ୨୮୮, ଟାୱାର ନଂ-୨, ନର୍ଦ୍ଦନ ହାଇଟ୍ସ,*
*ନନ୍ଦନବିହାର(ପଟିଆ), ଭୁବନେଶ୍ୱର-୭୫୧୦୨୪*

---

**ସାଧାରଣଜ୍ଞାନ ପରୀକ୍ଷା ଉତ୍ତର**

୧-ଜାପାନ୍, ୨- ପେରିକ୍ଲିସ (Pericles), ୩-ପଶ୍ଚିମବଙ୍ଗ, ୪-ଡେନ୍‌ମାର୍କ ପ୍ରଣାଳୀ(The strait of Denmark), ୫-ଜାକର୍ତ୍ତା (ଇଣ୍ଡୋନେସିଆର ରାଜଧାନୀ), ୬-ଇସ୍ରାଏଲ୍ ଏବଂ ଇଜିପ୍ଟ, ୭- ଲୟଡ୍ ଜର୍ଜ(Lloyd George), ୮- ରୁଡ୍‌ୟାର୍ଡ୍ କିପ୍‌ଲିଙ୍ଗ(Rudyard Kipling), ୯- ସିକିମ୍, ୧୦- ୨୧ ଅଗଷ୍ଟ


# ଜୀବନ

ବୀଣା ପଣ୍ଡା

ଜନମ ବେଳରୁ ଆଜିଯାଏଁ ମୋର
ଘଟିଲାଣି ନାନା କଥା,
ଜୀବନ ପଥରେ ଅଟକି ନ ଯାଇ
ଚାଲୁଛି ମୁଁ ଏକା ଏକା ।
ଜୀବନ ପଥଟା ଭାରି ଅଙ୍କାବଙ୍କା
ଦେଖି ଚାଲିବାକୁ ହୁଏ,
ନଦେଖି ଯଦି କେ ରାସ୍ତା ବାଛିନିଏ
ଆଉ ଫେରିବାର ନୁହେଁ ।
ଜୀବନ ପଥରେ କେତେ ଲୋକ ଆସି
କେତେ ଯେ ଯାଆନ୍ତି ଫେରି,
ତାଙ୍କରି ମେଳରୁ ସଅଳ ବାଛିବା
ନ ହେଲେ ହେବଟି ଡେରି ।
ଜୀବନ ଯାତ୍ରାରେ କେହି ନୁହେଁ ପର
କେହି ନୁହେଁ ଆପଣାର,
ଆଶାବତି ଧରି ଚାଲିବାକୁ ହୁଏ
ନିଜେ ବୋହି ନିଜ ଭାର ।
ଜୀବନ ପଥରେ କେତେ ଯେ ବାଧକ
କରିଥାଏ ଗତିରୋଧ,
ବେକ ସଳଖାଇ ସାମନା କରିବା
ଯେତେ ବାଧା ଶଙ୍କାବୋଧ ।
ପ୍ରତିଟି କଥାରେ ଭଲମନ୍ଦ ସବୁ
ହୋଇଥାଏ ମହାମେଳ,
ଜୀବନ ସେମିତି ପାପର ପୁଣ୍ୟର
ଛାଇ ଆଲୁଅର ଖେଳ ।
ପିମ୍ପୁଡ଼ି ଯେମିତି ଚିନିଦାନା ସବୁ
ବାଲିରୁ ନିଅଇ କାଢ଼ି,
ଜୀବନରୁ ଆମେ ସାଉଁଟି ଆଣିବା
ହସ, ଫୁଲ, ଲୁହ ଛାଡ଼ି ।
ଚାଲ, ଚାଲ, ଚାଲ ପଛକୁ ନଚାହିଁ
ମନ ତାକତକୁ ଧରି
ଆଗକୁ ଗଲେ ହିଁ ମିଳେ ସଫଳତା
ବିଭୁକୃପା ପଡ଼େ ଝରି ।

*୭ମ ଶ୍ରେଣୀ, ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର, ଆର୍ କେ ବିହାର, ଭୂଆଁ, ପୁରୀ–୨*

---




# ଧନ୍ଦା

ତିନୋଟି ଅକ୍ଷରେ ନାମ ମୋହର;
ପରବ ଭିତରେ ଅଟଇ ସାର ।୧।
ତୃତୀୟ ପ୍ରଥମ ମିଶାଇ ଦେଲେ;
ରାଜ୍ୟକୁ ଶାସନ କରଇ ଭଲେ ।୨।
ଦ୍ୱିତୀୟ ପ୍ରଥମ ଏକାଠି କର
ଉତ୍ପତ୍ତି ହୁଅଇ ମଞ୍ଜିରୁ ଯା'ର ।୩।
ପ୍ରଥମ ଦ୍ୱିତୀୟ ସଂଯୋଗ କର;
ସୁପ୍ତ ବିପରୀତ ଅଟଇ ତାର ।୪।
ଏହି ଧନ୍ଦାଟିକୁ ବୁଝିବ ଯିଏ ।
ଶିବଙ୍କ ଆଶିଷ ପାଇବ ସିଏ

**ପ୍ରଜ୍ଞାଜ୍ୟୋତି ବିଶ୍ୱାଳ,** *ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଆନନ୍ଦପୁର*

*(ଉତ୍ତର ୨୭ ପୃଷ୍ଠାରେ)*



# ରାମାୟଣ ଶୁଣିବାର ଫଳ

ଶାନ୍ତି ସାମଲ

ଗୋଟିଏ ଗାଁରେ ଜଣେ ସାଦାସିଧା ଲୋକ ଥିଲା । ତା'ର କୌଣସି ପଢ଼ାପଢ଼ିରେ ମନ ନ ଥିଲା କିମ୍ବା ସେ ଯାତ୍ରା ଥିଏଟର ଦେଖିବାକୁ ଭଲ ପାଉ ନ ଥିଲା । ସେ ଖାଇପିଇ ଆରାମରେ ଘରେ ରହି ଶୋଇବାକୁ ଭଲପାଉଥିଲା । ତା'ର ସ୍ତ୍ରୀ କିନ୍ତୁ ପଢ଼ାପଢ଼ି କରିବାକୁ, ଯାତ୍ରା ଥିଏଟର ଦେଖିବାକୁ ଭଲପାଉଥିଲା । ବେଦ ପୁରାଣ ଶୁଣିବାକୁ ବି ଭଲପାଉଥିଲା । ସ୍ତ୍ରୀଟି ଚାହୁଁଥିଲା ତା'ର ସ୍ୱାମୀ ବି ଟିକେ ପୁରାଣ ବିଷୟ ଜାଣନ୍ତା କି ପଢ଼ନ୍ତା !

ସ୍ତ୍ରୀ ସ୍ୱାମୀକୁ ଯେତେ ବୁଝାଇଲେ ବି ସେ ତା'ର କଥା ଶୁଣୁ ନ ଥିଲା । ଥରେ ସେ ଗାଁକୁ ଜଣେ ବ୍ୟକ୍ତି ରାମାୟଣ ଉପରେ ଯାତ୍ରା କରିବା ପାଇଁ ଆସିଲେ । ସେତେବେଳେ ସାରାରାତି ଗାଁ ଗହଳିରେ ଯାତ୍ରା ହେଉଥିଲା । ଏଇ ଯାତ୍ରାରେ କେବଳ ଜଣେ ଲୋକ ରାମାୟଣକୁ ଗୀତ ଆକାରରେ ଗାଇ ଗାଇ ନାଚି ନାଚି ଲୋକମାନଙ୍କୁ ବୁଝାଉଥିଲେ । ସ୍ତ୍ରୀ ଟି ତା'ର ସ୍ୱାମୀକୁ ଗୀତ ଶୁଣିବା ପାଇଁ ଯାତ୍ରା ମଣ୍ଡପକୁ ପଠାଇଲା । ସ୍ୱାମୀଟି ବାଧ୍ୟ ହୋଇ ସ୍ତ୍ରୀକୁ ଖୁସି କରିବାପାଇଁ ମଣ୍ଡପ ପାଖକୁ ଗଲା ।

ପ୍ରଥମ ରାତିରେ ସ୍ୱାମୀଟି ମଣ୍ଡପଠାରୁ କିଛି ଦୂରରେ ପୂରା ପଛ ଧାଡ଼ିରେ ବସିଲା । ଟିକେ ସମୟ ମଣ୍ଡପରେ ଯାତ୍ରା କଥା ଶୁଣାଉଥିବା ବ୍ୟକ୍ତିଙ୍କୁ ଦେଖିଲା ଓ ପରେ ପରେ ଗାଢ଼ ନିଦରେ ଶୋଇପଡ଼ିଲା । ସେଦିନ ରାତିରେ ଗାଇବାକୁ ଥିବା ଗୀତ ସରିଲା ପରେ ନିୟମ ଅନୁସାରେ ଜନସାଧାରଣଙ୍କୁ ମିଠା ବଣ୍ଟାହେଲା । ସ୍ୱାମୀଟି ପାଟି ଆଁ କରି ଶୋଇଥିଲା । କିଏ ଜଣେ ତା'ର ମେଲା ପାଟିରେ ଟିକେ ମିଠା ପୂରାଇଦେଲେ । ପାଟିରେ ମିଠା ବାଜିବା ସାଙ୍ଗେ ସାଙ୍ଗେ ତା'ର ନିଦ ଭାଙ୍ଗିଗଲା । ସେ ଉଠି ଦେଖିଲା ସମସ୍ତେ ଘରକୁ ଯାଉଛନ୍ତି । ସେ ତା'ର ନିଜ ଘରକୁ ଫେରିଗଲା । ସ୍ତ୍ରୀଟି ଖୁସି ହେଲା ଯେ ତା'ର ସ୍ୱାମୀ ସାରା ରାତି ରାମାୟଣ ଶୁଣି ଘରକୁ ଫେରିଲା । ସେ ତା'ର ସ୍ୱାମୀକୁ ପଚାରିଲା– ରାମାୟଣ କେମିତି ଲାଗିଲା ? ସ୍ୱାମୀଟି କହିଲା– ବହୁତ ମିଠା । ଏହା ଶୁଣି ସ୍ତ୍ରୀ ଭାରି ଖୁସି ହେଲା ।

ଦ୍ୱିତୀୟ ରାତିରେ ପୁଣି ଆଗଭଳି ରାମାୟଣ ଶୁଣିବା ପାଇଁ ସ୍ୱାମୀ ରାଜି ହେଉ ନ ଥିଲା । ସ୍ତ୍ରୀ ବାଧ୍ୟକରି ପଠାଇଲା । ପୂର୍ବରାତି ଭଳି ସ୍ୱାମୀଟି ସେଦିନ ବି ପଛରେ କାନ୍ଥକୁ ଆଉଜି ଶୋଇପଡ଼ିଲା । ଭିଡ଼ ଥିବାରୁ ସ୍ୱାମୀ ଶୋଇଥିବା ଦେଖି ଗୋଟିଏ ପିଲା ତା ଉପରେ ବସି ରାମାୟଣ ଶୁଣିଲା । ସକାଳ ହେଲାରୁ ରାମାୟଣ ଗୀତ ବନ୍ଦ ହେଲା । ସମସ୍ତେ ଘରକୁ ଫେରିଗଲେ । ଶୋଇଥିବା ସ୍ୱାମୀଟି ଉପରେ ବସିଥିବା ପିଲାଟି ବି କୋଳରୁ ଉଠିଗଲା । ସ୍ୱାମୀ ବି ଘରକୁ ଫେରିଗଲା । ରାତି ସାରା ତା ଉପରେ


ପିଲାଟି ବସି ରହିଥିବାରୁ ତା'ର ଦେହ ହାତ ଦରଜ ହୋଇଯାଇଥାଏ । ତାକୁ କଷ୍ଟ ଲାଗୁଥାଏ । ସ୍ତ୍ରୀ ସ୍ୱାମୀକୁ ପଚାରିଲା– ରାମାୟଣ କେମିତି ଲାଗିଲା ? ସେ କହିଲା –ସକାଳୁ ବହୁତ କଷ୍ଟ ଲାଗୁଥିଲା । ସ୍ତ୍ରୀ ଟି ଖୁସି ହୋଇ କହିଲା– ହଁ ରାମାୟଣ ବୁଝିବା ପାଇଁ ପ୍ରଥମେ ପ୍ରଥମେ ସେମିତି ଲାଗିବ । ତାହାହିଁ ରାମାୟଣର ବିଚାରଧାରା ।

ତୃତୀୟ ରାତିରେ ସ୍ୱାମୀଟି ମଣ୍ଡପର ଶେଷରେ ଲୋକମାନଙ୍କ କଡ଼ରେ ବସିଲା । ବସୁ ବସୁ ମାଟିରେ ଶୋଇପଡ଼ି ଘୁଂଗୁଡ଼ି ମାରିଲା । ସକାଳ ହେଲାରୁ ସବୁଲୋକ ନିଜ ନିଜ ଘରକୁ ଫେରିଗଲେ । ସ୍ୱାମୀଟି ଅନେକ ଦୂରରେ ପାଟି ଆଁ କରି ଶୋଇଥିବାରୁ ଗୋଟିଏ କୁକୁର ଆସି ତା ପାଟିରେ ପରିସ୍ରା କରିଦେଲା । ସଙ୍ଗେ ସଙ୍ଗେ ସ୍ୱାମୀଟି ଉଠିପଡ଼ି ଘରକୁ ଗଲା । ସ୍ତ୍ରୀ ପଚାରିଲା– ଆଜି ରାମାୟଣ ପାଠ କେମିତି ଲାଗିଲା ? ସ୍ୱାମୀ କହିଲା– ବହୁତ ଖରାପ ଓ ଭୀଷଣ ଲୁଣିଆ ଲାଗିଲା । ସ୍ତ୍ରୀ ଟି ଠିକ୍ ଭାବରେ ବୁଝି ନ ପାରି ସ୍ୱାମୀକୁ ସବୁକଥା ଠିକ୍ ଭାବରେ କହିବାକୁ ବାଧ୍ୟକଲା । ସ୍ୱାମୀ ବିଚାରା ପ୍ରତ୍ୟେକ ରାତିର ଘଟଣା ସ୍ତ୍ରୀକୁ କହିଲା ।

ଚତୁର୍ଥ ରାତିରେ ସ୍ତ୍ରୀଟି ସ୍ୱାମୀକୁ ସଙ୍ଗରେ ନେଇ ମଣ୍ଡପର ଆଗଧାଡ଼ିରେ ବସିଲା । ତାକୁ ବାରମ୍ବାର ନ ଶୋଇବାକୁ ବାଧ୍ୟ କଲା । ସେଦିନ ରାମାୟଣ ଗୀତରେ ହନୁମାନ ସୀତାଙ୍କୁ ଖୋଜିବା ପାଇଁ ଲଙ୍କା ଯାଉଥିଲା । ସୀତାଙ୍କର ବିଶ୍ୱାସ ଜନ୍ମାଇବା ପାଇଁ ରାମଙ୍କର ମୁଦିକୁ ସଙ୍ଗରେ ନେଇ ଯାଉଥିଲା । କିନ୍ତୁ ସମୁଦ୍ର ଉପରେ ଉଡ଼ିବା ସମୟରେ ମୁଦିଟି ସମୁଦ୍ରରେ ପଡ଼ିଗଲା । ସେଥିପାଇଁ ହନୁମାନ ଦୁଃଖ କରି ରାମଙ୍କୁ ପ୍ରାର୍ଥନା କରୁଥିଲା । ସ୍ୱାମୀଟି ସେଦିନ ରାମାୟଣର ଗୀତ ଠିକ୍ ଭାବରେ ଶୁଣୁଥିଲା । ସେ ସଙ୍ଗେ ସଙ୍ଗେ ମଣ୍ଡପ ଉପରକୁ ଉଠିଯାଇ ମଣ୍ଡପରେ ପଡ଼ିଥିବା ମୁଦିଟିକୁ ହନୁମାନଙ୍କ ହାତରେ ଧରାଇଦେଇ କହିଲା– ଏବେ ମୁଦି ପାଇଲ, ଶୀଘ୍ର ଯାଇ ସୀତା ମାଆଙ୍କୁ ଦେଖାଅ ।

ଜନସାଧାରଣ ଆଶ୍ଚର୍ଯ୍ୟ ହୋଇ ଲୋକଟିକୁ ଦେଖୁଥାନ୍ତି । ସମସ୍ତେ କଥାବାର୍ତ୍ତା ହେଲେ– ଏଇ ଲୋକଟି ନିଶ୍ଚୟ ରାମଭକ୍ତ କିମ୍ବା ହନୁମାନଭକ୍ତ ହୋଇଥିବ । ତା' ପରେ ଗାଁରେ ସମସ୍ତେ ତାକୁ ସମ୍ମାନ ଦେଖାଇଲେ । ତା'ର ସ୍ତ୍ରୀଟି ସ୍ୱାମୀର ଗୌରବରେ ବହୁତ ଖୁସିହେଲା । ପ୍ରକୃତରେ ପୁରାଣ ଶୁଣିବା ଦ୍ୱାରା ବ୍ୟକ୍ତି ସୌଭାଗ୍ୟପ୍ରାପ୍ତ ହୋଇଥାଏ ।

*ଅରୁଣୋଦୟ ମାର୍କେଟ, ବାଦାମବାଡ଼ି, କଟକ*



✪ ବୃକ୍ଷର ସରୁ ଡାଳ ଉପରେ ବସିଥିବା ପକ୍ଷୀଟିଏ କେବେ ହେଲେ ଡାଳ ଭାଙ୍ଗିବାର ଭୟ ରଖେନାହିଁ । କାରଣ ତାହାର ଦୃଢ଼ ବିଶ୍ୱାସ, ଗଛର ଡାଳ ଉପରେ ନ ଥାଏ, ତା'ର ଡେଣା ଉପରେ ଥାଏ । ତେଣୁ ସର୍ବଦା ନିଜ ଉପରେ ବିଶ୍ୱାସ ରଖ ।

ଭଲ ମଣିଷ ଓ ଭଲ ପୁସ୍ତକକୁ ଶୀଘ୍ର ବୁଝିହୁଏନି । ବୁଝିବା ପାଇଁ ସେମାନଙ୍କୁ ଭଲ ଭାବରେ ପଢ଼ିବାକୁ ପଡ଼ିଥାଏ ।

ଦେବେନ୍ଦ୍ର ଚୌଧୁରୀ (ସଂଗ୍ରହ)

# **ବାଓବାବ୍ ବୃକ୍ଷ** (Adansonia)

ଶ୍ରୀ ପ୍ରତାପ କିଶୋର ମହାନ୍ତି

ବାଓବାବ୍ ବୃକ୍ଷ ଆଫ୍ରିକା ମହାଦେଶ, ମାଡାଗାସ୍କାର ଦ୍ୱୀପ, ଆରବ ଉପଦ୍ୱୀପ, ମାଲେୟେସିଆ ଓ ଅଷ୍ଟ୍ରେଲିଆରେ ଶୁଷ୍କ ମରୁ ଅଞ୍ଚଳରେ ଦେଖିବାକୁ ମିଳେ । ଏହା ଏକ ବାର୍ଷିକ ପତ୍ରଝଡ଼ା ଦେଉଥିବା (Deciduous) ବୃକ୍ଷ । ଏହାର ବୈଜ୍ଞାନିକ ନାମ ଉଦ୍ଭିଦ ବିଜ୍ଞାନୀ ଓ ଆବିଷ୍କର୍ତ୍ତା ମିଚେଲ୍ ଆଡାନ୍‌ସନ୍ (Michel Adanson) ଙ୍କ ନାମ ଅନୁଯାୟୀ ଆଡାନ୍‌ସୋନିଆ ଡିଜିଟାଟା (Adansonia digitata) ରଖାଯାଇଛି ।

ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ଆଫ୍ରିକାର ଦକ୍ଷିଣଭାଗରେ ଥିବା ବାଓବାବ୍ ବୃକ୍ଷମାନ ହଠାତ୍ ମରିଯିବାକୁ ଲାଗିଲେ । ବୈଜ୍ଞାନିକମାନଙ୍କର ବିଶ୍ୱାସ ସବୁଜଗୃହ ବାଷ୍ପ (Greenhouse gases) ପରିବର୍ତ୍ତିତ ଜଳବାୟୁ ଓ ପୃଥିବୀର ବାୟୁମଣ୍ଡଳରେ ଉତ୍ତାପ ବୃଦ୍ଧି (Global warming) ହେତୁ ଏତେଗୁଡ଼ିଏ ବାଓବାବ୍ ବୃକ୍ଷ ଏତେ ଚଞ୍ଚଳ ମରିଗଲେ । ବାଓବାବ୍ ବୃକ୍ଷ ସାଧାରଣତଃ ୫-୩୦ମି (୧୬-୯୮ଫୁଟ) ଉଚ୍ଚତା ପର୍ଯ୍ୟନ୍ତ ବଢ଼େ । ଏହାର ଗଣ୍ଡିର ବ୍ୟାସ ୭-୧୧ମି (୨୩-୩୬ ଫୁଟ) । ଦକ୍ଷିଣ ଆଫ୍ରିକାର ଲିମ୍‌ପୋପୋ ପ୍ରଦେଶରେ ଥିବା (ଗ୍ଲେନ୍‌କୋ ବାଓବାବ୍/Adansonia digitata ଜାତୀୟ ବୃକ୍ଷ) ସର୍ବବୃହତ୍ ବୃକ୍ଷ ଭାବେ ବିବେଚିତ ହୁଏ । ଏହାର ଗଣ୍ଡିର ବ୍ୟାସ ୧୫.୯ମି (୫୨ ଫୁଟ) । ଏହି ବୃକ୍ଷମାନ ହଜାରରୁ ଉର୍ଦ୍ଧ୍ୱ ବର୍ଷ ଜୀବିତ ରୁହନ୍ତି ।

**ବାଓବାବ୍ ବୃକ୍ଷଶ୍ରେଣୀ ବିଭାଜନ**(Taxonomy of Baobabs)

ଏହା ବାର୍ଷିକ ପତ୍ରଝଡ଼ା ଦେଉଥିବା ଏକ ଆବୃତବୀଜୀ ଓ ଦ୍ୱିବୀଜପତ୍ରୀ ବୃକ୍ଷ । ଏହା ମାଲ୍‌ଭାର୍ସି ବଂଶ (Family-Malvaceae), ଉପବଂଶ-ବମ୍ବାକଏଡ଼ି (Sub-family-Bombacoideae)ର ଅନ୍ତର୍ଗତ । ଏହାର ପ୍ରଜାତି (Genus) ଆଡାନ୍ ସୋନିଆ (Genus-Adansonia) । ଏହି ପ୍ରଜାତିରେ ବିଭିନ୍ନ ଜାତିର (Species) ବାଓବାବ୍‌ମାନ ଦେଖିବାକୁ ମିଳନ୍ତି ଯଥା-

ଆଡାନ୍‌ସୋନିଆ ଜା (Adansonia Za Baill)

ଏଗୁଡ଼ିକୁ ମଧ୍ୟ ଜା ବାଓବାବ୍ କୁହାଯାଏ ଓ ଏମାନେ ମାଡାଗାସ୍କାର ଦ୍ୱୀପରେ ଦେଖାଯାଆନ୍ତି ।

ବାଓବାବ୍ ବୃକ୍ଷମାନ ଶୁଷ୍କ ମରୁଅଞ୍ଚଳରେ ଦେଖାଯାଆନ୍ତି । ବାଓବାବ୍ ବୃକ୍ଷ ଶୁଷ୍କ ମରୁ ପରିବେଶ ସହ୍ୟ କରିବା ନିମିତ୍ତ ଏହାର ଗଣ୍ଡିରେ ପ୍ରାୟ ୧୨୦,୦୦୦ ଲିଟର ଜଳ ସଞ୍ଚୟ କରି ରଖିଥାଏ । ଗ୍ରୀଷ୍ମ ଋତୁରେ ଏମାନେ ପତ୍ରଝଡ଼ା ଦେଇ ଜଳ ସଞ୍ଚୟ କରନ୍ତି । ଏହି ବୃକ୍ଷଗୁଡ଼ିକରେ ବହୁ ପକ୍ଷୀ- ବିଶେଷତଃ ମଟଲଡ ସ୍ପାଇନ୍‌ଟେଲ୍ ପକ୍ଷୀ (Mottled spinetail) ଏବଂ ଚାରିଜାତିର ବୟନକାରୀ ପକ୍ଷୀ (weaver birds) ବସା ବାନ୍ଧିଥାଆନ୍ତି ।

**ଖାଦ୍ୟ ଭାବେ ବ୍ୟବହାର** (Food uses):-

**ପତ୍ର-** ଏହାର କଅଁଳିଆ ପତ୍ର ଶାଗ ରୂପେ ବ୍ୟବହୃତ ହୁଏ ।

**ଫଳ-** ବାଓବାବ୍ ଫଳର ଆକାର ନଡ଼ିଆ ଫଳ ସଦୃଶ ଓ ଏହାର ବହିରାବରଣ ଭେଲଭେଟ୍ ଭଳି ଥାଏ ।



ଫଳର ଓଜନ ପ୍ରାୟ ଦେଢ଼କିଲୋ ହେବ । ଫଳଟି ଆୟତାକାର ବା ଅଳ୍ପ ଲମ୍ବାଳିଆ । ତଟକା ଫଳର ସ୍ୱାଦ ସରବତ୍ ପରି ଲାଗେ । ଲେମ୍ବୁ ବା ଚଟଣି ପରି ଏହାର ସ୍ୱାଦ ଖଟାଯୁକ୍ତ (Acidic) । ଏହା ଭିଟାମିନ୍ 'ସି'ର ଏକ ଉତ୍ତମ ଉତ୍ସ । ଏହା ବ୍ୟତୀତ ଏଥିରେ ଶ୍ୱେତସାର, ପୋଟାସିୟମ୍, ଫସଫରସ୍ ମିଳେ । ଆଡାନ୍‌ସୋନିଆ ଡିଜିଟାଟାର ଶୁଷ୍କଫଳର ଚୂର୍ଣ୍ଣରେ ପ୍ରାୟ ଶତକଡ଼ା ବାରଭାଗ ଜଳ ଓ ଅନ୍ୟାନ୍ୟ ଉପାଦାନ ଥାଏ । ଯଥା- ଶ୍ୱେତସାର, ରିବୋଫ୍ଲାଭିନ୍ କାଲସିୟମ, ମ୍ୟାଗ୍ନେସିୟମ୍, ପୋଟାସିୟମ୍, ଲୌହ, ଫାଇଟୋଷ୍ଟେରଲ୍‌ସ ଏବଂ କମ୍ ମାତ୍ରାରେ ପୁଷ୍ଟିସାର ଓ ସ୍ନେହସାର ଥାଏ ।

ଆଫ୍ରିକାର ଆଙ୍ଗୋଲା ରାଜ୍ୟରେ ବାଓବାବ୍‌ର ଶୁଷ୍କ ଫଳକୁ ଜଳରେ ସିଝାଇ ଝୋଳ କରାଯାଏ ଓ ଏହି ଝୋଳ ଫଳରସ ଭାବେ ବା ଆଇସ୍‌କ୍ରିମ୍ ତିଆରିରେ ବ୍ୟବହାର କରାଯାଏ ।

ଜିମ୍ବାୱେରେ ବାଓ୍ବାବ୍ ଫଳକୁ ତଟକା ଖାଆନ୍ତି । ଏହାକୁ ଛେଚି କରି ମଧ କ୍ଷୀରୀ (porridge) ପରି ଖାଦ୍ୟ ପ୍ରସ୍ତୁତ କରନ୍ତି । ବାଓବାବ୍‌ର ଶୁଷ୍କଫଳ ଚୂର୍ଣ୍ଣ ଏବେ ୟୁରୋପରେ ଖାଦ୍ୟ ଭାବେ ବ୍ୟବହାର ପାଇଁ ମିଳୁଛି ।

*ଦେଉଳସାହି (ସାଇମନ୍ଦିର ସମ୍ମୁଖ),*
*ତୁଳସୀପୁର, କଟକ-୭୫୩୦୦୮*

---

# ସବୁଠାରୁ ପ୍ରିୟ ମୋର




**କୁମୁଦଲତା ମହାନ୍ତି**

ସବୁଠାରୁ ପ୍ରିୟ ମୋର  ସେଇ ବୀର ଯବାନ
ଦେଶ ପାଇଁ ଦିଏ ଯିଏ  ନିଜ ପ୍ରିୟ ଜୀବନ ।
ନିଜ ସ୍ୱାର୍ଥ ଛାଡ଼ି ଯିଏ  ଦେଶ ସେବା କରଇ
ଦେଶ ଦୁଃଖେ ଯା' ଆଖିରୁ  ଲୁହଧାର ଝରଇ ।
ଦେଶ ପାଇଁ ତ୍ୟାଗ କରେ  ପିତା ମାତା ସ୍ୱଜନ
ସବୁଠାରୁ ପ୍ରିୟ ମୋର  ସେଇ ବୀର ଯବାନ ।
ନିଜର ଦେଶକୁ ଯିଏ  ଭାବେ ନିଜ ମା' ବୋଲି
ହସି ହସି ମାଆ ପାଇଁ  ଦିଏ ଯେ' ଆତ୍ମବଳି ।
ସେଇ ଏକା ମୋ ଦେଶର  ଅଟେ ବୀର ସନ୍ତାନ
ସବୁଠାରୁ ପ୍ରିୟ ମୋର  ସେଇ ବୀର ଯବାନ ।
ଧନ୍ୟ ତା'ର ପିତାମାତା  ଦେଶ ପାଇଁ ଯା' ପିଲା
ଶତ୍ରୁ ପରାଜିତ କରି  ନିଜ ପ୍ରାଣ ତେଜିଲା ।
ଧନ୍ୟ ସେଇ ଦେଶ ଯା'ର  ରଖିଲା ସେ ସମ୍ମାନ
ସବୁଠାରୁ ପ୍ରିୟ ମୋର  ସେଇ ବୀର ଯବାନ ।

*ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧*

(ଧନ୍ଦାର ଉତ୍ତର -- ଜାଗର)




(କେତୋଟି ଉତ୍ତର ଠିକ୍ କରିପାରୁଛ ଦେଖ ।)

**୧–** କେଉଁ ଅର୍ଥଟି ଠିକ୍ କହ ।

କ) ଲୌକିକ ଅର୍ଥ (ସ୍ଥାନୀୟ, ଲୋକପ୍ରଚଳିତ, ସାମାନ୍ୟ)

ଖ) ଅଭୂତପୂର୍ବ ଅର୍ଥ (ଆଶ୍ଚର୍ଯ୍ୟଜନକ, ଚମତ୍କାର, ଯାହା ପୂର୍ବେ କେବେ ହୋଇ ନ ଥିଲା)

ଗ) ଦୁସ୍ତର ଅର୍ଥ (ଭୟାନକ, ଯାହାକୁ ପାର ହେବା କଷ୍ଟ, ଅତି ବେଶି)

**୨–** ଖାପଛଡ଼ା ଶବ୍ଦଟିକୁ ବାହାର କର–

କ) ଅମାର, ତୋଟା, ପାକଶାଳା, ମଣ୍ଡପ ।

ଖ) ଦାତା, ଧାର୍ମିକ, ଶିଳ୍ପୀ, ସେବକ ।

ଗ) କଷ୍ଟସାଧ, ପ୍ରଶଂସନୀୟ, ହିତକର, ଲାଭଜନକ ।

**୪–** 'କ' ର କେଉଁ ନାମ ସଙ୍ଗେ 'ଖ' ର କେଉଁ ବହିର ସଂପର୍କ ଅଛି ଦେଖାଅ ।

| କ | ଖ |
|---|---|
| ୧– ଜୟଦେବ | ୧– ମାଟିର ମଣିଷ |
| ୨– କବିସୂର୍ଯ୍ୟ | ୨– ବନ୍ଦୀର ଆତ୍ମକଥା |
| ୩– କାଳିଦାସ | ୩– ଗୀତ ଗୋବିନ୍ଦ |
| ୪– ଗୋପବନ୍ଧୁ | ୪– କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ |
| ୫– କାଳିନ୍ଦି ଚରଣ | ୫– କୁମାର ସମ୍ଭବ |

**୫–** ଶୂନ୍ୟସ୍ଥାନ ପୂରଣକର–

କ) ......, ......, କଫ (ତ୍ରିଦୋଷ)

ଖ) ......., ଅର୍ଥ, ....., ......., (ଚଉବର୍ଗ)

ଗ) ......., ....., ନାସିକା, ....., ତ୍ୱକ୍ (ପଞ୍ଚେନ୍ଦ୍ରିୟ)


**୬–** ନିମ୍ନ ବାକ୍ୟଗୁଡ଼ିକରେ ଥିବା ଅଶୁଦ୍ଧି ସଂଶୋଧନ କର ।

କ) ଗୋଲକ ସ୍କୁଲ୍ କାର୍ଯ୍ୟରେ ତୃଟି କରିବାରୁ ପ୍ରଧାନ ଶିକ୍ଷୟତ୍ରୀ ତାକୁ ସଂନ୍ଧ୍ୟାବେଳେ ଗାଳିଦେଲେ । (୪ ଭୁଲ୍)

ଖ) ଆଜିକାଲି ସ୍କୁଲ୍‌ର ଅବସ୍ଥା ଉତ୍ତୋରତ୍ତର ଉନ୍ନତି ହେଉଥିବାରୁ ସବୁ ଗ୍ରାମବାସୀମାନେ ସନ୍ତୋଷ ଅଛନ୍ତି । (୪ ଭୁଲ୍)

**୭–** 'କବରଖାନା'– ଏଥିରୁ ଥରକେ ଦୁଇଟିମାତ୍ର ଅକ୍ଷର ନେଇ ୧୦ଟି ଶବ୍ଦ ଗଢ଼ । କୌଣସି ଶବ୍ଦରେ ଗୋଟିଏ ଅକ୍ଷର ଦୁଇଥର ରହିବ ନାହିଁ । ( ଯେପରି 'ନାନା') ।

*(ଉତ୍ତର ୪୩ ପୃଷ୍ଠାରେ)*



# ରଙ୍ଗର ଖେଳ ହୋଲିର କାରଣ

ଶ୍ରୀ ଶିବ ପ୍ରସାଦ ରାଉତ

ହୋଲି ପାଖେଇ ଆସୁଛି । ହୋଲିଦିନର ମଜାକଥା ଭାବି ସେଦିନ କ'ଣ କେମିତି ହେବ, କାହାକୁ କେମିତି ରଙ୍ଗ ମଖାଯିବ, ଯୋଜନା ସବୁ କରୁଥାନ୍ତି ପିଲାମାନେ । ସବୁଦିନ ଜେଜେବାପାଙ୍କ ଠାରୁ ବେବି, ରୋଜି, ସମ୍ମୁ, ଲକି ଓ ରିଚା ଅନେକ ଜାଣିବା କଥା ଓ କାହାଣୀ ଇତ୍ୟାଦି ଶୁଣନ୍ତି । ଜେଜେ ମଧ୍ୟ ପିଲାମାନଙ୍କୁ ଜଣେଇବା ପାଇଁ ପ୍ରାଚୀନ କଥା, ପୁରାଣ, ଇତିହାସ, ବିଜ୍ଞାନ ପ୍ରସଙ୍ଗ ଆଦି ଶୁଣାଉଥାନ୍ତି । ସେଦିନ ରୋଜି ଜେଜେବାପାଙ୍କୁ ପଚାରିଲା- ''ଆଚ୍ଛା ଜେଜେ, ଏ ହୋଲିଖେଳ, କାହିଁକି ଏ ପର୍ବପାଳନ ହୁଏ ଓ କେବେଠାରୁ ?'' ଅନ୍ୟ ପିଲାମାନେ ମଧ୍ୟ ରୋଜିର କଥାକୁ ସମର୍ଥନ କରି କହିଲେ- ''ହଁ ଜେଜେ, ହୋଲି କଥା ହିଁ କୁହ ।''

ଜେଜେ ପ୍ରସନ୍ନ ହୋଇଗଲେ । କହିଲେ- ଭଲ କଥା ପଚାରିଲ । ଶୁଣ ଏବଂ ମନେରଖ । ଏକଥା ତମର ଜାଣିବା ଉଚିତ୍ । ପୁରାଣ ଯୁଗର କଥା- ହିରଣ୍ୟକଶ୍ୟପ ନାମରେ ଏକ ମହାବଳୀ ରାକ୍ଷସ ଥିଲା । ବ୍ରହ୍ମାଙ୍କୁ ତପସ୍ୟା କରି ସେ ଅନେକ ବର ପାଇଥାଏ । ସେ ତ୍ରିପୁରବିଜୟ କରି ନର, ସୁର, ନାଗ ଇତ୍ୟାଦିଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥାଏ । ହିରଣ୍ୟକଶ୍ୟପ ନିଜକୁ ଭଗବାନ୍ ବୋଲି କହି ତାକୁ ପୂଜା କରିବାକୁ ସମସ୍ତଙ୍କୁ ବାଧ୍ୟ କରୁଥିଲା । ଋଷି, ମୁନି, ସାଧୁ, ସନ୍ଥ ଭଗବାନ୍ ବିଷ୍ଣୁଙ୍କୁ ପୂଜା କରନ୍ତେ, ସେ ତାଙ୍କୁ ହତ୍ୟା କରୁଥାଏ । ହିରଣ୍ୟକଶ୍ୟପୁର ମୁଖ୍ୟ ଶତ୍ରୁ ଥିଲେ ଭଗବାନ୍ ବିଷ୍ଣୁ । କାରଣ ହିରଣ୍ୟକଶ୍ୟପର ବଡ଼ଭାଇ ମହା ଅତ୍ୟାଚାରୀ ରାକ୍ଷସ ହିରଣ୍ୟାକ୍ଷକୁ ଭଗବାନ୍ ହତ୍ୟା କରିଥିଲେ । ଏଣୁ ଭଗବାନ୍ ତା'ର ପ୍ରଧାନ ଶତ୍ରୁ ବୋଲି ଧରିନେଲା ।

ଭଗବାନଙ୍କର ଲୀଳା ତ ସମସ୍ତଙ୍କୁ ଅଗୋଚର । କାଳକ୍ରମେ ହିରଣ୍ୟକଶ୍ୟପର ରାଣୀ କୟାଧୁଙ୍କ ଗର୍ଭରୁ ଜନ୍ମନେଲେ ଭକ୍ତଶ୍ରେଷ୍ଠ ପ୍ରହଲ୍ଲାଦ । ଅନୁକ୍ଷଣ ସେ 'ଓଁ ଶ୍ରୀ ଶ୍ରୀ ଭଗବତେ ବାସୁଦେବାୟ' ମନ୍ତ୍ର ଜପୁଥାଏ । ପିତା ହୋଇ ମଧ୍ୟ ହିରଣ୍ୟକଶ୍ୟପ ପ୍ରହଲ୍ଲାଦକୁ ମାରିବାପାଇଁ ପାହାଡ଼ରୁ ଖସାଇଲା, ବିଷ ପିଆଇଲା, ପାଗଳ ହାତୀ ପାଦତଳେ ପକାଇଲା, ସର୍ପ ଦଂଶନ କରାଇଲା, ଖଡ୍ଗରେ ହାଣିଲା; ହେଲେ ସେ ବିଷ୍ଣୁଙ୍କର ଆଶ୍ରିତ, ତେଣୁ ତା'ର ମରଣ ହେଲାନି । ହିରଣ୍ୟକଶ୍ୟପ ନିଜ ମାୟାବିନୀ ଭଉଣୀ ହୋଲିକା ଦ୍ୱାରା ପ୍ରହଲ୍ଲାଦକୁ ନିଆଁରେ ପୋଡ଼ିବାକୁ ବ୍ୟବସ୍ଥା କଲା । କାରଣ ହୋଲିକା ନିଆଁରେ ପୋଡ଼ି ନ ହେବାର ବର ଲାଭ କରିଥିଲା; ମାତ୍ର ହୋଲିକା ନିଆଁରେ ପୋଡ଼ିଗଲା ସିନା ଭକ୍ତ ପ୍ରହଲ୍ଲାଦ ନିଆଁରୁ ବାହାରିଆସିଲେ ।




ଏଣୁ ସେତେବେଳର ପ୍ରଜା ହୋଲିକାର ଅତ୍ୟାଚାରରେ ଅତ୍ୟାଚାରିତ ଥିଲେ । ତା'ର ମୃତ୍ୟୁରେ ଆନନ୍ଦର ରଙ୍ଗଖେଳରେ ଲାଗିଗଲେ । ଏଣୁ ହୋଲିକାର ନାମ ଅନୁସାରେ ହୋଲିଖେଳର ଆରମ୍ଭ । ଠିକ୍ ସେହିଦିନ ପ୍ରତିବର୍ଷରେ ରଙ୍ଗ ହୋଲି ଖେଳାଯାଏ ।

ଜେଜେ ପୁଣି କହିଲେ, ''ପିଲେ ଏହାପରେ ତ୍ରେତୟାଯୁଗ ଆସିଲା । ସୀତାଚୋରି କରିଥିବା ଅତ୍ୟାଚାରୀ ରାବଣକୁ ମାରିବା ପାଇଁ ପ୍ରଭୁ ରାମ ଅବତାରରେ ସେତୁବନ୍ଧ ବାନ୍ଧି, ହତ୍ୟାକାରୀ ଲମ୍ପଟ ରାବଣର ସବଂଶ ମାରିଲେ, କେବଳ ଶରଣାଗତ ବିଭୀଷଣକୁ ଛାଡ଼ି ।

ରାବଣ ନିହତ ହେଲା; କିନ୍ତୁ ଲଙ୍କାର ସେ ଯୁଦ୍ଧ ପ୍ରାନ୍ତର ରକ୍ତରେ ପ୍ଲାବିତ ହୋଇଯାଇଥିଲା । ଭକ୍ତ ବିଭୀଷଣ ଭାଇର ମୁକ୍ତିରେ ଖୁସି ହୋଇ ସେହି ଯୁଦ୍ଧ ପଡ଼ିଆରେ ରକ୍ତରଞ୍ଜିତ ଲାଲ ମାଟିକୁ ଶ୍ରୀରାମଙ୍କର ଚରଣରେ ବୋଳିଦେଇ କହିଲେ, ''ହେ କରୁଣାବତାର, ଭାଇକୁ ତ ମୁକ୍ତିଦେଲେ । ଏ ଯୁଦ୍ଧରେ ମୃତ୍ୟୁବରଣ କରିଥିବା ଏହି ଅସଂଖ୍ୟସୈନ୍ୟଙ୍କୁ ଦୟାକରି ମୁକ୍ତି ଦିଅନ୍ତୁ ।''

ଶ୍ରୀରାମ ବିଭୀଷଣର ପ୍ରାର୍ଥନାରେ ସେହି ରକ୍ତରଞ୍ଜିତ ଲାଲ ମାଟିରୁ ମୁଠାଏ ବିଭୀଷଣକୁ ଦେଇ କହିଲେ, ''ତୁମର କଥା ହେଉ । ସମସ୍ତଙ୍କୁ ମୁକ୍ତି ମିଳୁ ଓ ଅସତ୍ୟ, ଅନ୍ୟାୟର ଅବସାନ ହୋଇ ସତ୍ୟ, ନ୍ୟାୟ ଜୟଲାଭ କରିଥିବା ଏଦିନ ରଙ୍ଗର ଖେଳ ହେଉ । ଏହି ମାଟି ହେଉ ଅବିର । ଯୁଗ ଯୁଗ ପାଇଁ ବିଜୟ ଦିନ ବା ହୋଲିଖେଳ ରୂପେ ଏହିଦିନ ଖ୍ୟାତ ହେଉ ।''



ତା'ପରେ ଦ୍ୱାପର ଯୁଗର କଥା । ଅତ୍ୟାଚାରୀ କଂସାସୁର ବିଷ୍ଣୁଙ୍କର ଅବତାର ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ ଅଷ୍ଟମଲ୍ଲ ମଧ୍ୟରେ ମାୟାବୀ ଅସୁରୁଣୀ ପୁତନାକୁ ଗୋପପୁରକୁ ପଠାଇଲା । ପ୍ରଭୁ ଶ୍ରୀକୃଷ୍ଣ ସେହି ଶିଶୁ ଅବସ୍ଥାରେ ପୁତନାର ବିଷସ୍ତନର କ୍ଷୀର ପାନକରିବା ଛଳରେ ତା'ର ପ୍ରାଣକୁ ଶୋଷିନେଲେ । ପୁତନାର ମୃତ୍ୟୁହେଲା; ହେଲେ ବିଷପାନ କରି ଶ୍ରୀକୃଷ୍ଣ ନୀଳ ପଡ଼ିଗଲେ । ଏଣୁ ବାଲ୍ୟଲୀଳାରେ ଶ୍ରୀକୃଷ୍ଣ ମା' ଯଶୋଦାଙ୍କୁ କହିଲେ, ''ମା', ରାଧା ଏତେ ଗୋରୀ, ମୁଁ ଏତେ କଳା କାହିଁକି ?'' ମାତ୍ର ଯଶୋଦା ରାଧା ଇତ୍ୟାଦି ଗୋପବାଳାଙ୍କୁ ଆଦେଶଦେଲେ– ତୁମେସବୁ ଯାଅ, ଯେଉଁ ରଙ୍ଗ ସବୁ ତୁମ ଦେହରେ ଲାଗିଲେ କାହ୍ନାକୁ ଭଲଲାଗିବ, ସେହି ରଙ୍ଗସବୁ କାହ୍ନା ତୁମକୁ ମାଖିବ ।



ତା'ପରେ ଚାଲିଲା, ଗୋପପୁରର ହୋଲିର ରଙ୍ଗ ଖେଳ । ଏଣୁ ରେ ପିଲେ, ଯୁଗ ଯୁଗ ଧରି ଏ ଧର୍ମୀୟ ହୋଲିଖେଳ ଆଜି ଗଣପର୍ବରେ ପରିଣତ ହୋଇଛି ।

ଜେଜେ ପୁଣି କହିଲେ– ହୋଲିର ରଙ୍ଗ ସବୁବେଳେ ପାରମ୍ପରିକ ରଙ୍ଗ ବା ଅବିରର ରଙ୍ଗ ହେବା ଉଚିତ୍ । ଏହି ଅବିରରେ ଏକ ବିଶେଷ ଗୁଣ ଥାଏ, ଯାହାକି ଶୀତଋତୁ ଶେଷରେ ଅବିର ବୋଳିହେଲେ ଚର୍ମରେ ଥିବା ଜୀବାଣୁ ନଷ୍ଟ କରିଥାଏ । ଫଳରେ ତ୍ୱଚା ଉଜ୍ଜ୍ୱଳ, ନୀରୋଗ ରୁହେ । ପୁରାଣର ସେହି ରଙ୍ଗଖେଳକୁ ବିଜ୍ଞାନ ମଧ୍ୟ ଅନୁମୋଦନ କରିଛି; ମାତ୍ର କ୍ଷତିକାରୀ ରାସାୟନିକ ପଦାର୍ଥରୁ ପ୍ରସ୍ତୁତ ରଙ୍ଗ ବ୍ୟବହାର କରିବା ଉଚିତ୍ ନୁହେଁ ।

ଓଡ଼ିଶାର କେତେକ ସହର ଓ ଗ୍ରାମାଞ୍ଚଳର ରଙ୍ଗ ଅବିର ଖେଳ ପନ୍ଦର ଦିନ ଧରି ଚାଲେ । କାରଣ ବିମାନରେ ପ୍ରଭୁ ରାଧାକୃଷ୍ଣ ବିଗ୍ରହକୁ ଘର ଘର ବୁଲାଯାଏ ।

# ଗୁରୁଙ୍କର ଶେଷଶିକ୍ଷା

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଆଗେ ପିଲାମାନେ ଗୁରୁକୁଳରେ ପାଠପଢୁଥିଲେ । ଆମେ ଯାହାକୁ ଏବେ ସ୍କୁଲ ବୋଲି କହୁଛେ, ତାହାକୁ ହିଁ ସେତେବେଳେ ଗୁରୁକୁଳ ବୋଲି କୁହାଯାଉଥିଲା । ଗୁରୁକୁଳର ଶିକ୍ଷକଙ୍କୁ କୁହାଯାଉଥିଲା ଗୁରୁ । ଶିକ୍ଷା ସରିବା ପର୍ଯ୍ୟନ୍ତ ପିଲାମାନେ ଗୁରୁକୁଳରେ ହିଁ ରହୁଥିଲେ । ରହୁଥିଲେ ବର୍ଷ ବର୍ଷ ଧରି । ସେଠାରେ ସେମାନେ ନାନା ବିଷୟରେ ଜ୍ଞାନ ଅର୍ଜନ କରୁଥିଲେ । ଲାଭ କରୁଥିଲେ ଅଭିଜ୍ଞତା । ଶିକ୍ଷା କରୁଥିଲେ ଆଚାର-ଆଚରଣ । ସେମାନଙ୍କ ଜ୍ଞାନ, ବିଚାରବୁଦ୍ଧି ଓ ବ୍ୟବହାରରେ ସନ୍ତୁଷ୍ଟ ହେବା ପରେ ହିଁ ଗୁରୁ ସେମାନଙ୍କୁ ଆଶୀର୍ବାଦ କରି ଘରକୁ ପଠେଇଦେଉଥିଲେ । ଘରକୁ ଫେରିଆସି ସେମାନେ ଆରମ୍ଭ କରୁଥିଲେ ଏକ ନୂତନ ଜୀବନ । ଏହି ନୂଆ ଜୀବନରେ ସେମାନେ ସମସ୍ତଙ୍କର ମଙ୍ଗଳ ଚିନ୍ତା କରୁଥିଲେ । ହିତ କରୁଥିଲେ ।

ଥରେ ଦୁଇଜଣ ଛାତ୍ରଙ୍କର ଗୁରୁକୁଳ ଶିକ୍ଷା ସରିଗଲା । ସେମାନେ ଘରକୁ ଫେରିଯିବା କଥା । ଘରକୁ ଫେରିଯିବା ପୂର୍ବରୁ ଉଭୟେ ଯାଇ ଗୁରୁଙ୍କ ନିକଟରେ ପହଞ୍ଚିଲେ । କହିଲେ, 'ପୂଜ୍ୟ ଗୁରୁଦେବ, ଆମେ ଆପଣଙ୍କଠାରୁ ଶିକ୍ଷାଲାଭ କରି ନିଜକୁ ମହାଭାଗ୍ୟବାନ୍ ବୋଲି ମନେକରୁଛୁ । ଘରକୁ ଫେରିଯିବା ଆଗରୁ ଆମେ ଆପଣଙ୍କୁ ଗୁରୁଦକ୍ଷିଣା ଦେବା ଆମର କର୍ତ୍ତବ୍ୟ । ଦୟାକରି ଆମକୁ କହନ୍ତୁ, ଆମେ କେଉଁ ଦକ୍ଷିଣା ଦେଲେ ଆପଣ ଖୁସି ହେବେ ?''

ଏହା ଶୁଣି ଗୁରୁଦେବ କହିଲେ,'ବସ୍ ମୁଁ ତୁମମାନଙ୍କର ଭକ୍ତି, ଶୃଙ୍ଖଳା ଜ୍ଞାନ ଏବଂ କର୍ତ୍ତବ୍ୟ ପାଳନ ପ୍ରତି ନିଷ୍ଠାରେ ଖୁବ୍ ଆନନ୍ଦିତ । ତେଣୁ ତୁମଠାରୁ ମୁଁ ଅନ୍ୟକିଛି ଚାହୁଁନାହିଁ । ତେବେ ତୁମେ ଗୋଟିଏ କାମ କର । ଆମର ଏହି ଗୁରୁକୁଳର ପଛରେ ରହିଥିବା ବଣ ଭିତରକୁ ଯାଅ । ଯେଉଁ ଶୁଖିଲା ପତ୍ରମାନ କାହାର କାମରେ ଆସୁ ନ ଥିବ, ସେମିତି ପତ୍ରପୁଳାଏ ମୋ' ପାଇଁ ଆଣିଦେଲେ ମୁଁ ପ୍ରୀତ ହେବି ଏବଂ ତାହା ହିଁ ହେବ ତୁମର ଗୁରୁଦକ୍ଷିଣା ।''



---

କେତେକ ସ୍ଥାନରେ ସମସ୍ତ ବିମାନକୁ ଏକାଠି କରି 'ମେଲଣ ଯାତ୍ରା' ବା 'ଠାକୁର ମେଲଣ' କରାଯାଏ । ପ୍ରାଚୀନ ପରମ୍ପରା ଅନୁସାରେ ଭକ୍ତିପୂର୍ଣ୍ଣ ପରିବେଶରେ ହଜାର ହଜାର ଶ୍ରଦ୍ଧାଳୁ ଏହି ମେଲଣ ମଣ୍ଡପରେ ଯୋଗଦିଅନ୍ତି । ଠାକୁରଙ୍କ ଅଙ୍ଗଲାଗି ଅବିର ଭକ୍ତମାନଙ୍କ ଦେହରେ ମଖାଯାଏ ।

ପୌରାଣିକ ଓ ବୈଜ୍ଞାନିକ ଉପକାରଜନିତ ଗୁଣ ଥାଉ କି ନଥାଉ, ହୋଲିର ରଙ୍ଗ ଖେଳଦ୍ୱାରା ଶତ୍ରୁତା ଦୂରହୋଇ ଭାଇଚାରା ବୃଦ୍ଧି ପାଇଥାଏ ।

*ବଚ୍ଛଦା, ଜଗନ୍ନାଥପୁର, ବାସୁଦେବପୁର, ଭଦ୍ରକ-୭୫୬୦୪୬*

ଛାତ୍ର ଦୁଇଜଣ ଗୁରୁଙ୍କୁ ପ୍ରଣାମ କରି ବଣ ଭିତରକୁ ଚାଲିଗଲେ । ତେବେ ଗୁରୁଦକ୍ଷିଣା ପାଇଁ ଗୁରୁଦେବ କେତୋଟି ଶୁଖିଲା ପତ୍ର ମାଗିବା ସେମାନଙ୍କୁ ଟିକିଏ ଅଡୁଆ ଅଡୁଆ ଲାଗିଲା ।

ବଣ ଭିତରେ ପଶୁ ପଶୁ ଗୋଟିଏ ଗଛମୂଳେ ଅନେକ ଶୁଖିଲା ପତ୍ର ଗଦା ହୋଇଥିବାର ଉଭୟଙ୍କ ଆଖିରେ ପଡ଼ିଲା । ଉଭୟେ ସେହି ଶୁଖିଲା ପତ୍ରକୁ ନେବାପାଇଁ ଉଠେଇବା ବେଳକୁ ଧାଇଁଆସିଲା କୃଷକଟିଏ । କୃଷକଜଣକ କହିଲା, 'ହାଁ, ହାଁ, ସେଇ ପତ୍ରଗୁଡ଼ିକ ନେଉଛ କୁଆଡ଼େ ? ଯେଉଁଠୁ ନେଇଛ, ସେଇଠି ରଖିଦିଅ । ସେଗୁଡ଼ିକୁ ମୁଁ ସେଠି ଗଦା କରି ରଖିଛି । ମୁଁ ତା'କୁ ଘରକୁ ବୋହି ନେଇ ସେଥିରେ ନିଆଁ ଲଗେଇଦେବି । ଏହି ସାର ପାଇଲେ ଜମିରେ ଖୁବ୍ ଭଲ ଫସଲ ଫଳିବ ।'

ଶିଷ୍ୟଦୁହେଁ ପତ୍ରତକ ପୁଣି ଗଦାରେ ରଖିଦେଇ ଆଗକୁ ଚାଲିଲେ । ଆଗକୁ ଯାଇ ସେମାନେ ଦେଖିଲେ ଯେ ତିନିଜଣ ସ୍ତ୍ରୀଲୋକ ଶୁଖିଲା ପତ୍ର ଗୋଟେଇ ସେମାନଙ୍କ ଟୋକେଇ ଭିତରେ ରଖୁଛନ୍ତି । ଶିଷ୍ୟଦୁହେଁ ସେହି ସ୍ତ୍ରୀଲୋକଙ୍କୁ ପଚାରିଲେ, 'ମାଉସୀ, ଏଇ ଶୁଖିଲାପତ୍ରକୁ ଗୋଟେଇନେଇ ତୁମେ କଅଣ କରିବ ? କି କାମରେ ଅବା ଆସିବ ଏଇ ଶୁଖିଲା ପତ୍ରଗୁଡ଼ିକ ?'

ସେମାନେ ଉତ୍ତରଦେଲେ, 'ଆମେ ପତ୍ରଗୁଡ଼ିକ ନେଇ ସରୁଆ ଛୋଟ ଛୋଟ କାଠିରେ ଗୁନ୍ଥିଦେବୁ । ଫଳରେ ତାହା ବଡ଼ ଓସାରିଆ ପତ୍ର ହୋଇଯିବ ଓ ମନ୍ଦିରକୁ ଆସିଥିବା ଭକ୍ତମାନେ ସେଥିରେ ଖୁସିରେ ଖିଆପିଆ କରିପାରିବେ । ମନ୍ଦିରକୁ ଏହି ପତର ତିଆରି ଥାଳି ବିକ୍ରି କରିଦେଲେ ଯେଉଁ ଟଙ୍କା ମିଳିବ, ସେଥିରେ ଆମର ପରିବାର ଚଳିବ । ତାହାଛଡ଼ା ଚିରାଫଟା ପତ୍ରଗୁଡ଼ିକ ଜାଳି ଆମେ ରୋଷେଇ କରିପାରିବୁ । ପାଣି ଗରମ କରି ଉଷୁମ ପାଣିରେ ଗାଧେଇପାରିବୁ ।'

ସାଥୀ ଦୁହେଁ ଚାଲିଲେ ପୁଣି ଆଗକୁ । ସାମନାରେ ଠିଆ ହୋଇଥିଲା ଗୋଟିଏ ଡେଙ୍ଗାଗଛ । ଗଛମୂଳେ ଗଦାହୋଇଥିଲା କେତେ ନା କେତେ ଶୁଖିଲା ପତ୍ର । ସେହି ଗଛ ତଳୁ ଶୁଖିଲା ପତ୍ର ପୁଳାଏ ଗୋଟେଇନେବା ପାଇଁ ଉଭୟେ ଠିକ୍ କଲେ । ଏତିକିବେଳେ ଗଛତଳକୁ ଉଡ଼ିଆସିଲା ବଡ଼ ଚଢ଼େଇଟିଏ । ଥଣ୍ଟରେ ଶୁଖିଲା ପତ୍ରଟିଏ ଉଠେଇନେଇ ଉଡ଼ିଗଲା ଗଛ ଡାଳକୁ । ଶିଷ୍ୟ ଦୁଇଜଣ ଦେଖିଲେ ଯେ ଗଛ ଡାଳରେ ଚଢ଼େଇଟି ତିଆରି କରୁଛି ବସାଟିଏ । ବସାଟିରେ ରହିଛି କିଛି ଶୁଖିଲା ଘାସ ଓ ଶୁଖିଲା ପତର । ତେଣୁ ଯେଉଁ ଶୁଖିଲା ପତର ଚଢ଼େଇମାନଙ୍କ ବସା ତିଆରି କାମରେ ଲାଗିପାରୁଛି, ସେହି ପତରକୁ ସେମାନେ ଅବା ନେବେ କେମିତି ?


ସେଥିପାଇଁ କାହାରି କାମରେ ଆସିପାରୁ ନଥିବା ଶୁଖିଲା ପତ୍ର ସଂଗ୍ରହ କରି ଗୁରୁଙ୍କୁ ଭେଟିଦେବାର ଆଶା ଉଭୟଙ୍କଠାରେ ମଉଳିଗଲା । ସାଥୀ ଦୁଇଜଣ ବଡ଼ ମନଦୁଃଖରେ ଗୁରୁକୁଳକୁ ଫେରିଗଲେ । ଗୁରୁଦେବଙ୍କ ନିକଟରେ ପହଞ୍ଚି ବଡ଼ ବିନୟର ସହ କହିଲେ, ''ପୂଜ୍ୟ ଗୁରୁଦେବ, ଆପଣ ଦୟାକରି ଆମଦୁହିଁଙ୍କୁ କ୍ଷମା କରିଦିଅନ୍ତୁ । ଆମେ ଦେଖିଲୁ ଯେ, ଗଛର ଶୁଖିଲା ପତ୍ରଗୁଡ଼ିକ ମଧ୍ୟ କାହାରି ନା କାହାରି କାମରେ ଆସିପାରୁଛି । କାହାରି କାମରେ ଆସିପାରୁ ନ ଥିବା ଶୁଖିଲା ପତ୍ର ସଂଗ୍ରହ କରି ଆଣିପାରିବା ଆଦୌ ସମ୍ଭବ ନୁହେଁ । ଆପଣ ଚାହିଁଥିବା ଗୁରୁ ଦକ୍ଷିଣା ଆପଣଙ୍କୁ ଦେଇପାରିବା ନିମନ୍ତେ ଆମେ ଅକ୍ଷମ । ତେଣୁ ଆମେ ଦୁହେଁ ଆପଣଙ୍କଠାରୁ କ୍ଷମା ଚାହୁଁଛୁ ।''

ଏହା ଶୁଣି ଗୁରୁଙ୍କର ଖୁସିର ସୀମା ରହିଲାନି । ସେ

କହିଲେ, 'ବସ୍, ମୁଁ ମୋ'ର ଗୁରୁ ଦକ୍ଷିଣା ପାଇଗଲି । ଗଛର ଶୁଖିଲା ପତରଗୁଡ଼ିକୁ ବି ସମସ୍ତେ ଅଦରକାରୀ ବୋଲି ମନେକରିଥାନ୍ତି । ସେହିପରି ଅଦରକାରୀ ମନେ ହେଉଥିବା ଅନେକ ପ୍ରଦାର୍ଥର ସଂସ୍ପର୍ଶରେ ଆମେ ଆସିଥାଉ; ହେଲେ ସେଗୁଡ଼ିକର ମଧ୍ୟ କୌଣସି ନା କୌଣସି ଉପକାରୀ ଗୁଣ ରହିଛି । ତୁମେ ଯେ ଆଜି ଏହି ଶିକ୍ଷା ପାଇଗଲ, ଏହା ହିଁ ହେଉଛି ମୋ'ର ସବୁଠାରୁ ମୂଲ୍ୟବାନ୍ ଗୁରୁଦକ୍ଷିଣା । ଦେଖ, ସାମାନ୍ୟ ଶୁଖିଲାପତ୍ର ମଧ୍ୟ କୀଟପତଙ୍ଗ,ପକ୍ଷୀ ଓ ମଣିଷଙ୍କର ମଧ୍ୟ ନାନା କାମରେ ଲାଗିଥାଏ । ସାମାନ୍ୟ ଶୁଖିଲା ପତ୍ର ଯଦି ଏତେ କାମରେ ଆସିପାରୁଛି, ତେବେ ତୁମମାନଙ୍କର ଏଇ ମଣିଷ ଶରୀରଟି ଦ୍ୱାରା କେତେ ନା କେତେ ହିତକର କାମ ହୋଇ ନ ପାରିବ ! ଏହି ଶରୀର ଈଶ୍ୱରଙ୍କ ସେବାରେ ଲାଗିପାରିବ । ସବୁ ଲୋକଙ୍କର ମଙ୍ଗଳ କରିବାରେ । ଏହାଫଳରେ ତୁମ୍ଭେମାନେ ନିଜେ ଖୁସି ହୋଇପାରିବ ଏବଂ ସମସ୍ତଙ୍କୁ ମଧ୍ୟ ଖୁସି କରିପାରି ।'

ଜାଣିରଖ ଯେ ପ୍ରତ୍ୟେକ ଲୋକ ଈଶ୍ୱରଙ୍କର ସେବା କରିପାରିବେ ଏବଂ ସେବା କରିପାରିବେ ଈଶ୍ୱରଙ୍କର ସନ୍ତାନ ବୋଲି କୁହାଯାଉଥିବା ସବୁ ଗଛଲତା, ପୋକଜୋକ, ଜୀବଜନ୍ତୁ ଓ ମଣିଷମାନଙ୍କର ।

*ଅଭୀପ୍‌ସା',ସେକ୍ଟର-୬, ପ୍ଲଟ୍ ନଂ-୧୧୩୧,*
*ଅଭିନବ ବିଡ଼ାନାସୀ,କଟକ-୭୫୩୦୧୪*





# ବାସ୍ତୁଶାସ୍ତ୍ର

କାଞ୍ଚନବାଗ ଗାଁରେ ଯୋଗୀନ୍ଦ୍ର ନାମରେ ଜଣେ ବେପାରୀ ରହୁଥିଲେ । ସେ ଶାନ୍ତ ବାତାବରଣକୁ ଖୁବ୍ ଭଲପାଉଥିଲେ । ତେଣୁ ଗାଁଠାରୁ କିଛି ଦୂରରେ ଜାଗା କିଣି ଗୋଟିଏ ସୁନ୍ଦର ଘର ତିଆରି କଲେ । ସେ ଘରର ପଛପଟେ ବହୁ ପୁରୁଣା ଆମ୍ବଗଛଟିଏ ଥିଲା । ସେ ସେଠାରେ 'ଗୃହପ୍ରବେଶ' କରି ଏକ ଉତ୍ସବ ଆୟୋଜନ କଲେ ଓ ଗାଁର ଲୋକଙ୍କୁ ଆମନ୍ତ୍ରଣ କଲେ ।



ସମସ୍ତେ ଆନନ୍ଦରେ ଭୁରିଭୋଜନ କଲାପରେ ଗାଁବାସୀଙ୍କ ମଧ୍ୟରୁ ଜଣେ କହିଲା, ''ଯୋଗୀନ୍ଦ୍ର ! ଏ ଘର ପଛପଟେ ଯେଉଁ ଆମ୍ବଗଛଟି ଅଛି, ତାକୁ ସାଙ୍ଗେ ସାଙ୍ଗେ କାଟିଦିଅ । କାରଣ ଏହି ଗଛଟି ଯୋଗୁଁ ତୁମେ ହଇରାଣ ହେବ । ବାସ୍ତୁଦୋଷ ଲାଗିଯିବ ।'' ଏହି ଗଛର ସମସ୍ତଙ୍କୁ ବାଟ ଛାଡ଼ି ଦେଉଥାନ୍ତି ।

ଆମ୍ଭ କିନ୍ତୁ ତାଙ୍କୁ ଭାରି ଭଲଲାଗେ ।'' ଯୋଗୀନ୍ଦ୍ର କହିଲେ, ''କେମିତି ଏତେ ପୁରୁଣା ଗଛ ମୁଁ କାଟିଦେବି ? କେବେଠୁ ଏହି ଗଛଟି ରହିଛି, ତାକୁ ମୁଁ କାଟିପାରିବି ନାହିଁ ।'' ଆଉଜଣେ କହିଲା, ''ଈଶାନ କୋଣରେ ବାଡ଼ ଦେବା ଠିକ୍ ନୁହେଁ ।'' ଆଉଜଣେ କହିଲା, ''ଭାଇ ଯୋଗୀନ୍ଦ୍ର ! ତୁମ ଘରେ ତ ଅନେକ ବାସ୍ତୁଦୋଷ ରହିଛି ! ଗୋଟେ କାମକର । ତୁମେ ଏ ଘର ଛାଡ଼ିଦିଅ । ସହରକୁ ଚାଲିଯାଅ । ସବୁଠୁ ଭଲହେବ ।'' ଆଉ ଜଣେ କହିଲା, ''ତୁମେ ସହରର ପଣ୍ଡିତ ଉଦିତ୍ ନାରାୟଣ ବାସ୍ତୁଶାସ୍ତ୍ରବିତ୍‌ଙ୍କ ସହିତ ଆଲୋଚନା କର । ତାଙ୍କୁ ଆଣି ତୁମ ଘର ଦେଖାଅ ।''



ଏତେ ଲୋକଙ୍କ ମୁହଁରୁ ଗୋଟିଏ କଥା ଶୁଣି ଶୁଣି ଯୋଗୀନ୍ଦ୍ର ବ୍ୟସ୍ତ ହୋଇ ଶେଷରେ ବାସ୍ତୁଶାସ୍ତ୍ରବିତ୍‌ଙ୍କ ପାଖକୁ ଗଲେ । ସହରରେ ଥିବା ପଣ୍ଡିତ ଉଦିତ୍ ନାରାୟଣଙ୍କ ଘରେ ପହଞ୍ଚିଲେ । ସେଠି ତାଙ୍କୁ ଭେଟି ସବୁ ଘଟଣା କହିଲା ପରେ ସେ ଯୋଗୀନ୍ଦ୍ରଙ୍କ ଘର ଦେଖିବାକୁ ଚାହିଁଲେ । ତା'ପରେ ଘୋଡ଼ାଗାଡ଼ିରେ ବସି ପଣ୍ଡିତ ଉଦିତ୍ ନାରାୟଣ ଯୋଗୀନ୍ଦ୍ରଙ୍କ ଘରଆଡ଼େ ଚାଲିଲେ । ରାସ୍ତାରେ ଗଲାବେଳେ ଘୋଡାଗାଡ଼ିକୁ ଅତିକ୍ରମ କରି ସାଇକେଲଟିଏ ଚାଲିଗଲା । ତା'ପରେ ଗୋଟିଏ ବଳଦଗାଡ଼ି ମଧ୍ଧ ଅତିକ୍ରମ କଲା । ଯୋଗୀନ୍ଦ୍ର ଧୀରେ ଧୀରେ ଘୋଡ଼ାଗାଡ଼ିରେ



ଯାଉଥାନ୍ତି ଓ ସମସ୍ତଙ୍କୁ ମଧ୍ୟ ବାଟ ଛାଡ଼ି ଦେଉଥାନ୍ତି । ଏହା ଦେଖି ପଣ୍ଡିତ ପଚାରିଲେ, ''ଯୋଗୀନ୍ଦ୍ର ! ତୁମେ ସେମାନଙ୍କୁ ଆଗରେ ଯିବାକୁ ଛାଡ଼ିଦେଇ ଏତେ ଧୀରେ ଧୀରେ ପଛରେ କାହିଁକି ଚାଲିଛ ?'' ଯୋଗୀନ୍ଦ୍ର କହିଲେ, ''ପଣ୍ଡିତଜୀ ! ସେମାନଙ୍କର କିଛି ଜରୁରୀ କାମ ଥିବ, ତେଣୁ ସେମାନେ ଆଗରେ ଯିବାକୁ ଚାହୁଁଛନ୍ତି । ସେଥିପାଇଁ ତାଙ୍କୁ ମୁଁ ଆଗ ବାଟ ଛାଡ଼ିଦେଉଛି ।''

ପୁଣି କିଛି ବାଟ ଗଲାପରେ ଘୋଡ଼ାଗାଡ଼ି ଆଗରେ ପିଲାଟିଏ ଦୌଡ଼ିଗଲା । ତେଣୁ ଯୋଗୀନ୍ଦ୍ର ହଠାତ୍ ସେଇଠି ଅଟକିଗଲେ, ଆଉ ଆଗକୁ ବଢ଼ିଲେ ନାହିଁ । କିଛି ସମୟପରେ ଆଉ ଗୋଟିଏ ପିଲା ତା' ପଛେ ପଛେ ଦୌଡ଼ିଗଲା । ଏସବୁ ଦେଖି ପଣ୍ଡିତଜୀ କହିଲେ, ''ଯୋଗୀନ୍ଦ୍ର ! ତମେ କେମିତି ଜାଣିଲ ଯେ ଆଉ ଗୋଟିଏ ପିଲା ସାଙ୍ଗେ ସାଙ୍ଗେ ସାମନାକୁ ଆସିଯିବ ?''



ଯୋଗୀନ୍ଦ୍ର କହିଲେ, ''ଏ ତ ଅତି ସାଧାରଣ କଥା ! ଗୋଟିଏ ପିଲା ଦୌଡ଼ିଲେ, ନିଶ୍ଚୟ ଆଉ ଗୋଟିଏ ପିଲା, ତା'ପରେ ଆଉ ଜଣେ ଏମିତି ଦୌଡ଼ନ୍ତି । ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ସେଥିପାଇଁ ଯେବେ ଛୋଟ ପିଲାମାନଙ୍କୁ ଦେଖେ, ମୁଁ ସାବଧାନ ହୋଇଯାଏ ।''

ଶେଷରେ ସେମାନେ ଯୋଗୀନ୍ଦ୍ରଙ୍କ ଗାଁରେ ପହଞ୍ଚିଲେ । ତାଙ୍କ ଘର ପାଖେ ପହଞ୍ଚୁ ପହଞ୍ଚୁ ପଞ୍ଚପଟ ଗଛରୁ ଗୁଡ଼ାଏ ଚଢ଼େଇ ଫୁରଫାର୍ ହୋଇ ଉଡ଼ିଗଲେ । ତାହା ଦେଖି ଯୋଗୀନ୍ଦ୍ର କହିଲେ, ''ପଣ୍ଡିତଜୀ ! ଦୟାକରି ଟିକେ ସମୟ ଏଇଠି ରହିଯାନ୍ତୁ, ତା'ପରେ ଯିବା ।'' ପଣ୍ଡିତଜୀ ଆଶ୍ଚର୍ଯ୍ୟ ହୋଇ କହିଲେ, ''କାହିଁକି, ମୁଁ ଏଠି କିଛି ସମୟ ଅପେକ୍ଷା କରିବି ? କ'ଣ ହେଲା ?''

ଯୋଗୀନ୍ଦ୍ର କହିଲେ, ''ପଣ୍ଡିତଜୀ ! ଦେଖିଲେ ନାହିଁ, ପଞ୍ଚ ଆମ୍ବଗଛରୁ ଚଢ଼େଇମାନେ ହଠାତ୍ ଉଡ଼ିଗଲେ । ତା'ର କାରଣ ହେଉଛି, କିଛି ପିଲା ବୋଧହୁଏ ଗଛ ଉପରେ ଚଢ଼ିଗଲେ । ତେଣୁ ଆମେ ସେଠିକି ଗଲେ ପିଲାଗୁଡ଼ା ଆମକୁ ଦେଖି ଗଛ ଉପରୁ ଖପ୍‌ଖାପ୍ ଡେଇଁପଡ଼ିବେ, ଆଉ ଖଣ୍ଡିଆଖାବରା ହୋଇଯିବେ । ମୁଁ ଚାହେଁନି ପିଲାମାନେ




ଆମପାଇଁ ଆଘାତ ପାଆନ୍ତୁ ।''

ଏହାଶୁଣି ପଣ୍ଡିତଜୀ କହିଲେ, ''ଯୋଗୀନ୍ଦ୍ର ! ମୁଁ ଦେଖିଲି, ତୁମଭଳି ଉତ୍ତମ, ପବିତ୍ର ହୃଦୟର ମଣିଷଙ୍କୁ ବାସ୍ତୁଦୋଷ ଲାଗିବ ନାହିଁ । ତୁମ ଅନ୍ତରରେ ଥିବା ନିର୍ମଳ ଭାବ ଯୋଗୁଁ ବାସ୍ତୁଦୋଷ ଆପେ ଆପେ ଠିକ୍ ହୋଇଯିବ । ତେଣୁ ତୁମେ ବାସ୍ତୁଦୋଷ ବିଷୟରେ କିଛି ଚିନ୍ତା କରନାହିଁ ।''

କଥା ହେଉଛି— ଆମ ମନରେ ଥିବା ସମସ୍ତ ଦୂଷିତ ଭାବନା ହିଁ ଆମ ଗୃହରେ ଦୂଷିତ ବାତାବରଣ ସୃଷ୍ଟିକରେ । ପଡ଼ୋଶୀମାନଙ୍କୁ ଆମେ ଯେଭଳି ବ୍ୟବହାର ଦେଖେଇବା, ସେମାନେ ସେହିଭଳି ଆମ ସହିତ ଆଚରଣ କରିବେ ।

(ସଂଗୃହୀତ)



ସାଇସ୍ମିତା ମହାନ୍ତି, ସରସ୍ୱତୀ ବିଦ୍ୟାମନ୍ଦିର, ଆନନ୍ଦପୁର



ଦିବ୍ୟଦର୍ଶନୀ ସାହୁ, ୬ଷ୍ଠ ଶ୍ରେଣୀ


# ଶ୍ରେଷ୍ଠ କବିତା

ଶ୍ରୀମତୀ ଶୈଳବାଳା ରାଉତ

ଗୋଟିଏ ଗାଁରେ ଦୁଇ ବନ୍ଧୁ ଥିଲେ– ରବି ଓ ଶଙ୍କର । ଖୁବ୍ ଅଳ୍ପ ପାଠ ପଢ଼ିଥିଲେ ବି ସେ ଦୁହେଁ ଖୁବ୍ ସୁନ୍ଦର ସୁନ୍ଦର କବିତା ରଚନା କରିପାରୁଥିଲେ । ସେମାନଙ୍କର କବିତାରେ ଫୁଟିଉଠୁଥିଲା ଗାଁର ନଦୀ,ପାହାଡ଼,ଝରଣା, ବୃକ୍ଷଲତା, ଫୁଲଫଳ ସୌନ୍ଦର୍ଯ୍ୟର ଚିତ୍ରପଟ । କିନ୍ତୁ ସେ ଦୁହିଁଙ୍କର ଦୁଃଖ ଥିଲା, ସେମାନଙ୍କର କବିତାକୁ କେହି ଶୁଣୁ ନ ଥିଲେ କି କାହାର ଆଦର ନଥିଲା । କେହି କେହି ବି ଥଟ୍ଟା ପରିହାସ କରି କହୁଥିଲେ–''ହେଇ ହେଇ ଦେଖରେ, ଆସୁଛନ୍ତି ଛିଣ୍ଡାଫଟା କବିତାର କବି । ନା, ସେମାନଙ୍କ କବିତାରେ ଅଛି ଭାଷା, ଶୈଳୀ, ନା ସେମାନଙ୍କର କବିତାର ପ୍ରଭାବ କାହାରିକୁ ଆକର୍ଷିତ କରୁଛି ! ଏହା କେବଳ ସେ ଦୁହିଁଙ୍କର ବୃଥା ପ୍ରୟାସମାତ୍ର ।''

ଗାଁ ଲୋକଙ୍କର ଏପରି ଥଟ୍ଟା ପରିହାସ ରବି ଓ ଶଙ୍କର ଦୁହିଁଙ୍କୁ ଖୁବ୍ ଆଘାତ୍ ଦିଏ । ଦୁଃଖ ବି କରନ୍ତି । ଭାବନ୍ତି ଦୁହେଁ–'ଏଠାରେ କବିତା ବୁଝି ତା'ର ମର୍ଯ୍ୟାଦା ଦେବାଭଳି କୌଣସି ବ୍ୟକ୍ତି ନାହାଁନ୍ତି । ତେଣୁ 'ଗୁଣ ଚିହ୍ନେ ଗୁଣିଆ' ପରି ଆମକୁ ପ୍ରକୃତ ଗୁଣିଆଙ୍କ ପାଖରେ ପହଞ୍ଚିବାକୁ ପଡ଼ିବ ।' ତେଣୁ ସେମାନେ ସ୍ଥିରକଲେ ସହରକୁ ଯାଇ ନିଜର ପ୍ରତିଭା ପ୍ରଦର୍ଶନ କରିବେ । ଏଥିପାଇଁ ସେମାନେ ଦିନ ସ୍ଥିର କରିନେଲେ ।

ଠିକ୍ ସମୟରେ ଯାଇ ସେ ଦୁହେଁ ସହରରେ ପହଞ୍ଚିଲେ । ବେଶ୍ କିଛିଦିନ ସେମାନେ ସହରର ବିଭିନ୍ନ କବି ସମ୍ମିଳନୀ, ବିଭିନ୍ନ କବିତା ପ୍ରତିଯୋଗିତା ଏବଂ ବିଭିନ୍ନ ସ୍ଥାୟୀ ଅନୁଷ୍ଠାନଗୁଡ଼ିକରେ ନିଜର ପ୍ରତିଭା ପ୍ରଦର୍ଶନ କରି ସୁନାମ ଅର୍ଜନ କଲେ । କିନ୍ତୁ ଯେତେବେଳେ କବିତାର ଶ୍ରେଷ୍ଠତାକୁ ନେଇ ଲୋକଙ୍କ ମଧ୍ୟରେ ଆଲୋଚନା ସମାଲୋଚନା ସୃଷ୍ଟିହେଲା, ସେତେବେଳେ ସେ ଦୁହେଁ ସ୍ଥିରକଲେ, ପରସ୍ପର ପରସ୍ପରଠାରୁ ଅଲଗାହୋଇ ନିଜ ନିଜ କବିତାର ଶ୍ରେଷ୍ଠତାକୁ ପ୍ରତିପାଦନ କରିବେ । ବିନା ମନୋମାଳିନ୍ୟରେ ସେ ଦୁହେଁ ଏ ସବୁକୁ ସ୍ୱୀକାର କରିନେଲେ ।



ଆରମ୍ଭ ହେଲା ସେ ଦୁହିଁଙ୍କର ଅଲଗା ଅଲଗା ପ୍ରତିଭା ପ୍ରଦର୍ଶନର ପ୍ରତିଯୋଗିତା । ବେଶ୍ ପ୍ରଶଂସିତ ବି ହେଉଥାନ୍ତି ଏବଂ ଆତ୍ମସନ୍ତୋଷ ବି ଲାଭ କରୁଥାନ୍ତି ।

ଦିନେ ସହର ନିକଟରେ ଥିବା ଏକ ଖୋଲା ଜାଗାରେ ଗୋଟିଏ ବିରାଟ କବି ସମ୍ମିଳନୀ ଆୟୋଜିତ ହୋଇଥାଏ । ରାଜ୍ୟରୁ ରାଜ୍ୟ ବାହାରୁ ବହୁ ପ୍ରତିଷ୍ଠିତ କବି

ଲେଖକଙ୍କର ସମାଗମ ହୋଇଥାଏ । ଜିଲ୍ଲାପାଳ ବି ସେମାନଙ୍କର ରହିବାର ଓ ଖାଇବାର ସୁବନ୍ଦୋବସ୍ତ କରିଥାନ୍ତି । ରବି ଓ ଶଙ୍କର ବି ସେଠାରେ ଉପସ୍ଥିତ ଥା'ନ୍ତି ।

ଆରମ୍ଭ ହେଲା କବିତା ପାଠର ସମୟ । ପ୍ରତ୍ୟେକ ନିଜ ନିଜର ସ୍ୱରଚିତ କବିତା ପାଠ କରୁଥାନ୍ତି । ପାଳି ପଡ଼ିଲା କବି ଶଙ୍କରଙ୍କର । ପୁଣି କିଛି ସମୟ ପରେ କବି ରବିଙ୍କର । ଏମିତି ଜଣେ ପରେ ଜଣେ କବି ନିଜ ନିଜର ପ୍ରତିଭା ଗାନ କରି ଚାଲିଥାନ୍ତି । କବିତା ପାଠ ସମୟ ଶେଷ ହେଲା । ଏବେ ପ୍ରତିଯୋଗିତାର ଶ୍ରେଷ୍ଠତାକୁ ନେଇ ବିଚାରକମଣ୍ଡଳୀଙ୍କର ଆଲୋଚନା ଚାଲିଲା । କିଛି ସମୟ ପରେ ଆସିଲା ଘୋଷଣାର ସମୟ । ଗୃହ ମଧ୍ୟରେ ନୀରବତା । 'କାହାର କବିତା ହେବ ଶ୍ରେଷ୍ଠ କବିତା' ? ଶ୍ରେଷ୍ଠ ବିଚାରକ ଘୋଷଣା କଲେ–'କବି ଶଙ୍କରଙ୍କର କବିତା ହିଁ ସବୁଠାରୁ ଶ୍ରେଷ୍ଠ' ।

ଏସବୁ ଶୁଣି କବି ରବି ଉଠିଗଲେ ମଞ୍ଚ ଉପରକୁ ଏବଂ ବିଚାରକମଣ୍ଡଳୀଙ୍କୁ ଅନୁରୋଧ କଲେ–'ପୂଜ୍ୟ ବିଚାରକମଣ୍ଡଳୀ ! ମୋର ଆପଣମାନଙ୍କୁ ବିନମ୍ର ଅନୁରୋଧ– ଆପଣ ଦୟାକରି 'କବିତାର ଶ୍ରେଷ୍ଠତା' ବିଷୟରେ ସମସ୍ତଙ୍କ ମନରେ ଥିବା ଆଶଙ୍କାକୁ ଦୂର କରନ୍ତୁ । ଯାହା ସମସ୍ତଙ୍କୁ ନୂତନ ନୂତନ କବିତା ରଚନା କରିବାରେ ସହାୟକ ହେବ ଏବଂ ନିଜେ ନିଜର କବିତା ବିଷୟରେ ଆତ୍ମସମୀକ୍ଷା କରିପାରିବେ ।

ବିଚାରକମଣ୍ଡଳୀ କବି ରବିଙ୍କର କଥାର ଗୁରୁତ୍ୱକୁ ଉପଲବ୍ଧି କଲେ ଏବଂ ସ୍ପଷ୍ଟ ଭାବେ ସଭିଙ୍କ ଉଦ୍ଦେଶ୍ୟରେ କହିଲେ– ''ଆମ୍ଭେ ବିଚାରକମଣ୍ଡଳୀ କବି ଶଙ୍କରଙ୍କର କବିତାକୁ କାହିଁକି ଶ୍ରେଷ୍ଠ ବୋଲି ବିବେଚନା କରିଛୁ ? ଏହା ହିଁ ଆପଣମାନେ ଜାଣିବାକୁ ଚାହୁଁଛନ୍ତି ! ତେବେ ଶୁଣନ୍ତୁ–'କବିତାର ଭାଷା ଓ ଶୈଳୀ ଯେତେ ଉନ୍ନତ ହେଉ ନା କାହିଁକି, ତାହା ପ୍ରଥମେ ଜନସାଧାରଣଙ୍କର ହୃଦୟ ଓ ମନ ଉପରେ ଆଶାନୁରୂପ ପ୍ରଭାବ ପକାଇବା ଦରକାର । ଚିନ୍ତା ଓ ଚେତନା ନିର୍ମଳ ହେବା ଦରକାର । ପୁଣି ପୁରସ୍କାର ଉଦ୍ଦେଶ୍ୟରେ ଲେଖା, ଲେଖା ପଦବାଚ୍ୟ ନୁହେଁ । କବିଟିଏ ଲେଖାଟିଏ ପାଇଁ ନିଜ ଉପରେ ନିର୍ଭର ନ କରି ଶୀଘ୍ର ଶୀଘ୍ର କାର୍ଯ୍ୟ ସମାପନ ନିମନ୍ତେ ଅନ୍ୟର ସାହାଯ୍ୟ ଲୋଡ଼ି ରଚନା କରାଯାଇଥିବା କବିତା କେବେହେଲେ ଶ୍ରେଷ୍ଠତା ପାଇପାରିବ ନାହିଁ । ଏସବୁ କବିତାରେ ଥାଏ କବିଙ୍କର ଗର୍ବ, ଅହଙ୍କାର ଏବଂ ଲାଳସା । ତେଣୁ ଏସବୁକୁ ବିଚାରକୁ ନେଇ ଆମ୍ଭେ କବିଶଙ୍କରଙ୍କ କବିତାକୁ 'ଶ୍ରେଷ୍ଠ କବିତା' ବୋଲି ଘୋଷଣା କରିଛୁ । 'ଦୁର୍ଗୁଣ ଉପରେ ବିଜୟ ହାସଲ' ଯେ ତାଙ୍କ କବିତାରୁ ସ୍ପଷ୍ଟ ବାରି ହୋଇପଡୁଛି– ଏହା ଏକ ନିରାଟ ସତ୍ୟ ।''

ବିଚାରକମଣ୍ଡଳୀଙ୍କର କଥାକୁ ସମର୍ଥନ ଜଣାଇ କବି ଓ ଲେଖକମାନେ କରତାଳି ଦେଇ ଗୃହ କମ୍ପାଇଦେଲେ । କବି ରବିଙ୍କ ମନରୁ ସବୁ ଭ୍ରାନ୍ତଧାରଣା ଦୂରେଇଗଲା । ସେ ଦୌଡ଼ିଗଲେ ବନ୍ଧୁ ଶଙ୍କରଙ୍କ ପାଖକୁ । କୁଣ୍ଢାଇପକାଇ କହିଲେ– ବନ୍ଧୁ ! ଆମେ କ'ଣ ପୂର୍ବପରି ଏକାଠି ରହି କବିତା ରଚନା କରିପାରିବା ନାହିଁ ?

ହସିଉଠିଲେ କବି ଶଙ୍କର । କହିଲେ ବନ୍ଧୁ କବିବର– ରବି ! ଆମ୍ଭେଦୁହେଁ କେବେ ଅଲଗା ନ ଥିଲୁ, ଏବେ ବି ନୁହେଁ । କେବଳ କିଛିଟା ଜ୍ଞାନ ଓ ବୁଦ୍ଧିର ଫରକ ଥିଲା ଦୁହିଁଙ୍କ ମଧ୍ୟରେ । ଏବେ ସେମିତି କିଛି ପାର୍ଥକ୍ୟ ମୁଁ ଦେଖିପାରୁନାହିଁ । ଦୁହେଁଯାକ କବିତା ରଚନା କରିବାରେ ଖୁବ୍ ଉର୍ଦ୍ଧ୍ୱରେ । ଚାଲ ଠିକ୍ ସମୟ ଆସିଛି, ଆମେ ଗାଁ'କୁ ଫେରିଯିବା । ଏକାଠି କବିତା ରଚନା କରିବା । ରାଜା ଓ ରାଜ୍ୟ ବାହାରେ ନିଶ୍ଚୟ ଆମ କବିତାର ଶ୍ରେଷ୍ଠତା ପ୍ରତିପାଦିତ ହେବ ଏବଂ ଆମର ସମସ୍ତ କବିତା

# ଅଳ୍ପ ବିଦ୍ୟା ଭୟଙ୍କରୀ

ପଣ୍ଡିତ ଶ୍ରୀ ନାରାୟଣ ଶତପଥୀ

ପୂର୍ବକାଳରେ ଅବନ୍ତୀ ରାଜ୍ୟରେ ଚନ୍ଦ୍ରସେନ ନାମରେ ଜଣେ ବିଚକ୍ଷଣ ରାଜା ଥିଲେ । ତାଙ୍କର ଚରକତୁଲ୍ୟ ଅମୃତକର ନାମରେ ଜଣେ ସୁଦକ୍ଷ ରାଜବୈଦ୍ୟ ଥିଲେ । ସେ କୌଣସି ଔଷଧର ଗୁଣକୁ ପତ୍ରପୁଷ୍ପ ମାଧ୍ୟମରେ ନିଜର ଜିଭରେ ରଖି ପରୀକ୍ଷା କରି ସମସ୍ତପ୍ରକାର ରୋଗକୁ ଅଚିରେ ଭଲ କରୁଥିଲେ । ସେଥିପାଇଁ ସେ ରାଜାଙ୍କର ତଥା ରାଜପୁରବାସୀଙ୍କର ଅତି ପ୍ରିୟପାତ୍ର ଥିଲେ । ସେହି ରାଜବୈଦ୍ୟଙ୍କର ଅଳ୍ପବିଦ୍ୟାଯୁକ୍ତ ବିକଳବୁଦ୍ଧି ନାମରେ ଜଣେ ସାହାଯ୍ୟକାରୀ ଥିଲା । ସେ ମଧ୍ୟ ରୋଗୀଚିକିତ୍ସା କରି ସମସ୍ତଙ୍କର ପ୍ରିୟପାତ୍ର ହେବାପାଇଁ ଚେଷ୍ଟାକରୁଥିଲା ।

ଦିନକର ଘଟଣା । ରାଜପୁରରୁ ରାଜବୈଦ୍ୟ ସହିତ ବିକଳବୁଦ୍ଧି ବାହାରିଆସି ରାଜପଥରେ ଗଲାବେଳେ ପଥରେ ପଡ଼ିଥିବା କୌଣସି ଏକ ପଦାର୍ଥକୁ ପାଟିରେ ପକାଇ ପୁଣି ବାହାର କରି ପକାଇଲା । ଏହାଦେଖି ରାଜବୈଦ୍ୟ ଅମୃତକର ପଚାରିଲେ- ଏପରି କ'ଣ କରୁଛ ? ଏହା ଶୁଣି ବିକଳବୁଦ୍ଧି ଆନନ୍ଦର ସହିତ କହିଲେ- ଆଜ୍ଞା ! ଆପଣଙ୍କ ସାହାଯ୍ୟରେ ବହୁ ଗ୍ରନ୍ଥ ଅନୁଶୀଳନ କରି ଦ୍ରବ୍ୟଗୁଣ ପରୀକ୍ଷା କରିବାର ଦକ୍ଷତା ମୋର ଆସିଲାଣି । ଆପଣ ଯେପରି ସୁଦକ୍ଷ ବୈଦ୍ୟ ହୋଇଛନ୍ତି, ମୁଁ ମଧ୍ୟ ସେହିପରି ସୁଦକ୍ଷ ବୈଦ୍ୟ ହୋଇପାରିବି । ଆହୁରି ମଧ୍ୟ କହିଲା- ଯେହେତୁ ପଥ ଉପରେ ପଡ଼ିଥିବା ପଦାର୍ଥର ପରୀକ୍ଷା ବିନା ଚାଲିବା ଦୋଷାବହ ଅଟେ, ଏଥିପାଇଁ ମୁଁ ନିଜ ଜିଭରେ ରଖିଲି; ନଚେତ୍ ଅଜ୍ଞାନତା-ପୂର୍ବକ ଏହା ଉପରେ ପାଦ ଦେଇ ଚାଲିବା ଅବଶ୍ୟ ଆମଙ୍କୁ ମହାପାତକ ଲାଗିପାରେ । ଏହିପରି ନିଜ ସାହାଯ୍ୟକାରୀର ମୂର୍ଖତା ଓ ଅହଂକାରକୁ ଲକ୍ଷ୍ୟକରି ରାଜବୈଦ୍ୟ ଉପହାସ କରି କାର୍ଯ୍ୟକୁ ବିରୋଧ କଲେ ।

ରାଜବୈଦ୍ୟ କେବଳ ଶାସ୍ତ୍ରବିତ୍ ନଥିଲେ, ତାଙ୍କର ଖୁବ୍ ଉପସ୍ଥିତ ବୁଦ୍ଧି ମଧ୍ୟ ଥିଲା । ସେଥିପାଇଁ ସେ ପ୍ରକୃତ ପରିସ୍ଥିତିରେ ଯଥାର୍ଥ ଭାବରେ ରୋଗର ନିଦାନମାନ ଜାଣିପାରୁଥିଲେ । ଥରେ ରାଜାଙ୍କର ଉଦରପୀଡ଼ାକୁ ଅନୁଭବ କରି ଚିକିତ୍ସାପାଇଁ ଯାଇଥିବା ରାଜବୈଦ୍ୟ, ଶୋଇଥିବା ପଲଙ୍କ ତଳେ ଗୋଟିଏ ବାଦାମ ମଞ୍ଜି ପଡ଼ିଥିବାର ଦେଖିଲେ । ଅବଶ୍ୟ ରାଜା ଏହି ବାଦାମ ମଞ୍ଜିକୁ ଅଧିକ ପରିମାଣରେ ଭକ୍ଷଣ କରିଥିବାରୁ ଉଦର ପୀଡ଼ା ହେଲା । ଏହା ଭାବି ରାଜବୈଦ୍ୟ ରାଜାଙ୍କୁ କହିଲେ- ହେ ରାଜନ୍ ! ଆପଣ କାଲି ଅଧିକ ପରିମାଣର ବାଦାମ ଖାଇଛନ୍ତି, ତେଣୁ ଏହା ଉଦର ପୀଡ଼ାର କାରଣ । ଏହାଶୁଣି ରାଜା ସ୍ୱୀକାର କରି ବୈଦ୍ୟଙ୍କୁ ଭୂରିଭୂରି ପ୍ରଶଂସା କଲେ । ସେ ସ୍ଥାନରେ ମଧ୍ୟ ବିକଳବୁଦ୍ଧି ଉପସ୍ଥିତ ଥିଲା । ସବୁ ଦେଖୁଥିଲା ଓ ସବୁ ଶୁଣୁଥିଲା ।

ଆଉ ଦିନେ ସେହି ରାଜ୍ୟର ସେନାପତି ଜ୍ୱରରେ ଆକ୍ରାନ୍ତ ହେଲେ । ମାତ୍ର ରାଜବୈଦ୍ୟ ଅମୃତକର କୌଣସି

---

ରଚନା 'ରବିଶଙ୍କର' ନାମରେ ସର୍ବବିଦିତ ହେବ ।''

ହସିଉଠିଲେ ଦୁଇ କବି କିଛିକ୍ଷଣ ପାଇଁ, ଏତେ ମନଖୋଲା ଆତ୍ମସନ୍ତୋଷର ନିବିଡ଼ ପ୍ରେମର ଖିଲିଖିଲି ହସ । ଆଃ ଆଃ ମନରେ କି ଶାନ୍ତି !!!

*ମାର୍ଫତ୍ ଡକ୍ଟର-ଫିଲିପ୍ସ ରାଉତରାୟ, ଡ. ମୋହନ୍‌ସ୍ ଡାଇବେଟିକ୍ ହସ୍ପିଟାଲ, କ୍ରିସେଣ୍ଟ ଟାୱାର, ପ୍ଲଟ ନଂ-୪୭୬/ ୪୭୭, ବମିଖାଲ, ଭୁବନେଶ୍ୱର-୭୫୧୦୧୦*

କାର୍ଯ୍ୟ ଉଦ୍ଦେଶ୍ୟରେ ଦୂର ସ୍ଥାନକୁ ଯାଇଥିଲେ । ରାଜବୈଦ୍ୟଙ୍କ ଅନୁପସ୍ଥିତିକୁ ଲକ୍ଷ୍ୟକରି ବିକଳବୁଦ୍ଧି କହିଲା- ମୁଁ ଠିକ୍ କରିଦେବି । ଏପରି କହି ସେନାପତିଙ୍କର ମିଥ୍ୟା ନାଡ଼ି ପରୀକ୍ଷା କରି ବସି ଚିନ୍ତାକଲା ଓ ସେନାପତି ଶୋଇଥିବା ଖଟତଳେ ଗୋଟେ ବିରାଡ଼ି ଶୋଇଥିବାର ଦେଖିଲା । ତହୁଁ କହିଲା- ସେନାପତି ମହାଶୟ, କାଲି ଆପଣ ଅଧିକା ପରିମାଣରେ ବିରାଡ଼ି ମାଂସ ଖାଇଛନ୍ତି, ତେଣୁ ଆଜି ଜ୍ୱର ହେଲା । ଏହା ଶୁଣି ପୁରବାସୀମାନେ ରାଗିଯାଇ ବିକଳବୁଦ୍ଧିକୁ ବାଡ଼େଇ ବିଦା କରିଦେଲେ । ପରେ ରାଜବୈଦ୍ୟ ଆସି ଔଷଧ ସେବନ କରାଇ ଭଲ କରିଦେଲେ ।

ଆଉ ଦିନକର ଘଟଣା । ଗୋଟିଏ ଲୋକ କୌଣସି କାରଣରୁ ମୃତ୍ୟୁବରଣ କଲା । ତା'ର ଗୋଟିଏମାତ୍ର ଝିଅ ଥିଲା । ଝିଅଟି ଅତି ବିକଳ ହୋଇ କାନ୍ଦିବାକୁ ଲାଗିଲା ଓ ବ୍ୟସ୍ତବିବ୍ରତ ହେଲା । ଦୟାବାନ୍ କୃପାଳୁ ରାଜବୈଦ୍ୟ ଝିଅ ନିକଟକୁ ଯାଇ ଝିଅକୁ ବୁଝାଇବାକୁ ଲାଗିଲେ ଓ କହିଲେ- ମୁଁ ତୋ' ପିତାଙ୍କପରି । ମୁଁ ତୋ'ର ସମସ୍ତ ଖବର ଓ ଦାୟିତ୍ୱ ବୁଝିବି । ତୁ ବ୍ୟସ୍ତ ହୋ'ନା । ଏବେ ତୋ'ର କର୍ତ୍ତବ୍ୟ ପାଳନ କର । ଏହିପରି ଶୁଣି ଝିଅଟି ଶାନ୍ତ ହେଲା ଓ ପଡ଼ୋଶୀମାନେ ରାଜବୈଦ୍ୟଙ୍କ ମାନବପଣିଆକୁ ଲକ୍ଷ୍ୟକରି ବହୁ ପ୍ରଶଂସା କଲେ ଓ ଧନ୍ୟବାଦ ଜଣାଇଲେ । ଏହା ଦେଖି ବିକଳବୁଦ୍ଧି ଈର୍ଷାରେ ଜଳିଗଲା ଏବଂ ନିଜେ କିପରି ପ୍ରଶଂସିତ ହେବ ଅପେକ୍ଷାରେ ରହିଲା ।

କିଛିଦିନ ପରେ ସେହି ରାଜ୍ୟର ବୃଦ୍ଧମନ୍ତ୍ରୀଙ୍କର ଦେହାନ୍ତ ହେଲା । ସମସ୍ତେ ବିଳାପ କଲେ । ତାଙ୍କର ପତ୍ନୀ ମଧ୍ୟ କାନ୍ଦିବାକୁ ଲାଗିଲେ । ଏହା ଦେଖି ବିକଳବୁଦ୍ଧି ସେଠାରେ ପହଞ୍ଚି ମନ୍ତ୍ରୀଙ୍କ ପତ୍ନୀଙ୍କୁ ବୁଝାଇବାକୁ ଲାଗିଲା- ଏ ମର୍ତ୍ତ୍ୟ ଜଗତରେ ସମସ୍ତେ ଦିନେ ନା ଦିନେ ମରିବେ । କେହି ଚିରଦିନ ବଞ୍ଚି ରହେ ନାହିଁ ଏବଂ ଯେ ଥରେ ମରେ, ସେ ଆଉ ଫେରିଆସେ ନାହିଁ । ତୁମର ପତି ଗଲେ ସତ, ଆଉ ତ ଫେରିବେ ନାହିଁ । ମୁଁ ଅଛି ତୁମର ପତି ଭାବରେ ତୁମ୍ଭର ସମସ୍ତ ଖବର ବୁଝିବି । ତୁମେ ତୁମ୍ଭର କର୍ତ୍ତବ୍ୟ କର, ଶୋକ କର ନାହିଁ ଓ ବ୍ୟସ୍ତ ହୁଅ ନାହିଁ । ଏହା ଶୁଣି ସମସ୍ତେ ବିକଳବୁଦ୍ଧିକୁ ତିରସ୍କାର କରି ବାଡ଼େଇ ରାଜ୍ୟରୁ ବିଦା କରିଦେଲେ ।



ପରିଶେଷରେ ରାଜବୈଦ୍ୟ ଅମୃତକର ମଧ୍ୟ ବିକଳବୁଦ୍ଧିକୁ ପରିତ୍ୟାଗ କଲେ । ବିକଳବୁଦ୍ଧି ଅନ୍ୟ କିଛି ଉପାୟ ନ ପାଇ ଦୂରଦେଶକୁ ପଳାୟନ କଲା । ସେଠାରେ ମଧ୍ୟ ମିଛିମିଛିକା ରୋଗୀ ଚିକିତ୍ସା କରି ବିପଦମୁଖରେ ପଡ଼ିଲା । ଏହାର ମିଛ ଚିକିତ୍ସାଦ୍ୱାରା ଅନେକ ଶିଶୁ, ଅନେକ ଲୋକ ମୃତ୍ୟୁମୁଖରେ ପଡ଼ିଲେ । ଏହା ଦେଖି ଲୋକମାନେ ସେଠାରୁ ମଧ୍ୟ ବାହାର କରି ଦେଲେ । ଏଣୁ ମୂର୍ଖ ଲୋକର ତିନିପୁରରେ ସ୍ଥାନ ନଥାଏ ।

*ସୁକିନ୍ଦା, ଯାଜପୁର*


# କାମ ସରିଗଲେ

ଶ୍ରୀ ଅଭୟ କୁମାର ଜେନା

ବାହାଘର ପରେ ବେଦୀ ମୁହଁ ପୋଡ଼ା,
ନଦୀ ପାର ପରେ ନାଆ,
କାମ ସରିଗଲେ ମଦଘଡ଼ା ଆଉ
କ୍ଷୀର ଛାଡ଼ିଗଲେ ମାଆ ।
କାମ ଥିବାବେଳେ ନସରପସର
ଦିବାନିଶି ଆତଯାତ,
କାମ ସରିଗଲେ ପଡ଼େ ନାହିଁ ମନେ
ଅଖୋଜା ଅଲୋଡ଼ା ସେ ତ ।
ପୂଜା ପାରବଣ ବଡ଼ ଶରଧାରେ
ପାଳିବାକୁ ପୁଲକିତ
ଭସାଣି ବେଳର ଆଖିଦେଖା ଛବି
ଲାଗେ ବଡ଼ ଆଚମ୍ବିତ ।
ଖଣ୍ଡ ଖଣ୍ଡ କରି ଠାକୁର ମୂରତି
ଫିଙ୍ଗା ଫୋପଡ଼ାରେ ସରେ
ବୁଝି ହୁଏନାହିଁ କାହିଁକି ଏମିତି
ଏଇ ମଣିଷ ଯେ କରେ ?
ମେଳା,ମଉଛବ, ଯାନି ଯାତରା ଯେ
କେତେ ଆସି କେତେ ଯାଏ
ଆରମ୍ଭ ବେଳକୁ ମନମତାଣିଆ
ଶେଷରେ ଏମିତି ହୁଏ ।
କୁଢ଼ କୁଢ଼ ଯେତେ ଅଳିଆ, ଅସନା
ପଡ଼ିରହେ ଦିନ ଦିନ
ମୁହଁ ମୋଡ଼ିଦେଇ ଚାଲିଯାଉ ଆମେ
ଲାଗେନାହିଁ ହୀନିମାନ ।
ଅସୁମାରି ଦାନ, ଆଦର ଯତନ
ପାଇଥାଉ ଆମେ ଯେତେ
ଜୀବନ ଆମର ସେଇଥିରେ ଗଢ଼ା
ମନେରଖେ କିଏ କେତେ
ସମୟ ସୁଅରେ ସବୁ ଭୁଲିଯାଉ
ସେମାନେ ଲାଗନ୍ତି ପର
ଓଲଟି କେତେକ ପଚାରି ବସନ୍ତି
କରିଛନ୍ତି କ'ଣ ମୋର ?
କାମ ଥିଲାବେଳେ ଯେଉଁ ସରାଗରେ
ଯାଇଥିଲୁ ଯାହା ପାଖେ
କାମ ସରିଗଲେ ଭୁଲିଯାଅ ନାହିଁ
ଥାଅ ଦୁଃଖେ ଅବା ସୁଖେ
ସବୁ ଭୁଲିଯାଅ ଦେଇଥିଲ ଯାହା
ଲାଗିଥିଲ କାହା କାମେ
ପାଇଛୁ ଯା' ଠାରୁ କିଛିଟା ଆଦର
ଜମା ଭୁଲିବାନି ଆମେ ।

*ଜନ ସଂପର୍କ ନିରୀକ୍ଷକ, କଟକ ଜି.ପି.ଓ -୭୫୩୦୦୧*

ଦେଖନ୍ତୁ ତ, ବୃତ୍ତଗୁଡ଼ିକ ପରସ୍ପରକୁ କେତୋଟି ସ୍ଥାନରେ ଛେଦ କରିଛନ୍ତି ? (ଉତ୍ତର ୪୦ ପୃଷ୍ଠାରେ)



# ଅଟଳ ପ୍ରତିଜ୍ଞା

ଶ୍ରୀ ରମାକାନ୍ତ ମଲ୍ଲିକ୍

ଉତ୍ତମ ଆଉ ଅଟଳ ଦୁଇ ସାଙ୍ଗ । ନିଜ ଗାଆଁରେ ନୂଆକରି ଖୋଲିଥିବା ଶିକ୍ଷାକେନ୍ଦ୍ରରେ ଦୁହେଁ ପାଠ ପଢ଼ନ୍ତି । ଅଟଳର ବାପା ଦିନ ମଜୁରିଆ । ପୁଅକୁ ଭଲ ମଣିଷଟିଏ କରିବାର ପ୍ରବଳ ଇଚ୍ଛା । ତେଣୁ ସେ ଦିନରାତି ମୂଲ ମଜୁରି କରି ପୁଅକୁ ପାଠ ପଢ଼ାଉଛନ୍ତି । ଉତ୍ତମ ମଧ୍ୟବିତ୍ତ ଘରର ପିଲା । ତା ବାପାଙ୍କର ସେହି ଗାଆଁରେ ଛୋଟ ଡାଲିଚାଉଳ ଦୋକାନଟିଏ ଅଛି । ଅଟଳ ଉତ୍ତମଠାରୁ ଟିକେ ଭଲ ପଢ଼େ । ବାପାମାଆଙ୍କ ସଂସ୍କାର ଯୋଗୁଁ ତା' ମନରେ ଗର୍ବ, ଅହଂକାର, ଛୋଟବଡ଼ ଭେଦଭାବ ଭାବନା କେବେବି ଆସେନାହିଁ । ଉତ୍ତମ ମଧ୍ୟ ଠିକ୍ ଅଟଳ ଭଳି ।

ଦିନକର କଥା । ଉତ୍ତମର ଦେହ ଖରାପ ଥିବାରୁ ସେ ତା' ସାଙ୍ଗ ଅଟଳ ହାତରେ ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତଟିଏ ପଠାଇଦେଲା । ସେଦିନ ସେ ଘରେ ରହିଗଲା । କାହିଁକି କେଜାଣି ଅଟଳର ସେ ଦିନ ସ୍କୁଲ୍‌ରେ ପାଠପଢ଼ାରେ ମନ ଲାଗିଲା ନାହିଁ । ସ୍କୁଲ୍ ଛୁଟି ହେଲା । ଅଟଳ ଘର ପାଖରୁ ସ୍କୁଲ୍ ବେଶି ଦୂର ନୁହେଁ । ସେଥିପାଇଁ ସେ ପ୍ରତିଦିନ ଚାଲି ଚାଲି ଯିବାଆସିବା କରେ । ବାପାଙ୍କର ଅଭାବକୁ ଦେଖି କେବେ ସାଇକେଲ୍‌ଟିଏ ପାଇଁ ଅଳି ବି କରିନି; ବରଂ କଠିନ ପରିଶ୍ରମ କରି ଚାଲେ । ଶ୍ରେଣୀରେ ସାର୍‌ଙ୍କ କଥା ମନ ଦେଇ ଶୁଣେ । ଭଗବାନଙ୍କ ଇଚ୍ଛାକୁ କିଏ ବା କେମିତି ଜାଣିବ ?

ସେଦିନ ବିଦ୍ୟାଳୟ ଫାଟକ ପାରିହେବା ସମୟରେ ମନିପର୍ସଟି ଉପରେ ତାର ଆଖି ପଡ଼ିଗଲା । ହେଲେ ଅଟଳ ଶୁଣିଛି ବାଟରେ ପଡ଼ିଥିବା ଅନ୍ୟର ଜିନିଷ ଉଠାଇବା ଅପରାଧ । ତଥାପି ମନରେ ସେ କ'ଣ ଭାବିଲା କେଜାଣି; ମନିପର୍ସଟିକୁ ତଳୁ ଉଠାଇ ବ୍ୟାଗ୍‌ରେ ରଖିବା ପୂର୍ବରୁ ପର୍ସଟିକୁ ଖୋଲି ଦେଖିଲା । ସେଥିରେ ଅନେକଗୁଡ଼ିଏ ଟଙ୍କା ଓ କିଛି ଦରକାରୀ କାଗଜ ରହିଛି । କିନ୍ତୁ ସେଥିରେ ପର୍ସ ହଜିଥିବା ଲୋକର ଠିକଣା ଓ ଫୋନ୍ ନମ୍ବର ନଥିଲା ।

ଅଟଳ ଘରେ ପହଂଚିଲା । ମନରୁ ତା'ର ଖୁସି ହଜିଯାଇଛି । ସେ ଗୋଡ଼ହାତ ଧୋଇ ଖାଇବାକୁ ବସିଲା । ଅଟଳର ମାଆ ପୁଅ ମୁହଁକୁ ଚାହିଁ ବୁଝିଗଲେ ଯେ ଆଜି ସ୍କୁଲ୍‌ରେ କିଛି ଅଘଟଣ ଘଟିଛି । ସେ ତାକୁ ପଚାରିଲେ– ଆରେ ବାପା, ତୋ ମନ କାହିଁକି ଆଜି ଦୁଃଖ ? ସ୍କୁଲ୍ ମାଷ୍ଟ୍ରେ ତତେ କ'ଣ କହିଛନ୍ତି କି ? ଅଟଳ କହିଲା, ''ନାଇଁ ମା, ସାର୍ କାହିଁକି କଣ କହିବେ ?'' 'ତୋ ସାଙ୍ଗ ସହ କିଛି ଝଗଡ଼ା ହେଲାକି ?' ଅଟଳ ଉତ୍ତରରେ କହିଲା– ନା ମାଆ, ସହଜେ ତ ଆଜି ଉତ୍ତମ ସ୍କୁଲ୍ ଯାଇନାହିଁ । 'ତେବେ ତୋର କଣ ହେଇଛି ବାପା, ସ୍କୁଲ୍‌ରୁ ଆସିବା ପରଠୁ ମୁହଁ ଶୁଖେଇଛୁ ?'

ଅଟଳ ହାତ ଧୋଇ ସାରି ମାଆ ପାଖରେ ବସି ସବୁ କହିଲା- ମାଆ ଆଜି ମୁଁ ଏ ମନିପର୍ସଟି ବାଟରୁ ପାଇଲି । ଏ ମନିପର୍ସଟି ଯୋଉ ଲୋକର, ତା'ର ମନ କେତେ ଦୁଃଖ ହେଉ ନଥିବ ! ଯାହା ବି ହେଉ ଆସନ୍ତା କାଲି ଏ ପର୍ସଟିକୁ ଆମ ପ୍ରଧାନ ଶିକ୍ଷକଙ୍କୁ ଦେଇଦେବି । କାରଣ ମାଆ ଏଥିରେ ଅନେକଗୁଡ଼ିଏ ଟଙ୍କା ଓ କେତେ ଦରକାରୀ କାଗଜ ଅଛି ।

ପୁଅ ଅଟଳ ଠାରୁ ସବୁ ଶୁଣିସାରି କହିଲେ– ଦେଖ୍ ବାବା, ଏ ପଇସା ଭାଗ୍ୟରେ ଥିଲା ବୋଲି ତୁ ପାଇଲୁ । ତୁ ଚୋରି କରିନୁ କି କାହା ପାଖରୁ ଛଡ଼େଇଆଣିନୁ ।

ଭଲହେଲା, ଏ ପଇସାରେ ତୋର ନାଁ ଲେଖା ହେଇଯିବ; ନହେଲେ ତୁ ଉପର ଶ୍ରେଣୀକୁ ଯାଇପାରିବୁ ନାହିଁ । ତୋ ପାଠପଢ଼ା କଥା ଭାବି ଭାବି ତୋ ବାପାଙ୍କ ଦେହରେ ହାଡ଼ ଚାରିଖଣ୍ଡ ପଡ଼ିଛି । ତିନି ଚାରି ଜଣକୁ ପଇସା ଧାର ମାଗିଲେ; ହେଲେ ସମସ୍ତେ ମନା କରିଦେଲେ । ସକାଳୁ ଯାଇଛନ୍ତି ଯେ ଏ ଯାଏଁ ଫେରିନାହାନ୍ତି । ଶୁଣ ବାପା, ମୋ କଥା ମାନ, ଏ ପଇସା ତୋ ବାପାଙ୍କୁ ଦେଇଦେବୁ ।

ମାଆପୁଅଙ୍କର କଥା ସରିଛି କି ନାହିଁ, ଅଟଳର ବାପା ଆସି ପହଞ୍ଚିଲେ । ଘର ଭିତରେ ପାଦ ଦେଇଛନ୍ତି କି ନାହିଁ, ତା' ମାଆ କହିଲେ– ହେଇଟି ଅଟଳର ବାପା, ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ । ତମେ ଆଉ ପଇସା କାହାକୁ ମାଗିବା ଦରକାର ନାହିଁ । ତମେ ଶୁଣିଲେ ଖୁସି ହେବ; ତମ ପୁଅ ଅଟଳ ପୁଳାଏ ଟଙ୍କା ପାଇଛି । ଅଟଳର ବାପା କହିଲେ, ''ସତରେ ?''



ଅଟଳ ହାତରୁ ପର୍ସଟିକୁ ଛଡ଼ାଇଆଣି ମା କହିଲେ– ଏଇ ନିଅ ଦେଖୁନ । ହେଲେ ଜାଣିଛ ତମ ଯୋଗ୍ୟପୁଅ କହୁଛି, ଏ ଟଙ୍କା ତାଙ୍କ ପ୍ରଧାନ ଶିକ୍ଷକଙ୍କୁ ଦେଇଦେବ । ଏତକ ଶୁଣିସାରି ଅଟଳର ବାପା ପୁଅକୁ କୁଣ୍ଢେଇ ପକାଇଲେ । ଖୁବ୍ ଗେଲ କଲେ । ସେ କହିଲେ– ତୁ କାହିଁକି ଏତେ ଚିନ୍ତା କରୁଛୁ ? ତୁ ଏ ଟଙ୍କା ପାଇଛୁ ବୋଲି କିଏ କାହିଁକି ଜାଣିବ ? ତୁ ତ ପର୍ସଟି ଉଠେଇବାବେଳେ ତତେ କେହି ଦେଖି ନ ଥିବେ । ଦେଖିଥିଲେ ତୋ ଠାରୁ ଛଡ଼େଇ ନେଇ ନଥାନ୍ତେ ! ଅଟଳ ତା' ବାପାଙ୍କ କଥାର ଉତ୍ତରରେ କହିଲା– ବାପା ଆଜି ପର୍ଯ୍ୟନ୍ତ ତମେ ମତେ ଭଲ ଶିକ୍ଷା ଦେଇ ଆସିଛ । ତମେ ପରା କହିଥିଲ, ପରର ଜିନିଷରେ ଲୋଭ ରଖିବା ଅନୁଚିତ୍ । ପୁଣି ଆଜି ଏଇ ସାମାନ୍ୟ ଟଙ୍କା କେତେଟା ପାଇଁ ଲୋଭ କରୁଛ; ନା ବାପା ଏ ପର ପଇସା, ମୁଁ ଜାଣିନି ଏ ପଇସା କାହାର । ସେଥିପାଇଁ ଆସନ୍ତାକାଲି ଏ ପର୍ସଟିକୁ ନେଇ ପ୍ରଧାନ ଶିକ୍ଷକଙ୍କୁ ଦେଇଦେବି ।

ଅଟଳର ଏ କଥା ଶୁଣି ତା' ବାପାଙ୍କର ମୁଣ୍ଡକୁ ପିତ୍ତ ଚଢ଼ିଗଲା । ସେ ତାକୁ ଖୁବ୍ ଜୋରରେ ପିଟି ପକାଇଲେ । ଅଟଳ ବାପାଙ୍କ ଠାରୁ ମାଡ଼ଖାଇ କାନ୍ଦି କାନ୍ଦି କେତେବେଳେ ଶୋଇ ପଡ଼ିଛି, ସେ ଜାଣିପାରିନାହିଁ ।

ତା' ପରଦିନ ଅଟଳ ଠିକ୍ ସମୟରେ ବିଦ୍ୟାଳୟରେ ପହଂଚିଲା । ହେଲେ ସେ ଗତ ରାତିରେ କଥା ଭାବୁଥାଏ । ତା' ବାପା ତାର ପୁନଃ ନାମଲେଖା (ରି ଆଡ୍‌ମିସନ୍) କରିପାରିବେ ନାହିଁ ବୋଲି ରୋକ୍‌ଠୋକ୍ ମନାକରିଦେଲେ । ପୁଣି ସେ ଭାବିଲା– ପର୍ସଟି ରାସ୍ତାରୁ ଉଠେଇ ନ ଥିଲେ ବାପାଙ୍କ ଠାରୁ ମାଡ଼ଗାଳି ଖାଇ ନଥାନ୍ତା । ଉତ୍ତମ ଓ ଅଟଳ ଦୁହେଁ ସାଥି ହୋଇ ବିଦ୍ୟାଳୟ ଯାଆନ୍ତି ।



ଆଜି ସେ ଏକା ଯାଇଛି । ପ୍ରଧାନ ଗୁରୁଜୀଙ୍କୁ ଅଟଳ ମନିପର୍ସଟି ଦେଇ ଗତକାଲିର ସମସ୍ତ ଘଟଣା କହିଲା । ପ୍ରଧାନ ଗୁରୁଜୀଙ୍କୁ ଅଟଳଠାରୁ ସବୁ ଶୁଣିସାରି କହିଲେ, ''ଆରେ ଏ ମନିପର୍ସଟି ତୋ ସାଙ୍ଗ ଉତ୍ତମ ବାପାଙ୍କର । ସେ ଗତକାଲି ଉତ୍ତମର ବାକି ଥିବା ପଇସା ଦେବା ପାଇଁ ଆସିଥିଲେ । ହେଲେ ମନିପର୍ସ ସହ ଟଙ୍କାତକ କେଉଁଆଡ଼େ ହଜିଗଲା; ସେଥିପାଇଁ ମନ ଦୁଃଖରେ ଘରକୁ ଫେରିଗଲେ । ତୁ ଆସିବା ପୂର୍ବରୁ ସେ ଆସି ସବୁକଥା କହିଛନ୍ତି ।''

ଉତ୍ତମର ବାପା ଅତିଥି ପ୍ରକୋଷ୍ଠରେ ଅପେକ୍ଷା କରିଥିଲେ । ତାଙ୍କୁ ଅଫିସ୍‌କୁ ଡକାଗଲା । ପ୍ରଧାନ ଶିକ୍ଷକ କିଛି କହିବା ପୂର୍ବରୁ ଅଟଳ ଉତ୍ତମର ବାପାଙ୍କୁ ଭୁଲ୍ ମାଗିଲା– ମୋର ଭୁଲ୍ ହେଇଯାଇଛି ମଉସା ! ଏତିକି କହି ସେ କଇଁ କଇଁ ହୋଇ କାନ୍ଦି ପକାଇଲା । ଉତ୍ତମର ବାପା କହିଲେ– ଆରେ ନା ନା ତୁ କାହିଁକି ଭୁଲ୍ କରିବୁ ? ମୁଁ ଭୁଲ୍ କରିଛି। ମୋର ଅସାବଧାନତା ଓ ଦାୟିତ୍ୱ ହୀନତା ପାଇଁ ତୁ ମାଡ଼ଗାଳି ଖାଇଲୁ । ମୁଁ ସେଥିପାଇଁ ଖୁବ୍ ଲଜ୍ଜିତ ।

ଠିକ୍ ଏତିକିବେଳେ ଅଟଳର ବାପାମାଆ ବିଦ୍ୟାଳୟରେ ଆସି ପହଞ୍ଚିଲେ । ଗତ ରାତିର ଘଟଣା ପାଇଁ ସେ ଦୁଃଖ ପ୍ରକାଶ କଲେ ଓ ନିଜର ଭୁଲ୍ ବୁଝିପାରିଲେ । ଉତ୍ତମର ବାପା ସ୍କୁଲ୍‌ର ଦୁଇଜଣଙ୍କର ସମସ୍ତ ବକେୟା ପୈଠ କଲେ । ପିଲା ଦୁହିଁଙ୍କୁ ଆଶୀର୍ବାଦ ଦେଇ କହିଲେ– ଅଟଳର ଅଟଳ ପ୍ରତିଜ୍ଞା ଆମ ଦୁଇ ବାପାଙ୍କୁ ଉଚିତ୍ ଶିକ୍ଷା ଦେଲା । (ଆକାଶବାଣୀରେ ପ୍ରସାରିତ)

ବିବେକାନନ୍ଦ ଶିକ୍ଷା କେନ୍ଦ୍ର ମାଇନିଂରୋଡ୍
କେନ୍ଦୁଝର-୧

## ଲେଖନୀର ପାଠଶାଳାର ଉତ୍ତର

୧। କ- ଲୋକପ୍ରଚଳିତ ।
ଖ- ଯାହା ପୂର୍ବେ କେବେ ହୋଇ ନ ଥିଲା ।
ଗ- ଯାହାକୁ ପାର ହେବା କଷ୍ଟ ।

୨। କ- ତୋଟା । ଖ- ଶିଳ୍ପୀ । ଗ- କଷ୍ଟସାଧ୍ୟ

୩। ୧– ୩, ୨–୪, ୩–୫, ୪–୨, ୫–୧

୪। କ) ବାତ, ପିତ୍ତ, କଫ,
ଖ) ଧର୍ମ, ଅର୍ଥ, କାମ, ମୋକ୍ଷ
ଗ) ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା, ତ୍ୱକ୍

୫। କ) ଗୋଲୋକ, ତ୍ରୁଟି, ଶିକ୍ଷୟିତ୍ରୀ, ସନ୍ଧ୍ୟା ବା ସଂଧ୍ୟା ।
ଖ) ଉତ୍ତରୋତ୍ତର, ଉନ୍ନତ, ଗ୍ରାମବାସୀମାନେ, ସନ୍ତୁଷ୍ଟ ।

୬। କର, କନା, ବକ, ବର, ବନା, ରବ, ଖାର, ଖାନା, ନାକ, ନାବ ।



# କାଗଜ କଲମ ବହି

ଶ୍ରୀ ପ୍ରକାଶ ଚନ୍ଦ୍ର ଦାଶ

କାଗଜ କଲମ ବହି
ଜୀବନ ଧନ୍ୟ କରିଛନ୍ତି ମୋ
ପାଖରେ ସଦା ରହି ।

ମନରେ ମୋର ଭାବନା କେତେ
ଲହରୀ ଖେଳୁଥାଏ,
କେବେ କେମିତି ଭାବନା ଏକ
ମନକୁ ଯଦି ଛୁଏଁ–

ପାଖରେ ଥିବା କାଗଜ ପରେ
ତାହାକୁ ଦେଲେ ଥୋଇ,
ଅଜଣା ଏକ ପୁଲକେ ପ୍ରାଣ
ତୃପ୍ତ ଯାଏ ହୋଇ ।

କାଗଜ ପରେ ମନର ଭାବ
ଫୁଟାଇ ଦେବା ପାଇଁ,
କଲମଟିଏ ହୁଅଇ ଲୋଡ଼ା
ଆଣେ ମୁଁ ଯାଏ ଧାଇଁ ।

କାଗଜ ଦେହେ ନାଚିନାଚିକା
କଲମ ମୋର ଧାଏଁ,
କେତେ କବିତା, କେତେ ଯେ ଗପ
ଲେଖି ମୁଁ ଥାଏ ଛାଏଁ ।

ସଭିଙ୍କ ପାଇଁ ବହିଟି ପରା
ଅସରା ଜ୍ଞାନ-ଖଣି,
ବହି ପଢ଼ି ମୁଁ ଅନେକ କଥା
ସହଜେ ପାରେ ଜାଣି ।

ପାଖରେ ମୋର ବହିଟେ ଥିଲେ
ଭୁଲଇ ଭୋକ, ଶୋଷ
ନ ଥାଉ ପଛେ ଧନ ସଂପତ୍ତି
ତଥାପି ମନ ତୋଷ ।

କାଗଜ, କଲମ,ବହି
ଯାହାଙ୍କ ପାଇଁ ଜୀବନ ମୋର
ମଧୁର ଅଛି ହୋଇ ।

*'ରମାଦେବୀ ନିବାସ', ଏସ୍.ବି–*
*୧୪, ଶକ୍ତିନଗର,ରାଉର କେଲା–୭୬୯୦୧୪*




କୌଣସି ସ୍ଥାନରେ ବୃତ୍ତ ପରସ୍ପର ଛେଦ କରିନାହାନ୍ତି । ସମୁଦାୟ ୪ଟି ବୃତ୍ତ ଭିନ୍ନ ଭାବରେ ରହିଛି ।



## ଭାବି ଦେଖନ୍ତୁ

ବସୁଧା ଭିତରୁ ଡାକେ ଶିଶୁ ତରୁ
ଫିଟାଅ ଦୁଆର ଧୀରେ
ଟପ ଟପ ଟପ ବରଷାର ଧାରା
ପଡ଼ିଲାଣି ମୋର ଶିରେ ।

ବିଶିଷ୍ଟ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦଙ୍କର ଏହି ଦୁଇଟି ଧାଡ଼ିରେ ଭାବଗର୍ଭକ ଅନ୍ତର୍ନିହିତ ଅର୍ଥ ରହିଛି । ବସୁଧା ଉପରେ ଯେତେବେଳେ ପାଣିଠୋପା ପଡ଼େ, ସେତେବେଳେ ମାଟିତଳେ ଥିବା ବୀଜଟି ଡାକେ "ମା' କବାଟ ଫିଟା, ମୁଁ ଯିବି ।" ସେମିତି ଶିଶୁଟି ଯେତେବେଳେ ମା'ର ଗର୍ଭାଶୟ ମଧ୍ୟରେ ରହିବାର ସୀମିତତା ହରାଏ, ସେତେବେଳେ କହେ- ମା' ଦୁଆର ଖୋଲ ମୁଁ ଯିବି, ଦୁନିଆ ଦେଖିବି, ତମକୁ ଦେଖିବି ଆଉ ତମର କଥା ଶୁଣିବି । ତା'ପରେ ଦୁଆର ଖୋଲିଯାଏ । ଝରିଆସେ ସୁବର୍ଣ୍ଣର ଜ୍ୟୋତି, ମଧୁର ସ୍ୱର- କାଇଁ, କାଇଁ, କାଇଁ !

ସେ ଏ ଦୁନିଆକୁ ଦେଖେ, କହେ, ଜାଣେ, ମା'ର ଭାଷାକୁ ଉପଭୋଗ କରେ । ମାତୃଭାଷାକୁ ଉପଭୋଗ କରେ ତା'ର ଶରୀରର ପ୍ରତିଟି କୋଣଅନୁକୋଣରେ, ପ୍ରତିଟି ଶିରାପ୍ରଶିରାରେ । ଏଇ ଦେଖିବା, ଜାଣିବା, ଚିହ୍ନିବା ଭିତରେ ଆମ ସମାଜର ଜୀବନର ଚିତ୍ର ସେ ଦେଖିପାରେ, ଅନୁଭବ କରେ । ଆମ ସମାଜ-ଚିତ୍ରର ପରିବର୍ତ୍ତିତ ରୂପକୁ ପ୍ରତିନିୟତ ସେ ଅଙ୍ଗେ ଲିଭାଏ । ମାତ୍ର ସେ ରୂପର ସୌନ୍ଦର୍ଯ୍ୟ ବା ଭୟଙ୍କରତା ତାକୁ ଆକ୍ରାନ୍ତ କରେ । ସେଥିପାଇଁ ତା'ର ବ୍ୟକ୍ତିତ୍ୱ ପରିପ୍ରକାଶ ଲାଭ କରିବାପାଇଁ ପିତାମାତା ତଥା ଗୁରୁଜନଙ୍କର ଅଭୟ ହସ୍ତ ପ୍ରସାରିତ ହୋଇ କୋମଳ ମସ୍ତିଷ୍କକୁ ସ୍ପର୍ଶକରେ । ଏଇ ସ୍ପର୍ଶ ହିଁ ଆମମାନଙ୍କର-- ଗୁରୁଗୁରୁଜନ ଓ ପିତାମାତାଙ୍କର । ଏମାନଙ୍କୁ ସାହାଯ୍ୟ କରନ୍ତି ସାହିତ୍ୟିକମାନେ । ସାହିତ୍ୟିକମାନଙ୍କର ଚିନ୍ତାଧାରାର ରୂପରେଖ ଶିଶୁମାନଙ୍କୁ ପରିପୁଷ୍ଟ କରିବାରେ ସାହାଯ୍ୟ କରିଥାଏ । ତାହାହିଁ ଆଜିର ପ୍ରଶ୍ନ ଓ ଆଜିର ଉତ୍ତର ।

ଶିଶୁମାନେ ସମାଜର ପ୍ରତିଚ୍ଛବି ଦେଖନ୍ତି ସାହିତ୍ୟିକଙ୍କର ମାନସର ପରଦାରେ । ସେ ପରଦାକୁ ଛବିଳ କରିବା ଦାୟିତ୍ୱ ସାହିତ୍ୟିକମାନଙ୍କର ।

କିନ୍ତୁ ଆଜିର ପରିବର୍ତ୍ତିତ ସମୟ, ପରିବର୍ତ୍ତିତ ଯୁଗରେ ଶିଶୁମାନେ ଆଉ ପୁରୁଣା ପ୍ରତିଚ୍ଛବିକୁ ସେଇ ପରଦାରେ ଦେଖିବାକୁ ଚାହୁଁନାହାନ୍ତି । ଆଜିର ଆଧୁନିକ ସମାଜର ଛବି ହିଁ ସେମାନଙ୍କର ଆଖି ଲୋଡୁଛି । ତାହାହିଁ ଆଜି ଆମର ଚିନ୍ତା ।

ଭାଷା ହିଁ ଅନ୍ତଃ ବିନିମୟର ମାଧ୍ୟମ । ଶିଶୁଟି ଆଗ ତା'ର ଅନ୍ତରର ଭାବନାକୁ ଭାଷାଦ୍ୱାରା ପରିସ୍ଫୁଟ କରେ । ଓଡ଼ିଶାର ମାତୃଭାଷା ଓଡ଼ିଆ । ଓଡ଼ିଶାରେ ଜନ୍ମିତ ଶିଶୁଟିର ପ୍ରଥମ ସ୍ଫୁରଣ ଓଡ଼ିଆ ହିଁ ହୋଇଥାଏ— ମା, ବାପା, ଦାଦା, ନନା ଆଦି ଦ୍ୱାରା । ଘରେ ସେ ଓଡ଼ିଆ ଭାଷାରେ ସମସ୍ତଙ୍କ ସହିତ କଥାହୁଏ । ତା'ପରେ ସେ ବିଦ୍ୟାଳୟକୁ ଯାଏ । ସେଠାରେ ସେ ଓଡ଼ିଆ ଭାଷାର ସାହିତ୍ୟ ପଢ଼େ ଓ ତା'ର ଓଡ଼ିଆ ଜ୍ଞାନର ପ୍ରସାର ଘଟେ । ଓଡ଼ିଆ ଭାଷା ପ୍ରସାର ପାଇଁ ଲେଖା ବା ରଚନା ହିଁ

ମାଧ୍ୟମ। ଦେଖାଯାଉଛି, ବର୍ତ୍ତମାନ ଇଂରାଜୀ ମାଧ୍ୟମ ବିଦ୍ୟାଳୟସବୁ ଇଂରାଜୀ ଭାଷାର ଚକଚକିଆ ଚଉହଦି ମଧ୍ୟରେ ଶିଶୁମାନଙ୍କୁ ଆକର୍ଷିତ କରିବାରେ ଲାଗିଛନ୍ତି। ସେଥିପାଇଁ ପ୍ରାୟ ଶତକଡ଼ା ୭୦ ଭାଗ ପିଲା ଇଂରାଜୀ ମାଧ୍ୟମ ବିଦ୍ୟାଳୟକୁ ପସନ୍ଦ କରୁଛନ୍ତି। ଇଂରାଜୀର ଶିଶୁ ପୁସ୍ତକଗୁଡ଼ିକ ବହୁ ଆକର୍ଷଣୀୟ ଖାଦ୍ୟରେ ଭରା। ଲେଖାଗୁଡ଼ିକ ଉତ୍ସାହପ୍ରଦ। ଆମର ଶିଶୁସାହିତ୍ୟିକମାନେ ଅସଂଖ୍ୟ ଓଡ଼ିଆ ପୁସ୍ତକ ପ୍ରକାଶନ କରି ଛାପିଲେ ମଧ୍ୟ ତାହା ପିଲାମାନେ ପଢ଼ିବା ପାଇଁ ଆଗ୍ରହୀ ହେଉନାହାନ୍ତି। ପିତାମାତା ମଧ୍ୟ ଓଡ଼ିଆ ବହି ପ୍ରତି ଆଗ୍ରହ ଦେଖାଉନାହାନ୍ତି। ସେଇଥିପାଇଁ ଓଡ଼ିଆ ଭାଷା ପ୍ରତି ଧୀରେ ଧୀରେ ପିଲାଙ୍କର ଶ୍ରଦ୍ଧା କମିଯାଉଛି। ଆଉମଧ୍ୟ ଏ ପ୍ରାୟୋଗିକ ବିଜ୍ଞାନ ଯୁଗରେ ଶିଶୁଙ୍କର ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ ବିଜ୍ଞାନର ଯାଦୁ କୌଶଳର ଚମତ୍କାରିତାରେ ଆବଦ୍ଧ। ଯାହା ବି ବିଜ୍ଞାନର ଚମତ୍କାରିତା ରହିଛି, ତାହାସବୁ ଇଂରାଜୀ ଭାଷାରେ ସୀମାବଦ୍ଧ।

ଆମର ମାତୃଭାଷା, ଆମର ଅନ୍ତରର ସ୍ରୋତ ହିଁ ଓଡ଼ିଆ ଭାଷାର ଶିରାପ୍ରଶିରାକୁ ପ୍ରବାହିତ ହୋଇଥାଏ। ତାହା ଆମେ ସମସ୍ତେ ଜାଣୁ; କିନ୍ତୁ ଆଜି ଦ୍ୱନ୍ଦ୍ୱ, ହତାଶା, ନିରୁତ୍ସାହତା ଆମକୁ ଘାରି ରହିଛି । କ'ଣ କରିବା ? କେମିତି ଓଡ଼ିଆ ଭାଷାକୁ ଶିଶୁ ପୁଣି ଆଦରିବ ? ଏସବୁ ପ୍ରଶ୍ନର ଉତ୍ତର ପାଇବା ଦୁରୂହ ହୋଇପଡ଼ିଛି। ଏଥିପାଇଁ କେତେଗୁଡ଼ିଏ ସମାଧାନକୁ ଆମେ ବିଚାର କରିବା ଆବଶ୍ୟକ, ଚେଷ୍ଟା କରିବା ଆବଶ୍ୟକ। ତା' ନ ହେଲେ ଆଗାମୀ ପିଢ଼ିଙ୍କର ଓଡ଼ିଆ ଭାଷା ପ୍ରତି ବୀତସ୍ପୃହତାକୁ ଆମେ ଅସ୍ୱୀକାର କରିପାରିବା ନାହିଁ। ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ଆଗରୁ ଆମେ ଚେଷ୍ଟାକରିବା ଆବଶ୍ୟକ। ଆମେ କ'ଣ କ'ଣ ପଦକ୍ଷେପ ନେବା , ତାହାକୁ ଆମର ଶିଶୁସାହିତ୍ୟିକମାନଙ୍କର ଅବଗତ ନିମନ୍ତେ ଉପସ୍ଥାପିତ କରିବା ଆବଶ୍ୟକ।

ପ୍ରଥମ କଥା ହେଲା— ଓଡ଼ିଆ ଲେଖାର ଶୈଳୀକୁ ପରିବର୍ତ୍ତନ କରିବା ନିହାତି ଜରୁରୀ। ଧାରା ଅନୁସାରେ ସବୁ ବିଷୟ ଲେଖିଲେ ତାହାକୁ ପିଲାମାନେ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଧରନ୍ତୁ, ଗଳ୍ପଟିର ଆରମ୍ଭ ଗୋଟିଏ ଗ୍ରାମରେ ଜଣେ ବ୍ୟବସାୟୀ ଥିଲେ। ଚାରିପୁଅ। ପ୍ରଥମ ପୁଅର ନାମ ଅମୁକ, ଦ୍ୱିତୀୟର ନାମ ସମୁକ— ଏମିତି ଚାଲିଲା। ତା'ପରେ ସାଧାରଣ କଥା। ସେ ବୃଦ୍ଧ ହୋଇଗଲେ। ପିଲାଙ୍କ ମଧ୍ୟରେ ବୁଦ୍ଧି ପରୀକ୍ଷା କରିବା ପାଇଁ ସେମାନଙ୍କୁ ୪ଟି ଜାଗାକୁ ପଠାଇଲେ। ତା'ପରେ ଚାଲିଲା ଆଉ ଚାଲିଲା— ସେଇ ଗତାନୁଗତିକ ଧାରା । ବାରମ୍ବାର ଗୋଟିଏ ବିଷୟକୁ ଦୋହରାଇବା ଦ୍ୱାରା ମଧ୍ୟ ପିଲା ଧୈର୍ଯ୍ୟ ହରାଏ। ତେଣୁ ଆମେ ଗଳ୍ପକୁ ସଂକ୍ଷିପ୍ତ କରିବା ଓ ତା'ରି ଭିତରେ ହଠାତ୍ ଆଶ୍ଚର୍ଯ୍ୟ ଘଟଣାଟିଏ ଭରିଦେବା। ଅର୍ଥାତ୍ ଗତାନୁଗତିକ ଶୈଳୀରୁ ଟିକିଏ ପରିବର୍ତ୍ତନ କରିବା। ହାସ୍ୟରସର ଗଳ୍ପ ମଧ୍ୟ ସେମିତି। ସବୁ ସଂକ୍ଷିପ୍ତ ଓ ନୂତନ ଧରଣର ହେବା ଦରକାର। ଜୀବନୀ ସେହିଭଳି ହେବା ଆବଶ୍ୟକ। ମହାପୁରୁଷଙ୍କ ଜୀବନରେ ଘଟିଥିବା କୌତୁକପ୍ରଦ ଘଟଣା ବା ଆଶ୍ଚର୍ଯ୍ୟଜନକ ଘଟଣାଟିକୁ ବର୍ଣ୍ଣନା କଲେ ହିଁ ଅବଲୀଳାକ୍ରମେ ସେ ମହାପୁରୁଷଙ୍କ ଜୀବନ-ଚିତ୍ର ଭିତରକୁ ପିଲାଟି ପଶିଆସିବ।

ଧରନ୍ତୁ, ଡଲ୍ଫିନ୍ ବା ତିମିର ଜୀବନଶୈଳୀ ଆମେ ପିଲାଙ୍କୁ ଜଣାଇବା ଦରକାର। ତା'ହେଲେ ଡଲଫିନ୍ ବା


ତିମି ସହିତ ଅନ୍ୟ ମାଛ ବା ଜୀବମାନଙ୍କୁ ନେଇ ଗୋଟିଏ ଗଳ୍ପ ରଚନା କରିବା, ତା'ହେଲେ ସେ ମାଛର ଜୀବନଶୈଳୀ ଗଳ୍ପ ମାଧ୍ୟମରେ ତା' ମସ୍ତିଷ୍କରେ ପ୍ରବେଶ କରିବ ଓ ସେ ଏହାକୁ ପାସୋରି ପାରିବ ନାହିଁ । ଆଉ କେତୋଟି କଥା ଆମକୁ ଦୃଷ୍ଟି ଦେବାକୁ ହେବ । ତା'ହେଲା ଗଳ୍ପରେ ମୃତ୍ୟୁର, ହତ୍ୟାର ଓ ବୀଭତ୍ସ ଘଟଣାବଳୀର ବିଭୀଷିକାକୁ ପିଲାଠାରୁ ଦୂରରେ ରଖିବା । ଗଳ୍ପର ଶେଷଭାଗରେ ବେଳେବେଳେ ଜୀବଜନ୍ତୁଙ୍କର, ମନୁଷ୍ୟର ମୃତ୍ୟୁର କରାଳ ଦୃଶ୍ୟ ବର୍ଣ୍ଣିତ ହୋଇଥାଏ । ସେସବୁ ପିଲାଙ୍କୁ ଦେବା ଉଚିତ ନୁହେଁ । ତେଣୁ ଶିଶୁସାହିତ୍ୟିକମାନେ ତାଙ୍କର ଲେଖାରେ ସରଳ ଭାଷା, ପରିବର୍ତ୍ତନ ଶୈଳୀ, ସଂକ୍ଷିପ୍ତ ବିଷୟବସ୍ତୁ ପ୍ରତି ଦୃଷ୍ଟି ଦେଲେ ହୁଏତ ଶିଶୁଟିର ମନ ଓଡ଼ିଆ ବହି ଆଡ଼କୁ ଆକର୍ଷିତ ହେବ ।

ପ୍ରଥମେ ନିଜର ବିଷୟବସ୍ତୁର ଭାବନାକୁ ନିଜର ଅନ୍ତଃକରଣରେ ଶିରାପ୍ରଶିରା ଦେଇ ପ୍ରବାହିତ କରେଇବାକୁ ପଡ଼ିବ । ତା'ପରେ ତାକୁ କାଗଜରେ ରୂପରେଖ ଦେବା ଆବଶ୍ୟକ । ପୂର୍ବକାଳର କଲୁରୀବେଣ୍ଟ କଥା, ଦଶକୁମାରୀ ଚରିତ, ତଅପୋଇ କଥା, ରାଜାରାଣୀ କଥାକୁ ଆମେ ବୟସ୍କମାନେ ମଧ୍ୟ ଏ ପର୍ଯ୍ୟନ୍ତ ଆଗ୍ରହର ସହ ଶୁଣୁ । ଗପଗୁଡ଼ିକରେ କ'ଣ ଅଛି ? କେବଳ ଚମତ୍କାର ଶୈଳୀ, ଚମତ୍କାର ଭାଷାବିନ୍ୟାସ, କୌତୂହଳଜନକ ବିଷୟବସ୍ତୁ । ପିଲାମାନଙ୍କର କୌତୂହଳ ହିଁ ପୁସ୍ତକଟି ପ୍ରତି ସେମାନଙ୍କୁ ଆକର୍ଷିତ କରେ । ବର୍ତ୍ତମାନର ଧରାବନ୍ଧା ଗଳ୍ପ, ଧରାବନ୍ଧା କଥା ପିଲାଙ୍କର ପରିବର୍ତ୍ତିତ ନୂତନ ମସ୍ତିଷ୍କରେ ପ୍ରବେଶ କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଛି । ଇଂରାଜୀରେ ଆଲିସ ଇନ୍ ଦ ୱାଣ୍ଡରଲାଣ୍ଡ, ଆଲିବାବା ଚାଲିଶ ଚୋର, ବର୍ତ୍ତମାନର ହ୍ୟାରିପୋଟର୍ ଇତ୍ୟାଦି ଇଂରାଜୀ ଗଳ୍ପକୁ ପଢ଼ିଲେ ପିଲାମାନେ କାହିଁକି ଆକର୍ଷିତ ନ ହେବେ ?

ସେମିତି ଆଜିର ଆଧୁନିକ ଶୈଳୀର କବିତାଗୁଡ଼ିକରୁ ରସ ଗ୍ରହଣ କରିବା ପାଇଁ ଆଜିର ପିଲାମାନେ ଅନିଚ୍ଛୁକ । ତେଣୁ କବିତାର ଶୈଳୀରେ ପରିବର୍ତ୍ତନ ଆବଶ୍ୟକ ମନେହୁଏ । ଜହ୍ନମାମୁ, ମୀନାବଜାର, ମୋ ଦେଶ ଇତ୍ୟାଦି ପତ୍ରିକାରେ ଅନେକ ବିଶିଷ୍ଟ ଶିଶୁ ସାହିତ୍ୟିକଙ୍କର ଖୁବ୍ ସୁନ୍ଦର ମଜାଦାର କବିତା ସବୁ ବାହାରୁଥିଲା, ଯାହାକୁ ପଢ଼ିବା ପାଇଁ ଆମେ ସମସ୍ତେ ପାଗଳ ହେଉଥିଲୁ । ବର୍ତ୍ତମାନ ମଧ୍ୟ ତାକୁ ହିଁ ଖୋଜୁଛୁ ।

(ଓଡ଼ିଶା ସାହିତ୍ୟ ଏକାଡେମୀରେ ପଠିତ ପ୍ରବନ୍ଧର କିୟଦଂଶ ।)

**– ଅନସୂୟା ନନ୍ଦ**



# ଲୁହଝରା ଆଖି, ମୁହଁଭରା ହସ; ସବୁରି ପ୍ରିୟ ଜୟୀଭାଇ

ଶ୍ରୀ କାଞ୍ଚନାରାୟଣ ମହାନ୍ତି

ସୁଖଦୁଃଖ ତ ଜୀବନ ସାରା ଚାଲିଛି । କେତେ ଘଟଣା ଦୁର୍ଘଟଣାକୁ ସାମ୍ନାକରେ ଏ ମଣିଷ । ଯେତେ ଯାହା ଆସୁ, ସେସବୁକୁ ସାମ୍ନାକରି ଜୀଇଁ ରହିବାରେ ତ ଆନନ୍ଦ ।

ଏଇ ସତ୍ୟଟିକୁ ବୁଝିଛନ୍ତି ବୋଲି ସେ ଶାନ୍ତିରେ ଅଛନ୍ତି । ଅତିକ୍ରାନ୍ତ ବୟସରେ ମଧ୍ୟ ସମାଜରେ ଯିଏ ହସ ବାଣ୍ଟି ଚାଲିଥାନ୍ତି, ସେ ହେଉଛନ୍ତି ଆମ୍ଭମାନଙ୍କର ସବୁରି ପ୍ରିୟ ହାସ୍ୟ ଅଭିନେତା ଜୟରାମ ସାମଲ, ଓରଫ ଜୟୀ । 'ଜୟୀ ଭାଇ' ଭାବେ ସେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପ୍ରଶଂସକମାନଙ୍କର ହୃଦୟ ଅଧିକାର କରିପାରିଛନ୍ତି ।

ତାଙ୍କ ସହ ପଚାଶ ବର୍ଷର ପରିଚୟ ମଧ୍ୟରେ କେତେ ଯେ ଅଙ୍କାବଙ୍କା ଗତିପଥ ଦେଇ ସେ ଏକ ଶ୍ରେଷ୍ଠ ସ୍ଥାନରେ ପହଞ୍ଚିପାରିଛନ୍ତି; ତାହା ମୁଁ ପ୍ରତ୍ୟକ୍ଷ କରିଛି । ପ୍ରଥମତଃ ତୁଳସୀପୁର ମଠସାହି ଛକରେ ତାଙ୍କର 'ସିଲେଇ ଦୋକାନ' । ତା ସହିତ 'ମ୍ୟାଜିକ୍ ସୋ' ଦ୍ୱାରା ସ୍କୁଲମାନଙ୍କରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତାର ପ୍ରଚାର ପ୍ରସାର ସହିତ ମନୋରଞ୍ଜନ, ତା' ପରେ ନାଟକରେ ଅଭିନୟ ତଥା ନିର୍ଦ୍ଦେଶନା, ଅପେରା, ଶ୍ରୀଜଗନ୍ନାଥ ଗଣନାଟ୍ୟର ପରିଚାଳନା ଓ ଅନେକ ନାଟକରେ ସଫଳ ନିର୍ଦ୍ଦେଶନା ଏବଂ ଏମିତି ଅନେକ ସାଂସ୍କୃତିକ ପର୍ଯ୍ୟାୟରେ ସେ ନିଜର ପ୍ରତିଭା ପ୍ରଦର୍ଶନ କରିପାରିଥିଲେ ।




ଜୀବନର କେତେ ଘଟଣା ଓ ପରିସ୍ଥିତି ସହିତ ତାଙ୍କ ସହ ସମ୍ପୃକ୍ତ ହେବାର ସୁଯୋଗ ମିଳିଛି । ଯେତେ ମନସ୍ତାପ ଅସନ୍ତୋଷ ମଧ୍ୟରେ ଥିଲେ ସେ ପଦିଏ କଥାରେ ତାହାକୁ ହସରେ ରୂପାନ୍ତରିତ କରିଦେବାର ଅପୂର୍ବ ଶକ୍ତି ଲାଭକରିଛନ୍ତି । ସର୍ବଶ୍ରେଷ୍ଠ ମହତ୍ତ୍ୱ ହେଲା– ତାଙ୍କ ଜୀବନରେ କ'ଣ କେବେ ଦୁଃଖ, ଅପ୍ରାପ୍ତି, ନିରାଶା ଆସିନାହିଁ ? ଯେତେ ଦୁଃସ୍ଥିତି ଆସିଥିଲେ ମଧ୍ୟ ସେ ସବୁକିଛିକୁ ନୀରବରେ ହଜମ କରି ପରିଜନମାନଙ୍କ ନିକଟରେ ହସର ଲହରୀ ଖେଳାଇ ଦେଇପାରନ୍ତି ।

ସାକ୍ଷାତକାରରେ ସେ କହିଥିଲେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ 'ଡାକବଙ୍ଗଳା' ନାଟକରେ ସେ ଅଭିନୟ କରୁଥାନ୍ତି, ଘରୁ ଖବର ଯାଇ ପହଞ୍ଚିଲା ମାଆ ଚାଲିଗଲେ । ଅଭିନୟ ସରିନାହିଁ-- ଅନେକ ବାକି । ମଞ୍ଚରେ ଦର୍ଶକମାନଙ୍କୁ ମନୋରଞ୍ଜନ ବାଣ୍ଟିବାକୁ ପଡ଼ିବ । ହସ ବୁଣିବାକୁ ପଡ଼ିବ । ଆଖି ତାଙ୍କର ଲୁହରେ ଭରିଯାଇଥିଲା । 'ମା' ଶବଦରେ ଛାତି ଭିତରଟା ଫାଟିପଡୁଥିଲା । ମନରୁ



ହଜିଯାଉଥିଲା ଆଗମୀ ଦୃଶ୍ୟର ସଂଳାପ । ତଥାପି ବାଁ ହାତରେ ଆଖିର ଲୁହ ପୋଛି ମଞ୍ଚରେ ପ୍ରବେଶ କରି ଭରପୁର ଦର୍ଶକଙ୍କୁ ସେ ଅଭିନୟରେ ମୁଗ୍ଧ କରିପାରିଥିଲେ ।

ଘରେ କ୍ରନ୍ଦନରୋଳ, ରଙ୍ଗମଞ୍ଚରେ ହାସ୍ୟରୋଳ । ଏଇ ହେଲେ ସେହି ବିଜୟୀ ହାସ୍ୟ ଅଭିନେତା– ଜୟୀରାମ ସାମଲ ।

ଜୀବନରେ ସର୍ବୋତ୍ତମ ସୁଖ କ'ଣ ? ପଚାରିବାରେ କହନ୍ତି- ଓଡ଼ିଆ ଚଳଚ୍ଚିତ୍ର 'ଯାଯାବର ହିଁ ତାଙ୍କ ଜୀବନରେ ସୁଖ, ଯଶ ଓ ପ୍ରଶଂସାର ଦ୍ୱାର ଖୋଲି ଦେଇଥିଲା । ତା'ପରଠାରୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି । ଓଡ଼ିଆ ନାଟକ, ଦୂରଦର୍ଶନ ଧାରାବାହିକ, ଓଡ଼ିଆ ଚଳଚ୍ଚିତ୍ର ଇତ୍ୟାଦିରେ ତାଙ୍କର ଅଭିନୟର ନିଦର୍ଶନ ୩୦୦ଟିରୁ ଅଧିକ କ୍ଷେତ୍ରରେ ଆମେ ଦେଖିବାକୁ ପାଇଥାଉ । ୧୯୭୦ ମସିହାରୁ ଅଭିନୟ ଦୁନିଆରେ ପାଦଦେଇ ସେ ବଲିଉଡ୍‌ର 'ଜନି ୱାକର୍' ଏବଂ କୀଷ୍ଟୋ ମୁଖାର୍ଜୀଙ୍କ ପ୍ରତୀକ ଭାବରେ ପରିଗଣିତ ହୋଇଥାନ୍ତି ।

ସେ କେବଳ ଓଡ଼ିଆ ଚଳଚ୍ଚିତ୍ରର ଜଣେ ଯଶସ୍ୱୀ 'କମେଡି କିଙ୍ଗ୍' ନୁହଁନ୍ତି, ଅନେକ ଛବିରେ ସେ ମଧ୍ୟ ଖଳନାୟକ ଚରିତ୍ର ଅଭିନେତା ଭାବରେ ଖୁବ୍ ଚମତ୍କାର ଅଭିନୟ ପ୍ରଦର୍ଶନ କରିଛନ୍ତି । ଓଡ଼ିଶାର ଘରେ ଘରେ ଜୟୀଭାଇ ବା 'ଜୟୀ' ଏକ ହାସ୍ୟାଭିନେତାର ପ୍ରତୀକ ଭାବେ ଲୋକପ୍ରିୟ ହୋଇପାରିଛନ୍ତି । ତାଙ୍କର ହସର ଉତ୍ପାଦନ ଅତି ସଂକ୍ରାମକ । ତାହାକୁ ଶ୍ରୋତାମାନେ ଶୁଣି ନ ହସି ରହିପାରନ୍ତି ନାହିଁ । ମାହାଙ୍ଗାର କୁମୁଡ଼ା, ଜୟପୁରରେ ୧୯୪୮ ମସିହାରେ ତାଙ୍କର ଜନ୍ମ । କଟକର ତୁଳସୀପୁର ମଠସାହିରେ ଅବସ୍ଥାନ ଏବଂ କଳାକାର ଭାବରେ ସମର୍ପିତ ଜୀବନ ବିତାଇ ସଂପ୍ରତି ବାଅାସ୍ତରୀ ବର୍ଷରେ ପଦାର୍ପଣ କରି ଜଗନ୍ନାଥଙ୍କ ଜଣେ ପରମ ଉପାସକ ଭାବେ ସେ ସରଳସୁନ୍ଦର ଜୀବନଯାପନ କରୁଛନ୍ତି । ୨୦୧୬




ମସିହାରେ ତାଙ୍କ ଅଭିନୀତ ଛବି ଥିଲା– 'ତୁ କହିବୁ ନା ମୁଁ' । ପ୍ରଥମ ଛବି ଥିଲା 'ଯାଯାବର', ଯାହା ୧୯୭୫ ମସିହାରେ ତାଙ୍କ ପ୍ରତିଭାର ବିକାଶ କରିଥିଲା ।

ତାଙ୍କ ଅଭିନୀତ ଛବିଗୁଡ଼ିକର ତାଲିକା ଖୁବ୍ ଦୀର୍ଘ। ତେଣୁ ସେଥିରୁ କେତୋଟି ପ୍ରମୁଖ ଛବି ହେଲା– 'ଜାଇଫୁଲ', 'ଜଗାବଳିଆ', 'ଜନନୀ', 'ପ୍ରତିଧ୍ୱନି', 'କାବେରୀ', 'ସ୍ୱପ୍ନ ସାଗର', 'ବାସନ୍ତୀ ଅପା', 'ନାଗଫାଶ', 'ଏ ନୁହେଁ କାହାଣୀ', 'କୃଷ୍ଣ ସୁଦାମା', 'ଝିଅଟି ସୀତାପରି', 'ମୁଁ ଓ ସେ– ତୁମେ', 'ଜନ୍ମଦାତା', 'ସିନ୍ଦୂର ନୁହେଁ ଖେଳଘର, 'ମାନ ଅଭିମାନ', 'ଆରତି', ଓମ୍ ସାଇ ତୁଝେ ସଲାମ' ଇତ୍ୟାଦି ।

୨୦୦୮ ମସିହାରେ ଚାଳିଶତମ ବାଣୀଚିତ୍ର ତାଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ପୁରସ୍କୃତ କରିଥିଲା । ୨୦୧୫ ମସିହାରେ ପ୍ରଖ୍ୟାତ ଓଡ଼ିଆ ହାସ୍ୟାଭିନେତା ପଞ୍ଚମ ରୟାଲ ଷ୍ଟାର୍ ଓଡ଼ିଆ ଫିଲ୍ମ ଫେୟାର ଆୱାର୍ଡ଼ ଉତ୍କଳମଣ୍ଡପ, ଭୁବନେଶ୍ୱରରେ ଗ୍ରହଣ କରିଥିଲେ । 'ଷ୍ଟାର୍ ଫିଲ୍ମ ପୁରସ୍କାର' ପକ୍ଷରୁ ୨୦୨୦ ବର୍ଷର ଜୀବନବ୍ୟାପୀ ସାଧନାପାଇଁ ମଧ୍ୟ ଜୟୀଭାଇଙ୍କୁ ଉତ୍କଳ ମଣ୍ଡପରେ ତା୧୨.୨.୨୦୨୦ରେ ସମ୍ମାନିତ କରାଯାଇଛି ।

ଅନେକ ପୁରସ୍କାର ଓ ସମ୍ବର୍ଦ୍ଧନାର ଯୋଗ୍ୟ ଜୟୀରାମ ସାମଲ ବ୍ୟକ୍ତିଗତ ଜୀବନରେ ଜଣେ ସ୍ୱଚ୍ଛ ମଣିଷ । ଅହଙ୍କାରଶୂନ୍ୟ, ସରଳ ଓ ଉଚ୍ଚମନା ବ୍ୟକ୍ତିତ୍ୱ ଭାବେ ଅଗଣିତ ଶ୍ରଦ୍ଧାଳୁମାନଙ୍କର ହୃଦୟ ଜିଣିପାରିଛନ୍ତି । ସଂସାର ପରିବାର ତାଙ୍କର ପ୍ରତିଭାମୟ ଜୀବନରୁ ସାମାନ୍ୟ କିଛି ଆଲୋକପାତ କରି ତାଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।

*ଶ୍ରୀବିହାର ପଲୋନି, ଦେଉଳ ସାହି, କଟକ-୮*



# ପୁସ୍ତକ ପରିଚୟ

**କବିତା ଗୁଚ୍ଛ**– ଲେଖକ– **ଶ୍ରୀ ବିନାୟକ ଭୋଇ,** ଝାରୁପଡ଼ା, ପଞ୍ଚଗାଁ, ଜି– ଝାରସୁଗୁଡ଼ା । ମୂଲ୍ୟ– ୪୦ ଟଙ୍କା । ଦୂରଭାଷ– ୭୮୯୪୭୪୨୧୦୧

ଆ ରେ ବରଷା ଆ, ଗଛ ଲଗାଇବା ଆସ, ଶ୍ରାବଣ ଆସିଲା, ସାଧବ ବୋହୂ, ମୁକ୍ତ ଆକାଶର ପକ୍ଷୀଟିଏ ମୁହିଁ ଇତ୍ୟାଦି ସତଚାଳିଶିଟି କବିତା ଏହି ଡିମେଇ ୧/୮ ଆକାରର ଶିଶୁ କବିତା ପୁସ୍ତକଟିରେ ସନ୍ନିବେଶିତ ହୋଇଛି । ପ୍ରତ୍ୟେକ କବିତା ସରଳ ଭାଷାରେ ଲିଖିତ । ଶିକ୍ଷଣୀୟ ଓ ମନୋରଞ୍ଜକ କବିତାଗୁଡ଼ିକ ଶିଶୁମାନଙ୍କୁ ଆକର୍ଷିତ କରିବାର ଆଶା ରଖୁଛୁ । ରଙ୍ଗିନ ପ୍ରଚ୍ଛଦରେ ପୁଷ୍ପଗୁଚ୍ଛ ସହିତ ପ୍ରଜାପତିର ଚିତ୍ର ମନଲୋଭା ।

**ଶ୍ରୀମଦ୍ ଭାଗବତ ମହାପୁରାଣ କଥାସାଗରରୁ କିଛି ଅମୃତମୟ......** -- ସଂଗ୍ରାହିକା– **ରୀତା ଦାସ,** ରାଜାବଗିଚା, କଟକ-୯ । ଦୂରଭାଷ– ୯୫୮୩୦୭୯୯୯୮ ।

ହିନ୍ଦୁଧର୍ମର ମହାନ୍ ଗ୍ରନ୍ଥ ଶ୍ରୀମଦ୍ ଭାଗବତ ମହାପୁରାଣରୁ କିଛି କିଛି ଅମୃତ ଆଭାସ ସହିତ ବ୍ୟାଖ୍ୟା କରାଯାଇଛି ଏହି ଡିମେଇ ୧/୮ ଆକାରର ପୁସ୍ତକଟିରେ । ପ୍ରତ୍ୟେକଟି ଧାଡ଼ି ଏହାର ମୂଲ୍ୟବାନ୍ । ଏହାକୁ ପାଠକଲେ ପାଠକମାନଙ୍କର ଶ୍ରୀମଦ୍ ଭାଗବତ ବିଷୟରେ ସମ୍ୟକ୍ ଧାରଣା କରିପାରିବେ । ରଙ୍ଗିନ ପ୍ରଚ୍ଛଦରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କର ଓଷ୍ଠପତ୍ରରେ ଭାସୁଥିବାର ଦୃଶ୍ୟ ଚମତ୍କାର ।

ପୁସ୍ତକଟି ଆଦୃତ ହେଲେ ସଂଗ୍ରାହିକାଙ୍କର ଶ୍ରମ ସାର୍ଥକ ହେବ ।

**ବୁଲାଭାଇର ଚିଠି**-ଲେଖକ- ଶ୍ରୀ ନୃସିଂହ ପ୍ରସାଦ ମହାନ୍ତି । ବୋଧପୁର, କଟକ-୭୫୪୧୩୦ । ମୂଲ୍ୟ- ୧୦୦ ଟଙ୍କା । ଦୂରଭାଷ- ୯୫୫୬୨୯୧୧୩୭ ।

ଏହି ଡିମେଇ ୧/୮ ଆକାର ପୁସ୍ତକଟିରେ ରହିଛି ପ୍ରାଚୀନ ଭାରତ କଥା, ପୌରାଣିକ ଯୁଗ, ବୌଦ୍ଧଯୁଗ, ମୌର୍ଯ୍ୟ ବଂଶ ଓ ରାଜପୁତ ଯୁଗର କାହାଣୀ ।

ପ୍ରତ୍ୟେକ ଯୁଗର ସମ୍ପୂର୍ଣ୍ଣ ବିବରଣୀ ବୁଲାଭାଇର ଚିଠି ମାଧ୍ୟମରେ ଲେଖକ ଶିଶୁ ତଥା କିଶୋରମାନଙ୍କୁ ଅବଗତ କରାଇଛନ୍ତି । ଏହାକୁ ପାଠକଲେ ପାଠକ ଅନେକ କିଛି ମୂଲ୍ୟବାନ୍ ତଥ୍ୟ ହାସଲ କରିପାରିବେ । ରଙ୍ଗିନ୍ ପ୍ରଚ୍ଛଦରେ ରାମାୟଣ ଯୁଗରେ ଭାରତର ମାନଚିତ୍ର ପ୍ରଦତ୍ତ ହୋଇଛି । ଏହି ପୁସ୍ତକଟି ଶିଶୁ ତଥା କିଶୋର-ମାନଙ୍କ ମନକୁ ଭାରତର ପୁରୁଣା ଇତିହାସ ବିଷୟରେ ଅବଗତ କରାଇବାର ଆଶା ରଖୁଛୁ ।

**ଶିଶୁ ସାହିତ୍ୟରେ ଶିଶୁର ଶବ୍ଦ ଭଣ୍ଡାର**- ସମ୍ପାଦକ- ଡ. ମନୀନ୍ଦ୍ର ମହାନ୍ତି । ଅପର୍ଣ୍ଣା ସଦନ, ନୂଆବଜାର, ଭଦ୍ରକ । ମୂଲ୍ୟ- ୧୨୦ ଟଙ୍କା । ଦୂରଭାଷ- ୯୨୩୮୫୦୬୨୬୨ ।

ବିଶିଷ୍ଟ ଶିଶୁ ସାହିତ୍ୟିକଙ୍କ ମୂଲ୍ୟବାନ୍ ରଚନାରେ ସମୃଦ୍ଧ ଏହି ଡିମେଇ ୧/୮ ଆକାର ପୁସ୍ତକଟି । ଶିଶୁର ଭାବପ୍ରକାଶ ଓ ଶବ୍ଦ-ଭଣ୍ଡାର, ଶିଶୁର ଶବ୍ଦଭଣ୍ଡାର ବୃଦ୍ଧିରେ ଗଣମାଧ୍ୟମର ଭୂମିକା, ଶିଶୁର ଭାବ ପ୍ରକାଶରେ ଧ୍ୱନ୍ୟାତ୍ମକ ଶବ୍ଦର ଭୂମିକା ଇତ୍ୟାଦି ଜ୍ଞାନଗର୍ଭକ ବିଷୟ ଏଥିରେ ବର୍ଣ୍ଣିତ ହୋଇଛି । ପ୍ରତ୍ୟେକ ବିଷୟ କେବଳ ଶିଶୁ-କିଶୋର କାହିଁକି, ସବୁ ବୟସର, ସବୁ ବର୍ଗର ବ୍ୟକ୍ତି ଏହାକୁ ପାଠକରି ଶିଶୁ ସାହିତ୍ୟ ଓ ଶିଶୁଙ୍କର ମନସ୍ତତ୍ତ୍ୱ ଉପରେ ଅନେକ ତଥ୍ୟ ହାସଲ କରିପାରିବେ ।


ରଙ୍ଗିନ ପ୍ରଚ୍ଛଦରେ ଦୁଇଟି ଶିଶୁର ଚିତ୍ର ସହ ଧ୍ୱନିର ପ୍ରତୀକ ଚିତ୍ରିତ ହୋଇ ଆକର୍ଷଣୀୟ ହୋଇଛି । ପୁସ୍ତକଟିକୁ ପାଠକମାନେ ମୂଲ୍ୟଦେବେ ବୋଲି ଆଶା ରଖୁଛୁ ।

**ଓଡ଼ିଆ ଜାତିର ଅବଶ୍ୟ ପ୍ରଣମ୍ୟ**- ପରିକଳ୍ପନା ଓ ସମ୍ପାଦନା- ଡ. କୃତ୍ତିବାସ ନାୟକ । ଅରୁଣ-ତରୁଣ କାର୍ଯ୍ୟାଳୟ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧ । ମୂଲ୍ୟ- ୧୩୦ ଟଙ୍କା । ଦୂରଭାଷ- ୭୯୭୮୯୬୨୫୩୪ ।

କ୍ରାଉନ୍ ୧/୪ ଆକାରର ଏହି ପୁସ୍ତକଟିରେ ଜାତୀୟ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ରାଜା ରାଜେନ୍ଦ୍ର ପ୍ରସାଦ, ରାମକୃଷ୍ଣ ନନ୍ଦ ଓ ବିନୋଦ୍ କାନୁନ୍‌ଗୋଙ୍କ ଜୀବନର ସମ୍ପୂର୍ଣ୍ଣ ବିବରଣୀ ଖୁବ୍ ନିଖୁଣ ଭାବରେ, ଅନେକ ତଥ୍ୟ ସହିତ ଉପସ୍ଥାପିତ କରାଯାଇଛି ।

ଅନେକ ସୁଦୃଶ୍ୟ ବିରଳ ଫଟୋଚିତ୍ର ମଧ୍ୟ ଏଥିରେ ସ୍ଥାନିତ ହୋଇ ବିଷୟଗୁଡ଼ିକୁ ଆହୁରି ମାର୍ଜିତ କରିପାରିଛି । ରଙ୍ଗିନ୍ ପ୍ରଚ୍ଛଦରେ ଉତ୍କଳର ଏହି ୫ଜଣ ବରପୁତ୍ରଙ୍କର ଫଟୋ ମଧ୍ୟ ପୁସ୍ତକଟିକୁ ସୁଦୃଶ୍ୟ କରିପାରିଛି ।

ଆଶା, ଏହି ମୂଲ୍ୟବୋଧଭିତ୍ତିକ ପୁସ୍ତକଟି ପାଠକମାନଙ୍କ ଦ୍ୱାରା ଆଦୃତ ହେବ ।



## ଶବ୍ଦଧନ୍ଦା ମାର୍ଚ୍ଚ-୨୦୨୦

ଶ୍ରୀ ଧରଣୀଧର ବେହେରା

୧ । କାଗଜରେ ବା କାର୍ଡ଼ରେ ଘର କାଟି ଉତ୍ତର ଲେଖନ୍ତୁ ।
୨ । ଶୂନ୍ୟ ଘରେ ଗୋଟିଏ ମାତ୍ର ଅକ୍ଷର ବସାନ୍ତୁ ।
୩ । ଉତ୍ତର କାଗଜରେ ନାମ ଓ ଠିକଣା ଲେଖନ୍ତୁ ।
୪ । ସମ୍ପାଦିକାଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ।
୫ । ଆସନ୍ତା ସଂଖ୍ୟାରେ ଫଳ ପ୍ରକାଶ ପାଇବ ।
୬ । ଉତ୍ତର ପହଞ୍ଚିବାର ଶେଷ ତାରିଖ ୨୨ ।୦୩ ।୨୦୨୦
୭ । ନିୟମାବଳୀ ପଢ଼ି ଉତ୍ତର ଦିଅନ୍ତୁ ।

| | | | | | |
|---|---|---|---|---|---|
| ୧ | ୨ | ୩ | ୪ | ❋ | ୫ |
| ୬ | | | ୭ | ୮ | |
| ୯ | ୧୦ | ୧୧ | | | |
| ❋ | | ୧୨ | | | ❋ |
| ୧୩ | | ୧୪ | ୧୫ | ୧୬ | |
| | ❋ | ୧୭ | | | ❋ |

### ସୂଚନା

**ବାମରୁ ଡାହାଣ--** ୧ । ଚନ୍ଦ୍ର (୪), ୬ । ମୁଖ (୩), ୭ । ଭାର୍ଯ୍ୟା / ପରିବାର(୩) ୯। ପାଉଁଶ (୨), ୧୧ । ଲକ୍ଷ୍ମୀ (୩), ୧୨ । ସୋରିଷ (୩), ୧୩ । ଛଣପଟ (୨), ୧୪ । ଢେଉ (୨), ୧୬ । ପୁଞ୍ଜା / ଖସା (୨), ୧୭ । ନକ୍ଷତ୍ର/ ଆଖିଡୋଳା (୩) ।

**ଉପରୁ ତଳ--** ୧ । ଶସ୍ତା / ସ୍ୱଳ୍ପ ମୂଲ୍ୟ (୩), ୨ । ସିଡ଼ିର ଗୋଟିଏ ପାହାଚ (୨), ୩ । ସୁନା (୩), ୪ । ପ୍ରକାର (୩), ୫ । ଲାଉ (୩), ୮ । କ୍ରନ୍ଦନ (୩), ୧୦। ମନେପକାଇବା (୩), ୧୨ । ସୂର୍ଯ୍ୟ (୩), ୧୩ । ବିବାହିତ ମହିଳାଙ୍କ ହାତର ଚୁଡ଼ି (୨), ୧୫ । ବହୁକାଳ ବ୍ୟାପୀ / ଗାଈର ସ୍ତନାଗ୍ର (୨), ୧୬ । ପୂର୍ଣ୍ଣିମା (୨)

*--ମୋଗଲପାଟଣା, ରାହାଣିଆଁ, କଟକ-୭୫୪୨୦୪*

---

**ଫେବୃଆରୀ ମାସ ଶବ୍ଦଧନ୍ଦାର ଉତ୍ତର (ବାମରୁ ଡାହାଣ)--** ୧ । କୋରିଆ, ୪ । ଛାଗ, ୬ । ଇଷ୍ଟକ, ୭ । ଭାବା, ୮ । ଅରକ୍ଷ, ୧୦ । ସତୀ, ୧୨ । ଛୁରିକା, ୧୪ । ଖ୍ୟାଆ, ୧୫ । ମରାଳ ।

**ଉପରୁ ତଳ--** ୧ । କୋଇଲା, ୨ । ରିଷ୍ଟ, ୩ । ଆକର, ୫ । ଗବାକ୍ଷ, ୭ । ଭାରତୀ, ୯ । ମି / ପଛୁଆ, ୧୦ । ସକାମ, ୧୧ । ମୁଖ୍ୟ, ୧୩ । ଡାଳ ।

---

**ଗତମାସର ଠିକ୍ ଉତ୍ତରଦାତା– ଗୀତାଞ୍ଜଳି ମହାପାତ୍ର,** ଯଶୋବନ୍ତପୁର, ଜଗତ୍‌ସିଂହପୁର, **ଶୁଭସ୍ମିତା କୁଅଁର,** ସୁଗୋ, ଜଳେଶ୍ୱର, **ରାଜକିଶୋର ସାହୁ,** ଓଡ଼ଗାଁ, ନୟାଗଡ଼, **ଅଂଶିକା ବେହେରା, ସ୍ୱାତୀ ସୁଚରିତା ବେହେରା,** ମୋଗଲପାଟଣା, ରାହାଣିଆଁ, କଟକ । **(ବିଳମ୍ବରେ ଆସିଥିବା ଜାନୁଆରୀମାସ ଶବ୍ଦଧନ୍ଦାର ଠିକ୍ ଉତ୍ତର- ଅଂଶିକା, ଶୁଭଙ୍କର, ସ୍ୱାତୀ ସୁଚରିତା । (ଶବ୍ଦଧନ୍ଦାର 'ଉତ୍ତର' ଚିଠିଗୁଡ଼ିକ ବହୁ ବିଳମ୍ବରେ ଆସୁଛି, ତେଣୁ ଆମେ ଠିକ୍ ସମୟରେ ଅନେକଙ୍କର ନାମ ପ୍ରକାଶ କରିପାରୁ ନାହୁଁ । ସେଥିପାଇଁ ଆମେ ଦୁଃଖିତ ।)**

# ପୃଥ୍ୱୀ କ୍ଷଣକ୍ଷଣକେ ଆନ

## ଓଡ଼ିଶା ଖବର

୧୯।୧- ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ଡକ୍ଟର ସୁନନ୍ଦା ପଟ୍ଟନାୟକଙ୍କର ୮୫ ବର୍ଷରେ ପରଲୋକ । ସେ ଶାସ୍ତ୍ରୀୟ ସଂଗୀତକୁ ସର୍ବଭାରତୀୟ ସ୍ତରରେ ପରିଚିତ କରାଇଥିଲେ ।

୨୪।୧- ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ମାଣାଧୀନ ନୂତନ ଛାତ ଭୁଷୁଡ଼ି ଜଣେ ଶ୍ରମିକ ମୃତ ଓ ଜଣେ ଆହତ ।

—ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ରାଉତଙ୍କର ୭୮ ବର୍ଷରେ ପରଲୋକ । ୧୯୮୯-୯୦ରେ ସେ ରାଜ୍ୟ ଶିକ୍ଷ ମନ୍ତ୍ରୀ ଥିଲେ ।

୨୫।୧-୨୦୨୦ ବର୍ଷ ପାଇଁ ଦେଶର ବେସାମରିକ ନାଗରିକ ସମ୍ମାନ 'ପଦ୍ମ' ଉପାଧି ପାଇବେ ୧୧ ଜଣ ଓଡ଼ିଆ । ବିଶିଷ୍ଟ ଶିକ୍ଷାବିତ୍ ମନୋଜ ପଣ୍ଡାଙ୍କୁ 'ପଦ୍ମଭୂଷଣ' ଏବଂ ଅନ୍ୟ ୧୦ ଜଣ ଓଡ଼ିଆ 'ପଦ୍ମଶ୍ରୀ' ସମ୍ମାନ ପାଇଁ ଯୋଗ୍ୟ ବିବେଚିତ ।

୨୬।୧- ଓଡ଼ିଶାର ଛାତ୍ର ଯଶ ମିଶ୍ରଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ପ୍ରଦାନ ଏବଂ ଜାତୀୟସ୍ତରୀୟ ବିଜ୍ଞାନପ୍ରତିଭା ଅନ୍ୱେଷଣ ପରୀକ୍ଷାରେ ଅଷ୍ଟମ ଶ୍ରେଣୀ ବର୍ଗରେ ଓଡ଼ିଆ ଛାତ୍ର ନିଶାନ୍ତ କାର୍ତ୍ତିକ ନାୟକ ସର୍ବଭାରତୀୟ ସ୍ତରରେ ଟପର ହୋଇଛନ୍ତି ।

୨୭।୧- ନୂଆ ଦିଲ୍ଲୀରେ ୭୧ତମ ଜନରାଜ୍ୟ ଦିବସରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ର ଦ୍ୱିତୀୟ ସ୍ଥାନ ହାସଲ ।

୨୮।୧- ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଫାର୍ମରେ ବାର୍ଡଫ୍ଲୁ ଚିହ୍ନଟ ହେବାପରେ ୯୨୨ଟି କୁକୁଡ଼ାଙ୍କୁ ମରାଗଲା ।

– ଜନଗଣନାରେ ବାପା, ମା'ଙ୍କର ଜନ୍ମସ୍ଥାନ ସମ୍ପର୍କିତ ତଥ୍ୟ ବାଧ୍ୟତାମୂଳକ ନୁହେଁ ବୋଲି ବିଜେଡ଼ି ସଂସଦୀୟ ଦଳ ବୈଠକରେ ନିଷ୍ପତ୍ତିଗ୍ରହଣ ।

୩୧।୧- ୧୨ଦିନ ଧରି ଚାଲିଥିବା କଟକ, କଳାବିକାଶ କେନ୍ଦ୍ରରେ ଗ୍ଲୋବାଲ ଥିଏଟର୍ ଫେଷ୍ଟିଭାଲ ଉଦ୍‌ଯାପିତ । ବନାରସର 'ବେଓ୍ୱଫା' ଶ୍ରେଷ୍ଠ ନାଟକ, ହିନ୍ଦୀ ନାଟକ 'ପକେଟମାର ରଙ୍ଗ ମଣ୍ଡଳ' ଦ୍ୱିତୀୟ ଏବଂ ମଣିପୁରୀ ନାଟକ 'କୁନ୍ତୀ'ର ତୃତୀୟ ସ୍ଥାନ ହାସଲ ।

୨।୨- ବିଶିଷ୍ଟ ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ବିପ୍ଲବୀ କବି ରବି ସିଂଙ୍କର ୯୮ ବର୍ଷରେ ପରଲୋକ । ସେ ବାଲ୍ୟଜୀବନରୁ ବାମପନ୍ଥୀ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ଥିଲେ ।

୩।୨- କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ଚିକିତ୍ସାଳୟରେ ପ୍ରଥମଥର ଲାଗି କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ ସଫଳତାର ସହିତ ସମ୍ପନ୍ନ । ଦୀର୍ଘ ୭ ଘଣ୍ଟାର ଅଭିଯାନରେ ମଧ୍ୟରାତ୍ରରେ ଭୁବନେଶ୍ୱରରୁ ମୂତ୍ରାଶୟ ଅଣାଯାଇଥିଲା ।

– ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବରେ ପ୍ରସିଦ୍ଧ ଗୀତିକାର ପଦ୍ମଭୂଷଣ ଗୁଲଜାର ସାହେବ, ଚକ୍ଷୁ ବିଶେଷଜ୍ଞ ଡ. ସୁଜାତା ଦାସ ଓ ପଦ୍ମବିଭୂଷଣ ବୈଜ୍ଞାନିକ ଡା. ମଞ୍ଜୁ ଶର୍ମାଙ୍କୁ ଡି.ଏସ୍.ସି. ଡିଗ୍ରୀ ପ୍ରଦାନ କରାଯିବ ।

୭।୨- ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ଭାବେ ସଞ୍ଜୀବ କୁମାର ପାଣିଗ୍ରାହୀ ନିଯୁକ୍ତ ।

୯।୨- ବ୍ରହ୍ମପୁରର ରଙ୍ଗେଇଲୁଣ୍ଡାଠାରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ଏକ ଯାତ୍ରୀବାହୀ ବସର ୧୦ ଜଣ ଜୀବନ୍ତ ଦଗ୍ଧ ଏବଂ ୧୭ ଜଣ ଗୁରୁତର ।

୧୧।୨- ପୂର୍ବତନ ପୋଲିସ୍ ଡିଜି ପ୍ରଫୁଲ୍ଲ ଚନ୍ଦ୍ର ରଥଙ୍କର ୮୫ ବର୍ଷରେ ପରଲୋକ ।

୧୩।୨- ବରିଷ୍ଠ ଓଡ଼ିଆ ଆଇ.ଏ.ଏସ. ଅଫିସର ଦେବାଶିଷ ପଣ୍ଡା ଭାରତ ସରକାରଙ୍କର ନୂତନ ଅର୍ଥ ସଚିବ ଭାବେ ନିଯୁକ୍ତ ।

୧୪।୨- ସରକାରୀ କର୍ମଚାରୀଙ୍କର ୫ ପ୍ରତିଶତ ମହଙ୍ଗାଭତ୍ତା ବୃଦ୍ଧି ।

EDITED, PRINTED & PUBLISHED BY ANASUYA NANDA AT SANSAR PRESS, TALATELENGA BAZAR, CUTTACK-753009, Ph : 2420075, 2422597

## ଭାରତ ଖବର

୨୦।୧- ବିଜେପିର ୧୧ତମ ରାଷ୍ଟ୍ରୀୟ ସଭାପତି ଭାବେ ଜଗତ ପ୍ରକାଶ ନଡ୍ଡା ନିର୍ବାଚିତ ।

– ଭୁବନେଶ୍ୱର ସୁରତ ମଧ୍ୟରେ ବିମାନ ଚଳାଚଳ ଆରମ୍ଭ ।

୨୫।୧- ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେଶର ବେସାମରିକ ସମ୍ମାନ ପଦ୍ମ ପାଇଁ ୧୪୧ ଜଣ ମନୋନୀତ । ପଦ୍ମବିଭୂଷଣ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ୭ଜଣଙ୍କ ମଧ୍ୟରେ ଅଛନ୍ତି ସୁଷମା ସ୍ୱରାଜ, ଜର୍ଜ ଫର୍ଣ୍ଣାଡିଜ୍ ଓ ଅରୁଣ ଜେଟ୍‌ଲି (ମରଣୋତ୍ତର), କ୍ରୀଡ଼ାବିତ୍ ଏମ୍.ସି. ମେରିକମ୍, ମରିସସ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଅନିରୁଦ୍ଧ ଜଗନ୍ନାଥ, କଳାପାଇଁ ଚିନ୍ନୁଲାଲ ମିଶ୍ର ଏବଂ ଆଧ୍ୟାତ୍ମିକ ଗୁରୁ ବିଶ୍ୱେସ ତୀର୍ଥ ସ୍ୱାମୀଜୀ ।

୧ ।୨- ଲୋକସଭାରେ ପୂର୍ଣ୍ଣାଙ୍ଗ ବଜେଟ୍ ୨୦୨୧-୨୧ ଆଗତ । ଆୟ- ୨୨.୪୬ ଲକ୍ଷ କୋଟି, ବ୍ୟୟ- ୩୦.୪୨ଲକ୍ଷ କୋଟି ଏବଂ ବିତ୍ତୀୟ ନିଅଣ୍ଟ- ୩.୫ ପ୍ରତିଶତ । ୫ ଲକ୍ଷ ପର୍ଯ୍ୟନ୍ତ ଜମାରାଶି ବୀମାଭୁକ୍ତ ।

୨।୨- ଅଖିଳ ଭାରତ ହିନ୍ଦୁ ମହାସଭାର ଉତ୍ତରପ୍ରଦେଶ ରାଜ୍ୟ ସଭାପତି ସଂଜିତ୍ ବଚ୍ଛନଙ୍କୁ ହତ୍ୟା ।

୫ ।୨- ଅଯୋଧ୍ୟା ରାମମନ୍ଦିର ନିର୍ମାଣ ପାଇଁ ପ୍ରସ୍ତାବିତ ଟ୍ରଷ୍ଟ ଗଠନକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ । ମୋଟ ୧୫ଜଣ ଟ୍ରଷ୍ଟି ଏଥିରେ ରହିବେ ।

୬ ।୨- ଦେଶରେ ଥିବା ସମବାୟ ବ୍ୟାଙ୍କଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟମ ପରିସରଭୁକ୍ତ । କେନ୍ଦ୍ର କ୍ୟାବିନେଟ୍ ଏଭଳି ଏକ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ।

୯।୨- ପ୍ରଖ୍ୟାତ ସାହିତ୍ୟିକ ତଥା ଲୋକସେବକ ମଣ୍ଡଳର ଟ୍ରଷ୍ଟି ପଦ୍ମଶ୍ରୀ ଗିରିରାଜ କିଶୋରଙ୍କର ୮୩ ବର୍ଷରେ ପରଲୋକ ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ପ୍ରଚାରକ ତଥା ଜନସଂଘର ପୂର୍ବତନ ନେତା ପି. ପରମେଶ୍ୱରଙ୍କର ୯୩ ବର୍ଷରେ ପରଲୋକ ।

୧୧ ।୨- ନୂଆଦିଲ୍ଲୀ ନିର୍ବାଚନରେ ଆପ୍‌ର ମୋଟ୍ ୭୦ଟି ଆସନରୁ ୬୨ଟିରେ ବିଜୟଲାଭ ଏବଂ ବିଜେପି ୮ଟି ଆସନରେ ଏବଂ କଂଗ୍ରେସ୍‌କୁ ସର୍ବନିମ୍ନ ୫ ପ୍ରତିଶତ ଭୋଟ୍ ମିଳିଛି । ଅରବିନ୍ଦ କେଜରିୱାଲ ତୃତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ।

୧୩।୨- ବିଶିଷ୍ଟ ଅର୍ଥନୀତିଜ୍ଞ ରାଜେନ୍ଦ୍ର କୁମାର ପଚୌରୀଙ୍କର ୭୯ ବର୍ଷରେ ପରଲୋକ । ସେ ୨୦୦୨ରୁ ୨୦୧୫ ପର୍ଯ୍ୟନ୍ତ ଜାତିସଂଘ ଆଇପିସିର ଅଧ୍ୟକ୍ଷ ଥିଲେ ।

## ବିଦେଶ ଖବର

୨୧।୧- ଚୀନର ଉହାନ ଓ ହୁବେଇ ପ୍ରଦେଶରେ ଦେଖାଦେଇଥିବା ନଭେଲ କରୋନା ଭୂତାଣୁ ସଂକ୍ରମଣରେ ୬ ମୃତ, ୩୦୦ ଆକ୍ରାନ୍ତ । ଚୀନ ଓ ହଂକଂରୁ ଆସୁଥିବା ଯାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିର୍ଦ୍ଦେଶ ।

୨୫।୧- ତୁର୍କୀରେ ଭୂକମ୍ପ ଯୋଗୁଁ ୩୧ ମୃତ ଓ ୧୧୦୦ ଆହତ ।

୧।୨- ଗ୍ରାଣ୍ଡ ସ୍ଲାମ୍ ଟେନିସ୍ ଚମ୍ପିଆନ୍‌ସିପ ଅଷ୍ଟ୍ରେଲିଆନ୍ ଓପନର୍ ମହିଳା ସିଙ୍ଗଲସ୍ ଚମ୍ପିଆନରେ ଆମେରିକାର ସୋଫିଆ କେନିନ୍‌ଙ୍କର ଚମ୍ପିଆନ୍ ଆଖ୍ୟା ହାସଲ ।

୬।୨- ମହାକାଶରେ ୨୮ ଦିନ ଅତିବାହିତ କରିବାପରେ ପୃଥିବୀପୃଷ୍ଠକୁ ଫେରିଛନ୍ତି ଖ୍ରୀଷ୍ଟିନା କୋଚ୍ । ୫୨୪୮ ଥର ପୃଥିବୀବକ୍ଷରେ ଚାଲି ସେ ରେକର୍ଡ ସୃଷ୍ଟି କରିଛନ୍ତି ।

- ଆମେରିକା ସଂସଦର ଉଚ୍ଚ ସଦନ ସିନେଟ୍, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରିଛନ୍ତି ।

୧୨।୨- ଆତଙ୍କବାଦ ପାଇଁ ପାଣ୍ଠିଯୋଗାଣ ମାମଲାରେ ଜମାଡ୍-ଉଦ୍-ଜଓ୍ୱା ଆତଙ୍କବାଦୀ ସଂଗଠନର ମୁଖ୍ୟ ହାଫିଜ୍ ସଇଦଙ୍କୁ ୧୧ ବର୍ଷ କାରାଦଣ୍ଡାଦେଶ ।

୧୫।୨- ୱାଶିଂଟନ୍ ପକ୍ଷରୁ ବିବେଚନା କରାଯାଉଥିବା ବିକାଶଶୀଳ ରାଷ୍ଟ୍ରସମୂହ ତାଲିକାରୁ ଭାରତର ନାମକୁ ବାଦ ଦିଆଯାଇଛି ।